

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୪ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 June 2026

Vol.No. 36 ■ No.146 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ସିଧାସଳଖ ଯୁଦ୍ଧକୁ ଓହ୍ଲାଇଲେ ଆମେରିକା ଓ ଇରାନ୍



ନୂଆଦିଲ୍ଲୀ,୩/୬ : ଆମେରିକା ଉପରେ ପ୍ରତିଶୋଧ ନେବାକୁ ଯାଇ ଇରାନ ବୁଧବାର ସକାଳେ କୁଏତ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। କୁଏତ ସାମରିକ ବାହିନୀ କହିଛି ଯେ ଏହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ବାଧା ଦେଉଛି। ସ୍ଥାନୀୟ ବାସିନ୍ଦାମାନେ ଜୋରଦାର ବିସ୍ଫୋରଣ ଶୁଣିଥିବା କଥା କହିଛନ୍ତି। ଏହାର ପ୍ରାରମ୍ଭିକ ବିବୃତ୍ତିରେ, କୁଏତ ସେନାର ଜେନେରାଲ ଷ୍ଟାଫ୍ କହିଛନ୍ତି ଯେ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ବାଧା ଦେଉଛି। ସେମାନେ ଏହା ମଧ୍ୟ କହିଛନ୍ତି ଯେ ଏହି ଆକ୍ରମଣଗୁଡ଼ିକୁ ବାଧା ଦେବା ଦ୍ୱାରା ବିସ୍ଫୋରଣ ହୋଇଥିଲା। କୁଏତ ଆକ୍ରମଣର ସ୍ଥାନ ପ୍ରକାଶ କରିନାହିଁ। କିନ୍ତୁ ଇରାନୀ ଗଣମାଧ୍ୟମ ସମ୍ପ୍ରତି ରିପୋର୍ଟ କରିଛି ଯେ କୁଏତର ଏକ ଦ୍ୱୀପ ଅଞ୍ଚଳରେ ବିସ୍ଫୋରଣ ଶୁଣାଯାଇଥିଲା। ଇରାନର ସରକାରୀ ପ୍ରସାରଣକାରୀ ସଂସ୍ଥା ଆଇଆରଆଇବି ଦାବି କରିଛି ଯେ କୁଏତରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ଅନ୍ତର୍ଜାତୀୟ ସୀମା ସୁରକ୍ଷା ବାହିନୀ ଏହି ଆକ୍ରମଣକୁ ପାରସ୍ୟ ଉପସାଗର, ହର୍ମୁଜ୍ ପ୍ରଣାଳୀ ଏବଂ କ୍ୱେଶମ୍ ଦ୍ୱୀପରେ ଆମେରିକାର ଶତ୍ରୁତାପୂର୍ଣ୍ଣ କାର୍ଯ୍ୟର ଜବାବ ବୋଲି କହିଛି। ସରକାରୀ ଟିଭି ରିପୋର୍ଟ କରିଛି ଯେ କୁଏତରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରାଯାଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ପଣ୍ଡ କରାଯାଇଛି। ବାହାରିନର ଗୃହ ମନ୍ତ୍ରଣାଳୟ ମଧ୍ୟ ଏକ ସତର୍କତା ସାଇରନ୍ ବାଜିବା ବିଷୟରେ ରିପୋର୍ଟ କରିଛି। ଗୃହ ମନ୍ତ୍ରଣାଳୟ କହିଛି ଯେ ବୁଧବାର ଏକ ସତର୍କତା ସାଇରନ୍ ବାଜିଥିଲା, ଯେଉଁଥିରେ ନାଗରିକ ଏବଂ ବାସିନ୍ଦାଙ୍କୁ ଶାନ୍ତ ରହିବା ଏବଂ ସରକାରୀ ସୁରକ୍ଷା ନିର୍ଦ୍ଦେଶ ପାଳନ କରିବା ଏବଂ ନିକଟବର୍ତ୍ତୀ ସୁରକ୍ଷିତ ସ୍ଥାନକୁ ଯିବାକୁ ଅନୁରୋଧ କରାଯାଇଥିଲା।

# ପୁରୀରେ ତିନିଦିନିଆ ବ୍ରିକ୍ସ ସମ୍ମିଳନୀ ଆରମ୍ଭ: ସାମିଲ ହେଲେ ୧୧ ଦେଶର ପ୍ରତିନିଧି




ପୁରୀ, ୦୩/୬ (ନି.ପ୍ର): ଶ୍ରୀକ୍ଷେତ୍ରରେ ବିଶ୍ୱ ବିପର୍ଯ୍ୟୟ ପରିଚାଳନାକୁ ନେଇ ମାନସ ମନ୍ଥନ। ୧୧ ଦେଶର ପ୍ରତିନିଧିଙ୍କୁ ସ୍ୱାଗତ କରିଛି ଶ୍ରୀକ୍ଷେତ୍ର ପୁରୀ। ସହରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସହର, ହୋଟେଲ ଓ ଭେନ୍ୟୁ ଉପରେ ସିସିଟିଭିର କଡ଼ା ନଜର। ସେଫଟି, ସିକ୍ୟୁରିଟି, ସାନିଟାଇଜେଶନ ଉପରେ ଦିଆଯାଇଛି ଫୋକସ। ଶ୍ରୀକ୍ଷେତ୍ରରେ ବିଶ୍ୱ ବିପର୍ଯ୍ୟୟ ପରିଚାଳନାକୁ ନେଇ ହେଉଛି ମାନସ ମନ୍ଥନ। ସାରା ବିଶ୍ୱର ନଜର ଏବେ ଶ୍ରୀକ୍ଷେତ୍ର ଉପରେ। ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ କମିଟି ବା ଡିଜାଷ୍ଟର ରିଡକ୍ସନ ୱାର୍କିଂ କମିଟିର ଏହା ହେଉଛି ଦ୍ୱିତୀୟ ବୈଷୟିକ ସମ୍ମିଳନୀ। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଛି ଏଭଳି ଏକ ଅନ୍ତର୍ଜାତୀୟ ସମ୍ମିଳନୀ। ବିପର୍ଯ୍ୟୟ ପରିଚାଳନା ସହ ପ୍ରତିରୋଧ କ୍ଷମତା ବୃଦ୍ଧି ଉପରେ କରାଯାଉଛି ଆଲୋଚନା। ଏହି ସମ୍ମିଳନୀରେ ଯୋଗଦେଇଛନ୍ତି ଭାରତ ସମେତ ବ୍ରାଜିଲ, ରୁଷିଆ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ଚାଇନା, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଓ ୟୁଏଇ ଭଳି ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧି। ସବୁ ଦେଶର ପ୍ରତିନିଧି ନିଜର ଅଭିଜ୍ଞତା ବାଣ୍ଟିବା ସହ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ଓ ପ୍ରତିରୋଧ ପାଇଁ ମତ ରଖିବେ। ବିଶେଷ କରି ବିପର୍ଯ୍ୟୟ ସମୟରେ ପରିଚାଳନା ଓ ବିପର୍ଯ୍ୟୟର ଆଗୁଆ ସତର୍କତା ସମ୍ବନ୍ଧରେ ବାହାରିବ ସୂତ୍ର।

## ସୌମ୍ୟ ହତ୍ୟା ଘଟଣାରେ ଏନ୍ଏଚ୍ଆରସିଙ୍କ ତଦନ୍ତ : ଗେଷ୍ଟ ହାଉସ୍‌ରେ ଫରେନ୍‌ସିକ୍ ଟିମ୍‌ଙ୍କୁ ପଚରାଉଚରା

ଭୁବନେଶ୍ୱର, ୦୩/୬ (ନି.ପ୍ର): ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ଜୋରଦାର ଚାଲିଛି ତଦନ୍ତ । ଗେଷ୍ଟ ହାଉସରେ ପହଞ୍ଚିଲେ ଫରେନସିକ ଟିମ୍ । ସୌମ୍ୟ ମୃତ୍ୟୁ ମାମଲାରେ ଏନ୍ଏଚ୍ଆରସି ଜେରା ପାଇଁ ପହଞ୍ଚିଲେ ଫରେନସିକ୍ ଟିମ୍ । ସାଇଣ୍ଟିଫିକ ଟିମ୍ ମୁଖ୍ୟଙ୍କ ସହ ୪ ଜଣ ହାଜର ହୋଇଛନ୍ତି । ସୌମ୍ୟ ହତ୍ୟାକାଣ୍ଡ ପରେ, ଏହି ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିବା ସହ, ମୃତ ଦେହର ପାଞ୍ଚନାମା କରିଥିଲା । ତଦନ୍ତକାରୀ ଅଧିକାରୀଙ୍କୁ ଦେଇ ଥିବା ତଥ୍ୟ ଭିତ୍ତିକ ପ୍ରମାଣ ବାବଦରେ ପଚାରିବା ପାଇଁ ଫରେନ୍‌ସିକ୍ ଟିମ୍‌କୁ ସମନ କରିଥିଲା ଏନ୍ଏଚ୍ଆରସି । ସେପଟେ ହତ୍ୟାକାଣ୍ଡ ଦିନ ସୌମ୍ୟଙ୍କୁ ଟ୍ରକରେ ନେଇଥିବା ଡ୍ରାଇଭରଙ୍କୁ ପଚରାଉଚରା କରିଛି ଏନ୍ଏଚ୍ଆରସି ଟିମ୍ । ଏନେଇ ପ୍ରତିକ୍ରିୟା ରଖିଛନ୍ତି ମିନିଟ୍ରକ୍ ଡ୍ରାଇଭର । ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡରେ ତନାଘନା କରୁଛନ୍ତି ଜାତୀୟ ମାନବାଧିକାର କମିସନଙ୍କ ୨ ଜଣିଆ ଟିମ୍ ।

◆◆ପୃଷ୍ଠା ୭

# ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ କ୍ୟାବିନେଟ୍‌ରେ ମଞ୍ଜୁରୀ: ଖର୍ଚ୍ଚ ହେବ ୮,୩୦୦ କୋଟି

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୩/୬ : ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୩ କିଲୋମିଟର ଏହି ରାଜପଥ ନିର୍ମାଣ ହେବ। ଏହି ମେଗା ପ୍ରକଳ୍ପରେ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଉପକୂଳ ରାଜପଥ ରାମେଶ୍ୱର ଠାରୁ ପାରାଦୀପରେ ପହଞ୍ଚିବ। ଅର୍ଥାତ ଏହି ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ଛୁଇଁବ। ଏହି ପ୍ରକଳ୍ପ ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିକାଶରେ ସହାୟକ ହେବ। ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଅଂଶ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଗତି କରୁଛି। ୧୬ ନମ୍ବର ଜାତୀୟ ରାଜପଥର ଏହା ହେଉଛି ସ୍ୱର୍ଣ୍ଣ ଚତୁର୍ଭୁଜର ଅଂଶ ଏବଂ ଏହା ପୂର୍ବରୁ ଏକ ୬ ଥାକିଆ ରାଜପଥ ଅଟେ, ଯାହା ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ପ୍ରମୁଖ ସହର ଦେଇ ଗତି କରୁଛି । ଜାତୀୟ ରାଜପଥ ୨୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରୁଛି ଏବଂ ଏହା ସାତପଡ଼ା ଏବଂ କୋଣାର୍କ ଆଡକୁ ସଂପ୍ରସାରିତ ହୋଇଛ।

◆◆ପୃଷ୍ଠା ୭

## ଓପିଜିସି ବିଦ୍ୟୁତ ଉତ୍ପାଦନରେ ରାଜ୍ୟସ୍ତରରେ ପ୍ରଥମ

ଭୁବନେଶ୍ୱର, ୦୩/୬ (ନି.ପ୍ର): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି), ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସନୀୟତା ପ୍ରଦର୍ଶନ କରି ରାଜ୍ୟ କ୍ଷେତ୍ର ରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦେଶର ସମସ୍ତ ରାଜ୍ୟସ୍ତରୀୟ ବିଦ୍ୟୁତ ଉତ୍ପାଦନକାରୀଙ୍କ ମଧ୍ୟରେ ପ୍ରଥମ। ସମଗ୍ର ଦେଶର ସମସ୍ତ କ୍ଷେତ୍ର (ସରକାରୀ ଏବଂ ବେସରକାରୀ) ମଧ୍ୟରେ ଦଶମ ସ୍ଥାନରେ ରହିଛି । ୧୦୦୦ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ବୃହତ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛି। ଓପିଜିସିର ଏହି ଅଭୂତପୂର୍ବ ସଫଳତା, ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଦିଗଦର୍ଶନ ଏବଂ ନିରନ୍ତର ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି। ରାଜ୍ୟର ଶକ୍ତି କ୍ଷେତ୍ରକୁ ସ୍ୱାବଲମ୍ବୀ ଓ ସମୃଦ୍ଧ କରିବା ପାଇଁ ତାଙ୍କର ପ୍ରେରଣା ସଂସ୍ଥାର ପ୍ରଗତିକୁ ଏକ ନୂଆ ଗତି ପ୍ରଦାନ କରିଛି। ଏହି ଅସାଧାରଣ ପ୍ରଦର୍ଶନ, ନିରନ୍ତର ଏବଂ ଦକ୍ଷ ବିଦ୍ୟୁତ ଉତ୍ପାଦନ ପାଇଁ ଓପିଜିସିର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସହ ଭାରତର ଏକ ଅଗ୍ରଣୀ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି ।କର୍ପୋରେସନର ଏହି ଚମତ୍କାର ପ୍ଲାଂଟ ଲୋଡ୍ ଫ୍ୟାକ୍ଟର , ଉନ୍ନତ ପ୍ଲାଂଟ ପରିଚାଳନା, ସଠିକ୍ ରକ୍ଷଣାବେକ୍ଷଣ ଏବଂ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରତିଫଳିତ କରୁଛି।

## ୮ ତାରିଖରେ ଇଣ୍ଡିଆ ମେଣ୍ଟର ବୈଠକ: ସାମିଲ ହେବେ ୧୫ ଦଳର ପ୍ରତିନିଧି, ଦିଲ୍ଲୀରେ ଥିବାରୁ ଯୋଗ ଦେଇପାରନ୍ତି ନବୀନ



ଭୁବନେଶ୍ୱର, ୦୩/୬ (ନି.ପ୍ର): ରାଜନୀତିରେ କେହି ଚିରଶତ୍ରୁ ନୁହନ୍ତି କି କେହି ଚିରମିତ୍ର ନଥାନ୍ତି। ପରିସ୍ଥିତି ଓ ସମୀକରଣ ରାଜନୀତିରେ ଚିତ୍ର ଓ ଚରିତ୍ରରେ ପରିବର୍ତ୍ତନ ଆଣିଥାଏ। ଇଣ୍ଡିଆ ମେଣ୍ଟରେ ଏବେ ଠିକ୍ ସେମିତି ଘଟିବାକୁ ଯାଉଛି। ମମତା ବାନାର୍ଜୀ ପୁଣିଥରେ ଇଣ୍ଡିଆ ମେଣ୍ଟ ମୁହାଁ ହୋଇଥିବା ବେଳେ ଡିଏମକେ ଦେଉଛି କରଛଡା। ଏଭଳିସ୍ଥଳେ ରାଜ୍ୟରେ ବିଜେପି ବିରୋଧରେ ରଣହୁଙ୍କାର ଦେଉଥିବା ନବୀନ, ଏବେ ଇଣ୍ଡିଆ ମେଣ୍ଟ ଆଡକୁ ଢଳିବେ କି? ଦୀର୍ଘ ଦିନ ପରେ ଇଣ୍ଡିଆ ମେଣ୍ଟର ଛାତ ତଳେ ପୁଣି ଏକାଠି ନଜର ଆସିବେ ବିରୋଧୀ ଦଳ। ଆସନ୍ତା ୮ ତାରିଖରେ ୧୫ରୁ ଅଧିକ ରାଜନୈତିକ ଦଳ ଏକାଠି ହୋଇ ଏନଡିଏ ସରକାରକୁ ଘେରିବାକୁ ପ୍ରସ୍ତୁତ କରିବେ ରଣନୀତି। ହେଲେ ରାଜ୍ୟରେ ବିଜେପି ବିରୋଧରେ ବିଷୋଦ୍‌ଗାର

◆◆ପୃଷ୍ଠା ୭

## କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ବଡ଼ ଆକ୍ସନ: ଥାନାର ସବୁ କର୍ମଚାରୀ ବଦଳି

ଭୁବନେଶ୍ୱର, ୦୩/୬ (ନି.ପ୍ର): କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା । କବିସୂର୍ଯ୍ୟନଗର ଥାନାର ସବୁ କର୍ମଚାରୀଙ୍କ ବଦଳି ହୋଇଥିବା ସୂଚନା । ବାଲିଛାଇ ଫାଣ୍ଡିର ସବୁ କର୍ମଚାରୀ ବି ବଦଳିଛନ୍ତି। ୨୬ କର୍ମଚାରୀଙ୍କୁ ଅନ୍ୟ ଉପଖଣ୍ଡକୁ ବଦଳି କରାଯାଇଛି । ୨ ଏସଏଆଇ ଓ ୩ ଏସଏଆଇଙ୍କର ବଦଳି ହୋଇଛି । ହୋମଗାର୍ଡ୍ ଓ କନେଷ୍ଟବଳ ବି ବଦଳିଛନ୍ତି । କେବଳ ଥାନା ନୁହେଁ, ବାଲିଛାଇ ଫାଣ୍ଡିର ସମସ୍ତ କର୍ମଚାରୀଙ୍କର ମଧ୍ୟ ବଦଳି ହୋଇଛି। ହାଜତ ମୃତ୍ୟୁ ଘଟଣାର ତଦନ୍ତ ଚାଲିଥିବାବେଳେ ପ୍ରଶାସନର ଏହି ପଦକ୍ଷେପକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦେଖାଯାଉଛି । କବିସୂର୍ଯ୍ୟନଗର ଥାନା ହାଜତରେ ଯୁବକଙ୍କ ମୃତ୍ୟୁ ପରେ ତୀବ୍ର ହୋଇଥିଲା ଜନଅସନ୍ତୋଷ । ପରିବାର ଲୋକେ ପୁଲିସ ନିର୍ଯାତନା ଅଭିଯୋଗ ଆଣିଥିବା ବେଳେ ବିରୋଧୀ ଦଳମାନେ ମଧ୍ୟ ଏହି ଘଟଣାକୁ ନେଇ ସରକାରଙ୍କୁ ଘେରିଥିଲେ । ଘଟଣା ପରେ ତଦନ୍ତ ପାଇଁ ଏଚଆରପିସି ଟିମ୍ ମଧ୍ୟ ମୈଦାନକୁ ଓହ୍ଲାଇଥିଲା । ଏହାରି ଭିତରେ ପୁଲିସ ବିଭାଗ ପକ୍ଷରୁ ବଡ଼ ଅଦଳବଦଳ କରାଯାଇଛି । କବିସୂର୍ଯ୍ୟନଗର ଥାନାର ସମସ୍ତ କର୍ମଚାରୀଙ୍କୁ ଅନ୍ୟ ଉପଖଣ୍ଡକୁ ବଦଳି କରାଯାଇଛି ।

## ଦୁଇଫାଳ ହୋଇଗଲା ତୃଣମୂଳ କଂଗ୍ରେସ: ୬୦ ବିଧାୟକଙ୍କୁ ଧରି ବିଦ୍ରୋହ ଆରମ୍ଭ କଲେ ରିତୁବ୍ରତ, ଅଭିଷେକଙ୍କ ଘରେ ଇଡ଼ି ଚଢ଼ାଉ



ନୂଆଦିଲ୍ଲୀ,୩/୬ : ଦୁଇଫାଳ ହୋଇଗଲା ତୃଣମୂଳ କଂଗ୍ରେସ। ପଶ୍ଚିମବଙ୍ଗ ରାଜନୀତିରେ ବଡ଼ ହଟଚମଟ। ମମତାଙ୍କ ହାତରୁ ଖସିଗଲା କି ଟିଏମ୍‌ସି ୬୦ ବିଧାୟକଙ୍କୁ ନେଇ ବିଦ୍ରୋହୀ ଗୋଷ୍ଠୀ ଗଢ଼ିଥିବା ଋତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ଦେଇଛନ୍ତି ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି । ବିଦ୍ରୋହୀ ଗୋଷ୍ଠୀଙ୍କୁ ବିଧାନସଭାରେ ଦେଇଛନ୍ତି ଅସଲି ଟିଏମସିର ମାନ୍ୟତା। ଏହା ପଶ୍ଚିମବଙ୍ଗ ରାଜନୈତିକ ସମୀକରଣକୁ ଓଲଟପାଲଟ କରିବା ସହ, ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀଙ୍କୁ ଲାଗିଛି ଶକ୍ତ ଧକ୍କା। ପୂର୍ବରୁ ଋତବ୍ରତଙ୍କୁ ଦଳରୁ ନିଲମ୍ବନ କରିସାରିଛି ଟିଏମସି । ଏଥିସହ ନିଜର ଅତି ବିଶ୍ୱସ୍ତ ଶୋଭନଦେବ ଚାଟାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ଘୋଷଣା କରିଥିଲେ । ତେବେ ଆଜି ଟିଏମସିର ୫୮ ବିଧାୟକ ବାଚସ୍ପତିଙ୍କୁ ଭେଟି ଋତବ୍ରତଙ୍କୁ ବିରୋଧୀ ଦଳ ନେତା କରିବା ପାଇଁ ସମର୍ଥନ ପତ୍ର ଦେଇଥିଲେ । ଏହାପରେ ବାଚସ୍ପତି ସେହି ବିଧାୟକମାନଙ୍କ ସହ ଜଣ ଜଣ କରି ଆଲୋଚନା କରିବା ପରେ,

◆◆ପୃଷ୍ଠା ୭

## ଦିଲ୍ଲୀ ମାଳବ୍ୟନଗର ରେଷ୍ଟୁରାଣ୍ଟରେ ଭୟାବହ ଅଗ୍ନିକାଣ୍ଡ: ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି



ନୂଆଦିଲ୍ଲୀ,୩/୬ : ଦିଲ୍ଲୀର ମାଲବ୍ୟ ନଗରରେ ଥିବା ରେଷ୍ଟୁରାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ । ନିଆଁ ଲାଗି ୨୧ ଜଣଙ୍କ ମୃତ୍ୟୁ । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା । ଏକାଧିକ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି । ରେଷ୍ଟୁରାଣ୍ଟଟି ବିଲ୍ଡିଂର ବେସମେଣ୍ଟରେ ଚାଲୁଥିଲା। ନିଆଁ ଲାଗିବା ପରେ ପୁରା ବିଲ୍ଡିଂରେ ଦ୍ରୁତ ଗତିରେ ବ୍ୟାପିଗଲା । ଅଗ୍ନିକାଣ୍ଡର ଭୟଙ୍କର ତୀବ୍ରତା ଦେଖି, ଅନେକ ଲୋକ ନିଜ ଜୀବନ ବଞ୍ଚାଇବା ପାଇଁ କୋଠାରୁ ଡେଇଁ ପଡ଼ିଥିଲେ । ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ ସକାଳ ୯ଟାରେ ଅଗ୍ନିକାଣ୍ଡର ଖବର ମିଳିଥିଲା । ଦିଲ୍ଲୀର ମାଲବୀୟ ନଗରରେ ଥିବା ଫ୍ଲୋରିଷ ହୋଟେଲରେ ଅଗ୍ନିକାଣ୍ଡ । ମୃତକଙ୍କ ମଧ୍ୟରେ ଅଧିକାଂଶ ଆଫ୍ରିକିୟ ଦେଶର ବୋଲି ଜଣାପଡିଛି । ଦିଲ୍ଲୀର ଅଗ୍ନିଶମ ବିଭାଗର କହିବା ଅନୁସାରେ ସକାଳ ୮ଟା ୫୦ରେ ନିଆଁ ଲାଗିଥିଲା । ବେସମେଣ୍ଟରେ ରେଷ୍ଟୁରାଣ୍ଟରେ ନିଆଁ ଲାଗି ଧିରେ ଧିରେ ଉପରେ ଥିବା ୬ ମହଲା ହୋଟେଲ ରୁମ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। କେଉଁ କାରଣରୁ ନିଆଁ ଲାଗିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଆହତଙ୍କ ସମେତ ପ୍ରାୟ ୪୭ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ନିଆଁର ଭୟାବହତା ଏତେ ଅଧିକ ଥିଲା ଯେ, କୋଠାର ଉପର ମହଲାରେ ଫସିଥିବା କିଛି ଲୋକ ନିଜ ଜୀବନ ବଞ୍ଚାଇବା ପାଇଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତାରେ ବିଛାଯାଇଥିବା ଗଦି ଉପରକୁ ଡେଇଁଥିଲେ । ତୃତୀୟ ମହଲାରୁ ଜଣେ ମହିଳା ତାଙ୍କ ଶିଶୁ ସହିତ ତଳକୁ ଡେଇଁ ପଡ଼ିଥିବା ଦୃଶ୍ୟ ମଧ୍ୟ ବିଚଳିତ କରିଥିଲା । ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, କୋଠାର ବେସମେଣ୍ଟରେ ପ୍ରବଳ ଧୂଆଁ ଜମି ରହିଥିବାରୁ ଉଦ୍ଧାରକାରୀ ଦଳକୁ ଭିତରକୁ ପ୍ରବେଶ କରିବାରେ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ଅକ୍ସିଜେନ ମାସ୍କ ସାହାଯ୍ୟରେ ଅଗ୍ନିଶମ କର୍ମଚାରୀ ମାନେ ଭିତରେ ଫସିଥିବା ଲୋକମାନଙ୍କୁ ବାହାରକୁ ଆଣିଥିଲେ ।

## ବିଜେଡି ଛାଡ଼ିଲେ ରଞ୍ଜନ ବିଶ୍ୱାଳ

ଭୁବନେଶ୍ୱର/କଟକ, ୦୩/୬ (ନି.ପ୍ର): ଦେବାଶିଷଙ୍କ ପରେ ବିଜେଡି ଛାଡ଼ିଲେ ରଞ୍ଜନ ବିଶ୍ୱାଳ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସେ ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଇସ୍ତଫାପତ୍ରରେ ଦଳରେ ଅଣଦେଖା କରାଯାଉଥିବା ଉଲ୍ଲେଖ କରିଛନ୍ତି । ପୂର୍ବତନ କର୍ପୋରେଟର, ଜୀବନ ବିନ୍ଦୁ କଟକ ସିଟି ସଂଯୋଜକ ଥିଲେ ରଂଜନ ବିଶ୍ୱାଳ । ଦେବାଶିଷ ସାମନ୍ତରାୟଙ୍କ ସମର୍ଥକ ଥିଲେ ରଂଜନ ବିଶ୍ୱାଳ ।

# ଝାରସୁଗୁଡ଼ାରେ ଏକାଧିକ ସଡ଼କ ପ୍ରକଳ୍ପର ଶିଳାନ୍ୟାସ: ଯୋଗାଯୋଗ ବ୍ୟବସ୍ଥା ହେବ ସୁଦୃଢ଼

ଝାରସୁଗୁଡ଼ା, ୩/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଗ୍ରାମାଂଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଓ ଅଂଚଳର ସାମଗ୍ରିକ ବିକାଶକୁ ଗତିଶୀଳ କରିବା ଲକ୍ଷ୍ୟରେ ସୋମବାର ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହି ପ୍ରକଳ୍ପଗୁଡ଼ିକର ଶୁଭ ଶିଳାନ୍ୟାସ କରିଥିଲେ। ରାଜ୍ୟ ଯୋଜନା ଅଧୀନରେ ତୁମ୍ବେକେଲାରୁ କୁମ୍ଭାରୀ ପର୍ଯ୍ୟନ୍ତ ପ୍ରମୁଖ ସଡ଼କର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ କାର୍ଯ୍ୟକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇଛି। ଏଥିମଧ୍ୟରେ ଖେରୱାଲରୁ ହିର୍ମା ରାସ୍ତା, ସରସମାଲ ବାଇପାସ୍ ଛକରୁ ମରାକୁଟା ରାସ୍ତା, ମରାକୁଟାରୁ ତିହାଡ଼ିପାଲି ଦେଇ ଜାତୀୟ ରାଜପଥ-୪୯ ସଂଯୋଗୀକରଣ ରାସ୍ତା ଏବଂ ପଂଚପଡ଼ା ଗ୍ରାମରୁ ଇବ୍ ନଦୀ ପର୍ଯ୍ୟନ୍ତ ସଡ଼କ ଅନ୍ତର୍ଭୁକ୍ତ ରହିଛି।

ଏହି ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ସଡ଼କ ଭିତିଭୂମିର ବିକାଶ ଅଂଚଳର ଆର୍ଥିକ ଓ ସାମାଜିକ ପ୍ରଗତିର ମୂଳ ଆଧାର। ଏହି ପ୍ରକଳ୍ପଗୁଡ଼ିକ କେବଳ ରାସ୍ତା ନିର୍ମାଣରେ ସୀମିତ ନ ରହି ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଆଶା ଓ ଆକାଂକ୍ଷାକୁ ପୂରଣ କରିବ। ଆଗାମୀ ଦିନରେ ମଧ୍ୟ ଅଂଚଳର ସର୍ବାଙ୍ଗୀଣ ବିକାଶ ଓ ଜନକଲ୍ୟାଣ ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଥିଲେ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ସ୍ଥାନୀୟ ଅଂଚଳର ଗମନାଗମନ ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିବା ସହ ଗ୍ରାମାଂଚଳ ଓ ସହରାଂଚଳ ମଧ୍ୟରେ ସଂଯୋଗ ଆହୁରି ସହଜ ହେବ ବୋଲି ଆଶା କରାଯାଉଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେପି ନେତା ପ୍ରମୋଦ ତ୍ରିପାଠୀ, ଝାରସୁଗୁଡ଼ା ମଣ୍ଡଳ ସଭାପତି ହେମ ରଞ୍ଜନ ସିଂହଙ୍କ ସମେତ ବହୁ ସ୍ଥାନୀୟ ନେତୃବୃନ୍ଦ, ବିଭାଗୀୟ ଅଧିକାରୀ ଓ ବିପୁଳ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଚମ୍ପୁଆ ଏନଏସିରେ ଅବ୍ୟବସ୍ଥା: ତଳେ ବସୁଛନ୍ତି ଲୋକେ

ଚମ୍ପୁଆ, ୩/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଅବ୍ୟବସ୍ଥା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଦେଖିବାକୁ ମିଳୁଛି। କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ସାଧାରଣ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଠାରେ ବୈଠକ ଗୃହରେ ଚେୟାର ନଥିବାରୁ ସାଧାରଣ ଲୋକେ ତଳେ ବସୁଥିବା ଦେଖିବାକୁ ମିଳିଛି । ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟାର ସମାଧାନ କିମ୍ବା ଆଲୋଚନା ପାଇଁ ଆସୁଥିବା ନାଗରିକ ଏବଂ ପ୍ରତିନିଧିମାନେ ବସିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନପାଇ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏନଏସି କାର୍ଯ୍ୟାଳୟକୁ ଆସୁଥିବା ବରିଷ୍ଠ ନାଗରିକ ତଥା ବୃଦ୍ଧ, ବୃଦ୍ଧା ସାଧାରଣ ଜନତା ସବୁଠୁ ଅଧିକ ହଇରାଣ ହେଉଥିବା ଜଣା ପଡିଛି। ଚମ୍ପୁଆ ଏନଏସି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ବୈଠକ ଗୃହ ଭଳି ପ୍ରମୁଖ ସ୍ଥାନରେ ଆସନର ବ୍ୟବସ୍ଥା ନ ରହିବା ଚମ୍ପୁଆ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ପ୍ରଶାସନିକ ଅଧିକାରୀ ମାନଙ୍କ ଅବହେଳା କାରଣରୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ବରିଷ୍ଠ ନାଗରିକ ଓ ଜନସାଧାରଣ ତଳେ ବସିବାକୁ ବାଧ ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରୀ ଗୃହରେ ସର୍ବସାଧାରଣଙ୍କ ପାଇଁ ସର୍ବନିମ୍ନ ବସିବା ବ୍ୟବସ୍ଥା ନରହିବା ଦ୍ୱାରା କାର୍ଯ୍ୟାଳୟର ସମ୍ମାନ ଏବଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନଏସି କାର୍ଯ୍ୟାଳୟ କର୍ତ୍ତୃପକ୍ଷ ବୈଠକ ଗୃହରେ ପର୍ଯ୍ୟାପ୍ତ ସଂଖ୍ୟକ ଚେୟାର ବା ଆସନର ତୁରନ୍ତ ବ୍ୟବସ୍ଥା କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ତେଣୁ ଏଥିପ୍ରତି ଚମ୍ପୁଆ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ରାସ୍ତା କଡ଼ରେ ପାର୍କିଂ ଏବଂ ମଦ ପିଇଲେ ଦେବାକୁ ପଡ଼ିବ ଫାଇନ

ଜୟପୁର, ୩/୦୬ (ନି.ପ୍ର): ଜୟପୁର ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ଉପଜିଲ୍ଲାପାଳ ଜୁନ ୧ ତାରିଖ ଠାରୁ କଡ଼ା ପଦକ୍ଷେପ ନେବା ପାଇଁ ଯେଉଁ ନୋଟିସ ଜାରି କରିଥିଲେ ସେନେଇ ଆଜି ଟାଉନ ପୁଲିସ ପକ୍ଷରୁ ରାସ୍ତା ପାର୍ଶ୍ୱ ବସ ପାର୍କିଙ୍ଗକୁନେଇ ପଦକ୍ଷେପ ନିଆଯାଇଛି। ଆଜି ସକାଳୁ ଏସ୍‌ଡିପିଓ ଅର୍ଚ୍ଚିତା ମିତଲ ଓ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ରାସ୍ତା କଡରେ ଥିବା ସମସ୍ତ ଗାଡି ଗୁଡିକୁ ଉଠାଇବା ସହ ରାସ୍ତାକଡରେ ମଦ ନ ପିଇବାକୁ ତାଗିଦ କରିଥିଲେ। ପାରାବେଡା ଏବଂ ପୁରୁଣା ବସଷ୍ଟାଣ୍ଡ ଅଂଚଳରେ ଯାତ୍ରୀବାହୀ ବସ୍‌ଗୁଡ଼ିକର ବେଆଇନ ପାର୍କିଂ ଓ ଯାତ୍ରୀ ଉଠାଇବା ନେଇ ଏସଡିପିଓଙ୍କ ରିପୋର୍ଟ ଆଧାରରେ ଉପଜିଲ୍ଲାପାଳ ଯଦୁମଣି ନାୟକ ନିଷେଧାଦେଶ ଜାରୀ କରିଥିଲେ।

# ଗ୍ୟାସ ଗାଡି ଅଟକାଇ ପ୍ରତିବାଦ କଲେ ଉପଭୋକ୍ତା

ଭଦ୍ରକ, ୩/୦୬ (ନି.ପ୍ର): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ପାଇଁ ପେଟ୍ରୋଲ୍ ଓ ଗ୍ୟାସ ସଂକଟ ଦେଖାଦେବା ପରେ ଏବେ ପେଟ୍ରୋଲ ସମସ୍ୟା ଦୂର ହୋଇଥିବା ବେଳେ ଇନ୍ଧନ ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହୋଇ ପାରିନାହିଁ । ଏହି ପରିପ୍ରେକ୍ଷୀରେ ହାଟଡିହି ବ୍ଲକ ବିଦ୍ୟାଧରପୁର ଅଚଂଳର ଇଣ୍ଡେନ ଗ୍ରାମୀଣ ଗ୍ୟାସ ବିତରକ ବନ୍ତ ବ୍ଲକ ଆଗରପଡା ଅଚଂଳର ଉପଭୋକ୍ତା ମାନଙ୍କୁ ହଇରାଣ କରି ଆସୁଥିବାର ଅଭିଯୋଗ ହୋଇଛି। ପ୍ରତିବାଦରେ ସୋମବାର ଉପଭୋକ୍ତା ମାନେ ଗ୍ୟାସ ବିତରଣ ଗାଡିକୁ ଅଟକାଇ ଥାନାରେ ଜିମା ଦେଇଥିଲେ। ଏହି ଥାନା ଅଧିନ ବରିଷ୍ଠ ନାଗରିକ ନାରାୟଣ ବଳ ଅଟୋ ରିଜର୍ଭ କରି ୧୦ କି.ମି. ଦୂର ବିଦ୍ୟାଧରପୁର ବିତରକଙ୍କ ଠାରୁ ଡିଏସି ନମ୍ବର ଆଧାରରେ ଗ୍ୟାସ୍ ଆଣିବାକୁ ଯାଇଥିଲେ । ହେଲେ ବିତରକ ତାଙ୍କୁ ଗ୍ୟାସ ଦେଇ ନଥିଲେ । ସେହିପରି ଗୀତାଞ୍ଜଳୀ ପଣ୍ଡା, ଅର୍ଜୁନ ସିଂହ, ସନ୍ଧ୍ୟାରାଣୀ ପଢିଆରୀ, ମନିଷ୍ ପଟ୍ଟନାୟକ, ଗଣେଶ ଭୋଳ, ଦୋଳ ଗୋବିନ୍ଦ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ସଂସ୍ଥାରେ ମାଲିକ ବହୁ ସମୟରେ ତାଙ୍କୁ ଗ୍ୟାସ୍ ନଦେଇ ହଇରାଣ ହରକତ କରି ଆସୁଛନ୍ତି। ପାଖାପାଖି ୮ ଶହ ଉପଭୋକ୍ତାଙ୍କ ଖାତା ଆଗରପଡାକୁ ପରିବର୍ତନ କରୁ ନାହାନ୍ତି। ଫଳରେ ପ୍ରତ୍ୟେକ ମାସ ନିର୍ଦ୍ଦିଷ୍ଟ ସମୟରେ ଗ୍ୟାସ ନପାଇ ଉପଭୋକ୍ତା ମାନେ ନାନା ହଇରାଣ ହରକତ ହୋଇ ଆସୁଛନ୍ତି । ପ୍ରକାଶ ଥାଉକି ପୂର୍ବରୁ ଆଗରପଡା ଅଚଂଳରେ ଗ୍ୟାସର ଏଜେନ୍ସି ନଥିବାରୁ ବିଦ୍ୟାଧର ପୁର ଅଚଂଳରୁ ଉପଭୋକ୍ତା ମାନେ ସଂଯୋଗ ନେଇଥିଲେ । ଏବେ ଅନ୍‌ଲାଇନ ଆବେଦନ କରିଥିଲେ ମଧ୍ୟ ବିଦ୍ୟାଧରପୁର ଏଜେନ୍ସି କାହାକୁ ଏନଓସି ଦେଉ ନାହାନ୍ତି । ଏନେଇ ବିଦ୍ୟାଧରପୁର ଇଣ୍ଡେନ୍ ଗ୍ୟାସ ସ୍ୱତାଧିକାରୀ ବିଶ୍ୱଜିତ୍ ବେହେରା କହନ୍ତି, ଅନ୍ୟ ଜିଲ୍ଲାର ଏଜେନ୍ସି ହୋଇଥିବାରୁ ଭଦ୍ରକ ଜିଲ୍ଲାର ଉପଭୋକ୍ତା ଅନଲାଇନ୍ ଟି.ଟି.ଭି ମାଧ୍ୟମରେ ଗ୍ରହଣୀୟ ନୁହେଁ, ଉପଭୋକ୍ତା ଟି.ଭି ମାଧ୍ୟମରେ ଡିଷ୍ଟ୍ରିବ୍ୟୁଟର ଚୟନ କରି ପାରିବେ,ଏଥିରେ ଆମର କୌଣସି ଭୂମିକା ରହୁ ନାହିଁ।

# ମାଲକାନଗିରିରେ କଂଗ୍ରେସର ସାଂଗଠନିକ ସମୀକ୍ଷା

ମାଲକାନଗିରି , ୩/୦୬ (ନି.ପ୍ର): ଓଡ଼ିଶାରେ ସଂଗଠନକୁ ମଜବୁତ କରିବା ପାଇଁ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କଂଗ୍ରେସର ବରିଷ୍ଠ ନେତା, ଏଆଇସିସି ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜେଝି କୁସୁମ କୁମାର ଆଜି ମାଲକାନଗିରି ଗସ୍ତ କରି ଦଳର ସାଂଗଠନିକ ସ୍ଥିତିର ସମୀକ୍ଷା କରିଛନ୍ତି। ଏହାସହ ଆଗାମୀ ପଂଚାୟତ ଓ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଦଳ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରୁଥିବା ସେ ସୂଚନା ଦେଇଛନ୍ତି। ଦକ୍ଷିଣ ଭାରତରେ କଂଗ୍ରେସର ସଫଳତା ପରେ ଏବେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ଦଳ ବିଶେଷ ନଜର ରଖିଛି। ଏହି କ୍ରମରେ ମାଲକାନଗିରି ଜିଲ୍ଲାର କଂଗ୍ରେସ କମିଟି, ବ୍ଲକ୍ ସ୍ତରୀୟ ପଦାଧିକାରୀ ଏବଂ ଏସଆଇଆର (ବିଏଲ ଏ - ୧ ଓ ବି ଏଲ ଏ ୨) ମାନଙ୍କର ଦାୟିତ୍ୱକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଦଳୀୟ ନେତାଙ୍କ କହିବା ଅନୁସାରେ, ଓଡ଼ିଶାର ପ୍ରାୟ ୯ଟି ଜିଲ୍ଲା ଗସ୍ତ କରି ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ କାର୍ଯ୍ୟ କରାଯାଉଛି। ଏହା ପୂର୍ବରୁ କୋରାପୁଟ ଜିଲ୍ଲାର ସମୀକ୍ଷା ଶେଷ ହୋଇଥିବା ବେଳେ ଆଗକୁ ନବରଙ୍ଗପୁରରେ ମଧ୍ୟ ବୈଠକ କରାଯିବ।

ତେବେ ମାଲକାନଗିରି ଜିଲ୍ଲାରେ ଦଳର ବର୍ତମାନର ସାଂଗଠନିକ ସ୍ଥିତିକୁ ନେଇ ଶୀର୍ଷ ନେତୃତ୍ୱ ସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସହିତ ଯେଉଁ ପଦାଧିକାରୀମାନେ ସକ୍ରିୟ ଭାବେ କାର୍ଯ୍ୟ କରୁନାହାନ୍ତି, ସେମାନଙ୍କୁ ବଦଳାଇ ନୂଆ ଏବଂ ଯୁବ ଚେହେରାଙ୍କୁ ସୁଯୋଗ ଦିଆଯିବ ବୋଲି ଦଳ ସ୍ପଷ୍ଟ କରିଛି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ କଂଗ୍ରେସର ଏକ ସକାରାତ୍ମକ ମାହୋଲ ତିଆରି ହେଉଥିବା ବେଳେ, ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ ସରକାର ଗଠନ କରିବ ବୋଲି ଦଳୀୟ ନେତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ପିସିସି ଉପ-ସଭାପତି ମନୋରଞ୍ଜନ ତ୍ରିପାଠୀ, କୃଷ୍ଣ କୁଲଦୀପ ଏବଂ ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ ଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତା ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ୨ ନାବାଳିକାଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲା କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟି

କେନ୍ଦ୍ରାପଡ଼ା, ୩/୦୬ (ନି.ପ୍ର): ଡେରାବିଶ ବ୍ଲକ ଇନ୍ଦାଲୋ ପଂଚାୟତ ଅଢଙ୍ଗା ଗ୍ରାମର ଅସହାୟ ଚର୍ଚ୍ଚିତ ନାବାଳିକା ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଏହି ମାମଲାରେ ହସ୍ତକ୍ଷେପ କରାଯାଇଥିବା ବେଳେ ୨ ଅସହାୟ ନାବାଳିକାଙ୍କ ଦାୟିତ୍ୱ ନେବାକୁ ଘୋଷଣା କରିଛି। ଘଟଣାରୁ ପ୍ରକାଶ ଯେ ଅଢଙ୍ଗା ଗ୍ରାମର ଗୌତମ ଯେନା(୫୫) କିଡନୀ ରୋଗରେ ଆକ୍ରାନ୍ତ ହୋଇ ୧୧ ଦିନ ତଳେ ମୃତ୍ୟୁବରଣ କରିଥିବା ବେଳେ ଅନୁରୂପ ଭାବେ ପତ୍ନୀ ପ୍ରତିମା(୪୮) ୬ ମାସ ପୂର୍ବେ ରୋଗରେ ପଡି ଆର ପାରିକୁ ଚାଲି ଯାଇଥିଲେ। ଦିନ ମଜୁରିଆ ଗୌତମଙ୍କ ଅକାଳ ମୃତ୍ୟୁ ପରେ ଦୁଇ ଝିଅ ପ୍ରଭାସିନୀ ଓ ରୂପାଲି ଅନାଥ ହୋଇପଡିଥିଲେ। ପ୍ରଭାସିନୀ ନବମ ଓ ରୂପାଲି ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ବାପା ମାଆଙ୍କ ମୃତ୍ୟୁ ପରେ ପାଠ ପଢାର ଆଶା ଯେପରି ମଉଳି ଯାଇଥିଲା। ଅନାଥ ଦୁଇ ଝିଅ ପାଠ ପଢିବା ତ ଦୂରର କଥା ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଗ୍ରାମରୁ ଭିକ୍ଷା ମାଗିବା ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା। ଉକ୍ତ ଘଟଣାଟି ପ୍ରଚାରିତ ହେବା ପରେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ତଥା ସମବାୟବିତ ପ୍ରମୋଦ କୁମାର ସାହୁ ଦୁଇ ନାବାଳିକା ଝିଅଙ୍କୁ ସହାୟତା ପାଇଁ ଆଗେଇ ଆସିଛନ୍ତି। ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଶ୍ରୀ ସାହୁ ଅଢଙ୍ଗା ଗ୍ରାମରେ ପହଂଚି ପଂଚାୟତର ସରପଂଚ ଜ୍ୟୋସ୍ନାମୟୀ ବେହେରା, ୱାର୍ଡସଭ୍ୟାଙ୍କ ପ୍ରତିନିଧି ମଣିନାଥ ଯେନା, ପୂର୍ବତନ ସରପଂଚ ଅଶ୍ୱିନୀ ମହାନ୍ତି, ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହିତ ଅନାଥ ଦୁଇ ଝିଅଙ୍କ ପାଠପଢ଼ା ଓ ଚଳିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଇଛନ୍ତି।

**AFFIDAVIT**

By virtue of an affidavit before the Notary Public, Niligiri, I, Umamani Dash, aged 73 years, W/o- Gopal Chandra Panda of vill.- Hatachhak Nilgiri, P.o- Raj-Nilgiri, P.s.- Nilgiri, Dist- Balasore, Odisha declare that before my marriage my name was Umamani Dash and my father's name was Nandakishore Das. After my marriage with my husband Gopal Chandra Panda, my title has been changed from Dash to Panda. But in my service book my name has been mentioned as Umamani Dash and in my Aadhaar Card my name has been mentioned as Umarani Panda. Both the names Umamani Dash and Umarani Panda are one and same person.

**Umamani Dash**

**AFFIDAVIT**

By virtue of an affidavit before the executive Magistrate cum-Tahasildar, jaleswar, I, Sk Golam Mohiuddin, aged 45 years, S/o- Late Sk Rup Chand of vill- Jhadeswarpur, Po/Ps- Jaleswar, Dist- Balasore, Odisha, having Aadhaar Card No- 943232499376 declare that my good name is Sk Golam Mohiuddin, S/o-Late Sk Rup Chand of Vill- Jhadeswarpur, Po/Ps- Jaleswar, Dist- Balasore, Odisah, which is noted aforesaid Aadhaar Card No- 5943232499376 and my nick name is Ghulam Mahiuddin Rajvi, S/o- Sekh Abdul Hie Rupchand of vill- Jhadeswarpur, Po/Ps- Jaleswar, Dist- Balasore, Odisha which is mentioned in my PAN Card No- ARUPR8479H. That both the names Sk Golam Mohiuddin, S/o- Late Sk Rup Chand and Ghulam Mahiuddin Rajvi, S/o- Sekh Abdul Hie Rupchand is same & one person. Henceforth I will be known as Sk Golam Mohiuddin in all purpose.

**Sk Golam Mohiuddin**

# ସ୍ୱାଗତ ଗେଟ୍ ନିର୍ମାଣର ଗୁଣବତ୍ତା ଯାଞ୍ଚ ଦାବିରେ ବିଜେଡିର ସ୍ମାରକପତ୍ର

ଝାରସୁଗୁଡ଼ା, ୩/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଏସ୍‌ଏଚ୍-୧୦ ଓ ଏନ୍‌ଏଚ୍-୪୯ରେ ନିର୍ମାଣାଧୀନ ସ୍ୱାଗତ ଗେଟ୍ ଗୁଡ଼ିକର ନିର୍ମାଣର ମାନ ଏବଂ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି ବିଜୁ ଜନତା ଦଳ। ଏହି ପ୍ରକଳ୍ପଗୁଡ଼ିକର ତୁରନ୍ତ ବୈଷୟିକ ଯାଂଚ୍ ଓ ଗଠନମୂଳକ ଅଡିଟ୍ କରାଯିବା ଦାବିରେ ଦଳ ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜିଲ୍ଲାର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ପ୍ରଶାସନର ଉଦ୍ୟମ ପ୍ରଶଂସନୀୟ ହୋଇଥିଲେ ମଧ୍ୟ ନିର୍ମାଣାଧୀନ ସ୍ୱାଗତ ଗେଟ୍ ଗୁଡ଼ିକର ଗୁଣବତା ଏବଂ ସୁରକ୍ଷାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ନିକଟରେ ବରଗଡ଼ ଜିଲ୍ଲାରେ ଏକ ସ୍ୱାଗତ ଗେଟ୍ ଭୁଶୁଡ଼ି ପଡ଼ିବା ଘଟଣା ପରେ ଏହି ଆଶଙ୍କା ଆହୁରି ବଢ଼ିଛି।

ସ୍ମାରକପତ୍ରରେ ଚାଲିଥିବା ନିର୍ମାଣ କାର୍ଯ୍ୟର ଗୁଣବତା ଆକଳନ ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ଗଠନ, ଗେଟ୍ ଗୁଡ଼ିକର ସୁରକ୍ଷା ଓ ଗଠନମୂଳକ ଅଡିଟ୍, ନିର୍ମାଣରେ ବ୍ୟବହୃତ ଲୁହା, କଂକ୍ରିଟ୍ ଓ ଫାଉଣ୍ଡେସନ୍ ସାମଗ୍ରୀର ମାନ ପରୀକ୍ଷା ସହ ପ୍ରକଳ୍ପ କାର୍ଯ୍ୟ ସରକାରୀ ନକ୍ସା ଓ ବୈଷୟିକ ନିର୍ଦ୍ଦେଶାବଳୀ ଅନୁଯାୟୀ ହେଉଛି କି ନାହିଁ ତାହାର ଯାଂଚ୍ କରିବାକୁ ଦାବି କରାଯାଇଛି। ସରକାରୀ ପାଣ୍ଠି ବିନିଯୋଗରେ ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇଛି। ଗୁଣବତାରେ କୌଣସି ପ୍ରକାର ଅବହେଳା ଭବିଷ୍ୟତରେ ବଡ଼ ଦୁର୍ଘଟଣାର କାରଣ ହୋଇପାରେ ବୋଲି ହରିଶ ଗଣତ୍ରା କହିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ମ୍ୟୁନିସିପାଲିଟି ଅଧକ୍ଷା ରାନୀ ହାତୀ, ସାଧାରଣ ସମ୍ପାଦକ ପିଂଟୁ ପାଢ଼ୀ, ରବି ସିଂ, ଅଶୋକ ଦାସ, ମଦନ ହାତୀ, ଆଲୋକ ତ୍ରିପାଠୀ, ଶଶି ତିୱାରୀ, ପବନ ଶର୍ମା, ନବନୀତ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ବୀମା ଓ ବୈଧ ଫିଟନେସ୍ ନ ଥାଇ ଚାଲିଛି ମାଳମାଳ ଅଟୋ: ଆରଟିଓଙ୍କ କାର୍ଯ୍ୟାନୁଷ୍ଠାନ କେବେ ?

ଜୟପୁର, ୩/୦୬ (ନି.ପ୍ର): କୋରାପୁଟ ଜିଲ୍ଲାରେ ଫିଟନେସ୍, ଇନସୁରାନ୍ସ ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ । ଛାତ୍ରଛାତ୍ରୀ ଏବଂ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଅବହେଳା କରି ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଅଟୋ ଚାଲଛି । ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ର ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି । ଅଧିକାଂଶ ଡ୍ରାଇଭର ଙ୍କ ଲାଇସେନ୍ସ ନାହିଁ । ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି । ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ର ଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି । ସେହିପରି କୋରାପୁଟ ଜିଲାର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି । ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ ଲୋକ ନିଜ ଜିନିଷପତ୍ର ସହ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି । ଅଟୋ ଗୁଡିକର ଫିଟନେସ୍, ଇନସୁରାନ୍ସ, ପଲ୍ୟୁସନ ନ ଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି । ଅଟୋ ଚାଳକର ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୂର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଦୂର୍ଘଟଣାରେ ମୃତାହତଙ୍କୁ ଇନସୁରାନ୍ସ ବାବଦ ଅର୍ଥ ମିଳୁନାହିଁ । ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନ କାରୀଙ୍କ ବିରୋଧରେ କଠୋର କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ସଡକରେ ଅନ୍ୟ ବ୍ୟବହାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡି ଗୁଡିକର ପଞ୍ଜି କରଣ ସାର୍ଟିଫିକେଟ ରଦ୍ଦ ପାଇଁ ପଦକ୍ଷେପ ନିଆଯିବ ଫିଟନେସ ନଥିଲେ ଗାଡି ସିଜ୍ ହେବ । କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଗାଡି ଜବତ୍ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ନିୟମ ରହିଛି । ବୈଧ ଫିଟନେସ ଓ ପଞ୍ଜିକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡି ଦୁର୍ଘଟଣାଗସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ । ତେଣୁ ସଡକ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଙ୍ଘନକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା କିନ୍ତୁ ତାହା ପାଳନ କରାଯାଉ ନାହିଁ । ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ ଓ ଅନ୍ୟାନ୍ୟ ଗାଡି କ୍ଷେତ୍ରରେ ଆହୁରି ଅଧିକ କଠୋରତାର ସହ ପଦକ୍ଷେପ ନେବା ପାଇ ସାଧାରଣ ରେ ଦାବି ହୋଉଛି ।

# ନଳ ଅଛି ଜଳ ନାହିଁ: ନାଳ ପାଣି ଭରସାରେ ପୁରୁଣାଡ଼ିହି ଗ୍ରାମବାସୀ

ଚମ୍ପୁଆ, ୩/୦୬ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ବ୍ଲକ୍ ଅନ୍ତର୍ଗତ ବଡ କାଳୀମାଟି ଗ୍ରାମ ପଞ୍ଚାୟତର ପୁରୁଣାଡ଼ିହି ଗ୍ରାମକୁ ମେଗା ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ହେଉ ନାହିଁ । ଗତ ଦୁଇ ବର୍ଷ ହେବ ଉକ୍ତ ଗ୍ରାମରେ ପାଇପ ଲାଇନ୍ ଓ ଷ୍ଟାଣ୍ଡ ପୋଷ୍ଟ ଲଗା ଯାଇଛି । ମାତ୍ର ବିଭାଗୀୟ ଅବହେଳା ଯୋଗୁଁ ଗ୍ରାମବାସୀମାନେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଗ୍ରାମ ବାସୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳକୁ ଜଳ ନିମନ୍ତେ ବେଲଦା ସ୍ଥିତ ବୈତରଣୀ ନଦୀ ନିକଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଡି ଏମ ଏଫ୍ ଅନୁଦାନରେ ଏକ ମେଗା ପ୍ରକଳ୍ପ କରାଯାଇଛି । ଘର କୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ପାଇପ ଲାଇନ୍ ସଂଯୋଗ କରାଯିବା ସହିତ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ଘରେ ଘରେ ଲଗା ଯାଇଛି । ହେଲେ ଏପର୍ଯ୍ୟନ୍ତ ଜଳ ଯୋଗାଣ ହୋଇ ପାରି ନାହିଁ । ଗ୍ରାମ ବାସୀ ମାନେ ଦୀର୍ଘ ବର୍ଷରୁ ନିର୍ଭର କରି ଆସୁଥିବା କିଛି ନଳକୂପ ଗୁଡ଼ିକର ପାଣି ପିଇବା ଅନୁପଯୋଗୀ ହୋଇଛି । ବାଧ ହୋଇ ଗ୍ରାମ ବାସୀ ମାନେ ଗ୍ରାମ ନିକଟରେ ବୋହି ଯାଇଥିବା କଟୁପାଲି ନାଳ ପାଣି ଉପରେ ଭରସା କରୁଛନ୍ତି । ଏ ନେଇ ଗ୍ରାମାଞ୍ଚଳ ଜଳ ଯୋଗାଣ ସଂସ୍ଥା ନିକଟରେ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉ ନାହିଁ । ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ର ପ୍ରକଳ୍ପ ନିର୍ମାଣ କରୁଛନ୍ତି ମାତ୍ର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନଙ୍କର ଖାମଖିଆଲ ମନ ଭାବ ଯୋଗୁଁ ଗ୍ରାମାଞ୍ଚଳରେ ଏବେ ବି ପାନୀୟ ଜଳ ସଙ୍କଟ ଲାଗି ରହିଛି ।ଆଦିବାସୀ ଅଧୁଷିତ ଉକ୍ତ ଗ୍ରାମରେ ପାତ୍ର ସାହି, ମୁଣ୍ଡା ସାହି, ଗୋପାଳ ସାହି ଓ ନାଏକ ସାହିରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ଗ୍ରାମ ବାସୀ ମାନେ ସମସ୍ତେ ଖଟିଖିଆ, ଦିନ ମଜୁରିଆ, ଶ୍ରମିକ ଭାବେ କାମ କରନ୍ତି । ପାନୀୟ ଜଳ ଯୋଗାଣ ହେଉ ନ ଥିବାରୁ ଗ୍ରାମବାସୀ ମାନେ ବାଧ ହୋଇ ନାଳରୁ ଦୂଷିତ ଜଳ ବ୍ୟବହାର କରିବା ଅତ୍ୟନ୍ତ ଚିନ୍ତା ଜନକ ବିଷୟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ତେବେ ଦେଖିବାକୁ ବାକି ରହିଲା କେଉଁଦିନ ଉକ୍ତ ଗ୍ରାମରେ ବିଶୁଦ୍ଧ ପାଣିର ଶୁଭାରମ୍ଭ ହେଉଛି।

# ସିଏମ ଟ୍ରଫି ଜୋନସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ଉଦ୍‌ଘାଟିତ : ୧୫ ଜିଲ୍ଲାର ୬ ଶହ କ୍ରୀଡାବିତଙ୍କ ଅଂଶଗ୍ରହଣ

ପୁରୀ, ୩/୦୬ (ନି.ପ୍ର): ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସିଏମ ଟ୍ରଫିର ଜୋନସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ସୋମବାର ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତକାଲି ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଯୋଗଦେଇ ଓଡ଼ିଶା ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟରେ କ୍ରୀଡା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପୁରୀ ଜିଲ୍ଲାର ଗ୍ରାମାଚଂଳର ପ୍ରତିଭାବାନ କ୍ରୀଡାବିତ ମାନେ ବ୍ଲକରୁ ଆସି ଜିଲ୍ଲାରେ ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡିଶା ଅଲିମ୍ପିକ ଆସୋସିଏସନର କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କ୍ରୀଡା ଶୃଙ୍ଖଳା, ଉନ୍ନତ ଚରିତ୍ର ଗଠନ ଓ ସୁସ୍ଥତାର ପ୍ରତୀକ ହୋଇଥାଏ। ତେଣୁ ପିଲାମାନେ କ୍ରୀଡା ପ୍ରତି ମନୋନିବେଶ କରିବା ସହ ଏହି ପ୍ରତିଯୋଗିତାର ପ୍ରତିଯୋଗୀମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ।

ଭାରତ ଖୋ ଖୋ ଫେଡେରେସନ ଉପସଭାପତି ଓ ରାଜ୍ୟ ଖୋ ଖୋ ଫେଡେରେସନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଉତ୍ସବରେ ଅଧକ୍ଷତା କରିବା ସହ କହିଲେ ମହାପ୍ରଭୁଙ୍କ ପବିତ୍ର ଭୂମିରେ ସିଏମ ଟ୍ରଫି ଖୋ ଖୋ ଖେଳର ଦୁଇଟି ଜୋନ ସ୍ତରୀୟ, ସେମିଫାଇନାଲ ଓ ଫାଇନାଲ ପ୍ରତିଯୋଗିତାର ଆୟୋଜନ ଏକ ଗୌରବର କଥା। ଭଲ ଖେଳି ନିଜ ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ । ଖୋ ଖୋ ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଉପସ୍ଥିତ ରହି କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ।

ଏହି ଜୋନ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ଓ ବାଳିକା ଖେଳାଳୀମାନେ ସାମିଲ ହୋଇଛନ୍ତି । ୧୫ଟି ଜିଲ୍ଲାରୁ ବାଳକ ବର୍ଗରେ ୩ଶହ ଓ ବାଳିକା ବର୍ଗରେ ୩ ଶହ ସମୁଦାୟ ୬ ଶହ କ୍ରୀଡାବିତ ଅଂଶଗ୍ରହଣ କରିଛନ୍ତି। ୨ ନମ୍ବର ଜୋନରେ କଟକ, ଯାଜପୁର, ବୌଦ୍ଧ, ନୂଆପଡା, ମୟୁରଭଞ୍ଜ, ଖୋର୍ଦ୍ଧା, ସୋନପୁର ଓ ଦେବଗଡ ଜିଲ୍ଲାର ଖୋ ଖୋ କ୍ରୀଡ଼ାବିତ ଥିବାବେଳେ ୩ ନମ୍ବର ଜୋନରେ ପୁରୀ, କେନ୍ଦ୍ରାପଡା, କନ୍ଧମାଳ, ଜଗତସିଂହପୁର, ନୟାଗଡ, ଭଦ୍ରକ, ଓ ବାଲେଶ୍ୱର ଜିଲ୍ଲାର କ୍ରୀଡାବିତ ମାନେ ଅଂଶଗ୍ରହଣ କରିଛନ୍ତି । କ୍ରୀଡ଼ା ପରିଚାଳନ ପାଇଁ ୨୬ ଜଣ ବୈଷୟିକ ଅଧିକାରୀ ଓ ୬୦ ଜଣ କୋଚ ଓ ମ୍ୟାନେଜର ଖେଳ ପ୍ରଦର୍ଶନରେ ଉପସ୍ଥିତ ରହି ତଦାରଖ କରୁଛନ୍ତି ।

ଜୁନ୍ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଜୋନ ସ୍ତରରେ ଖୋ ଖୋ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଜୁନ ୮ ତାରିଖ ସେମି ଫାଇନାଲ ଓ ୧୦ ତାରିଖ ଫାଇନାଲ ମ୍ୟାଚ ଇଣ୍ଡୋର ଷ୍ଟାଡିୟମ ଏକାଡେମୀରେ ଅନୁଷ୍ଠିତ ହେବ ।

ସୂର୍ଯ୍ୟନାରାୟଣ ଜେନା, ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ରବିନାରାୟଣ ପ୍ରଧାନ, କ୍ରୀଷ୍ଣା କୁମାରୀ ରାୟ,ଅନ୍ନପୂର୍ଣ୍ଣା ରାଉତ, ଧିରେନ୍ଦ୍ର ଦାସଙ୍କ ସମେତ ବହୁ ପ୍ରବନ୍ଧକ, ଟେକ୍ନିକାଲ ଅଫିସର, ଭଲ୍ୟୁଟିଅର, କୋଚ ଓ ମ୍ୟାନେଜର ଖୋ ଖୋ ଖେଳକୁ ପରିଚାଳନା କରିଛନ୍ତି । ବହୁ ଖୋ ଖୋ କ୍ରୀଡାପ୍ରେମୀ, ଶୁଭେଚ୍ଛୁ, ଦର୍ଶକ ଓ କ୍ରୀଡାବିତ ମାନେ ଉପସ୍ଥିତ ରହି କରତାଳି ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ ।

ଧାରାବାହିକ: ଭାଗ-୪୪

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଦେଖୁଛି ଆପଣ ବହୁତ କ୍ଳାନ୍ତ ହୋଇ ଯାଇଛନ୍ତି, ବୋଧେ ବହୁ ଦୂରରୁ ଆସୁଛନ୍ତି ନା କଣ? ଟିକିଏ ବିଶ୍ରାମ ନିଅନ୍ତୁ । ଏହି ଦେହ ସକଳ ସୁଖର ମୂଳ, ଏହା ଦ୍ୱାରା ସକଳ କାମନା ପୂର୍ଣ୍ଣ ହେଉଥିବାରୁ ଦେହକୁ କଷ୍ଟ ଦେବା ଉଚିତ ନୁହେଁ । ଆପଣତ ସକଳ ଦୃଷ୍ଟିରୁ ସମର୍ଥ, ବର୍ତ୍ତମାନ କଣ କରିବାକୁ ଚାହୁଁଛନ୍ତି ? ଯଦି ମୁଁ ଶୁଣିବା ଯୋଗ୍ୟ କୁହନ୍ତୁ ଫଳରେ ମୁଁ ଆପଣଙ୍କ ସହାୟକ ଭାବେ କିଛି କାର୍ଯ୍ୟ କରିଦେଇପାରେ । ଭଗବାନଙ୍କର ଏପରି ପ୍ରଶ୍ନରେ ପ୍ରଥମେ ଅସୁର ଟିକିଏ ଠିଆ ହୋଇ କ୍ଳାନ୍ତ ଦୂର କରିବା ସହ ତପସ୍ୟା, ବରପ୍ରାପ୍ତି ଏବଂ ଶିବଙ୍କୁ ଗୋଡାଉଥିବା ପ୍ରସଙ୍ଗ ସବୁ କହିଗଲା । ତା' କଥା ଶୁଣି ଭଗବାନ କହିଲେ ଓଃ ଏଇ କଥା, ମାତ୍ର ଭାଇ ଶିବଙ୍କ କଥାକୁ ମୁଁ ଆଦୌ ବିଶ୍ୱାସ କରେ ନାହିଁ । ସେ ପରା ଦକ୍ଷ ଅଭିଶାପରି ପିଶାଚ ହୋଇଯାଇଛନ୍ତି ଏବଂ ପିଶାଚ ଓ ପ୍ରେତମାନଙ୍କର ସମ୍ରାଟ ବୋଲାଉଛନ୍ତି । ହେ ଦାନବରାଜ ! ଆପଣ ଏତେ ବଡ ଲୋକ ହୋଇ ମଧ ଏହି ଛୋଟ କଥାକୁ ବିଶ୍ୱାସ କରୁଛନ୍ତି କିପରି ? ଆପଣ ଯଦି ତାଙ୍କୁ ବିଶ୍ୱାସ କରୁଛନ୍ତି ତେବେ ତୁରନ୍ତ ନିଜ ମୁଣ୍ଡରେ ହାତ ରଖି ପରୀକ୍ଷା କରୁନାହାନ୍ତି । ଭଗବାନଙ୍କ କଥାରେ ଅସୁରର ବିବେକ ବୁଦ୍ଧି ହଜିଗଲା ଏବଂ ସେ ମୂର୍ଖ ବରଦାନ କଥା ଭୁଲିଯାଇ ନିଜ ମୁଣ୍ଡରେ ହାତ ରଖିଦେଲା ଓ ଭସ୍ମ ହୋଇଗଲା । ଦେବତାମାନେ ପୁଷ୍ପବୃଷ୍ଟି ସହ ପ୍ରଶଂସା କଲେ । ପାପୀ ବୃକାସୁରର ମୃତ୍ୟୁରେ ସମସ୍ତେ ଆନନ୍ଦିତ ହେବା ସହ ଭଗବାନ ଶିବ ସଙ୍କଟରୁ ଉଦ୍ଧାର ପାଇଲେ । ସେ ଭୟରୁ ମୁକ୍ତ ହେବାପରେ ଭଗବାନ ପୁରୁଷୋତ୍ତମ କହିଲେ ହେ ଦେବ ! ବଡ ଆନନ୍ଦର କଥା ଯେ ସେ ଦୁଷ୍ଟକୁ ତାର ପାପ ହିଁ ନଷ୍ଟ କରିଦେଲା । ହେ ପରମେଶ୍ୱର ଜଗତରେ ଏପରି କେହି ପ୍ରାଣୀ ଅଛି କି ଯେ ମହାପୁରୁଷଙ୍କ ପ୍ରତି ଅପରାଧ କରି କୁଶଳରେ ରହିପାରିବ ? ଭଗବାନ ଅନନ୍ତ ଶକ୍ତିର ଆଧାର, ତାଙ୍କର ପ୍ରତ୍ୟେକ ଶକ୍ତି ଅଚିନ୍ତନୀୟ ଓ ଅନିର୍ବଚନୀୟ । ସେ ହେଉଛନ୍ତି ପ୍ରକୃତିର ଅତୀତ ପରମାତ୍ମା । ସେ ଶିବଙ୍କୁ ଯେଉଁ ସଙ୍କଟରୁ ଉଦ୍ଧାର କଲେ ଏହି ପ୍ରସଙ୍ଗ ଯେ ବର୍ଣ୍ଣନା, ଶ୍ରବଣ କି ଶୁଣାନ୍ତି ସେ ସଂସାର ବନ୍ଧନ ଓ ଶତ୍ରୁ ଭୟରୁ ମୁକ୍ତ ହୋଇଯାଆନ୍ତି।

### ୯୧ ଅଧ୍ୟାୟ, ଭୃଗୁଙ୍କ ଦ୍ୱାରା ତ୍ରିଦେବଙ୍କୁ ପରୀକ୍ଷା ତଥା ଶ୍ରୀକୃଷ୍ଣ ଦ୍ୱାରା ବ୍ରାହ୍ମଣର ମୃତ ପୁତ୍ରମାନଙ୍କୁ ପୁନରାନୟନ

ଶ୍ରୀ ଶୁକଦେବ କହିଲେ ଏକଦା ମୁନିରଷିମାନେ ପବିତ୍ର ସରସ୍ୱତୀ ନଦୀ ତଟରେ ଏକ ପବିତ୍ର ଯଜ୍ଞ କରିବାକୁ ଏକତ୍ରିତ ହେଲେ । ହରି, ହର ଓ ବ୍ରହ୍ମାଙ୍କ ମଧ୍ୟରେ କିଏ ଏବଂ କିପରି ଶ୍ରେଷ୍ଠ ତାହା ନିର୍ଦ୍ଧାରଣ କରି ଯଜ୍ଞ ନିମିତ୍ତ ବରଣ କରିବାର ଦାୟିତ୍ୱ ବ୍ରହ୍ମାପୁତ୍ର ଭୃଗୁମୁନିଙ୍କ ଉପରେ ନ୍ୟସ୍ତ କରାଗଲା । ଭୃଗୁମୁନି ପ୍ରଥମେ ନିଜର ପିତା ବ୍ରହ୍ମାଙ୍କ ନିକଟରେ ପହଞ୍ଚି ତାଙ୍କର ଧୈର୍ଯ୍ୟ, ସହିଷ୍ଣୁତା ଆଦି ପରୀକ୍ଷା କରିବା ନିମିତ୍ତ ସେ ତାଙ୍କୁ ନମସ୍କାର କି ସ୍ତୁତି କଲେନାହିଁ । ପୁତ୍ର ହୋଇ ପିତାଙ୍କୁ ଯଥା ବିଧି ସମ୍ମାନ ନଜଣାଇବାରୁ ବ୍ରହ୍ମାଙ୍କ ମନରେ ଅହେତୁକ ପ୍ରଜ୍ୱଳିତ ଅଗ୍ନିତୁଲ୍ୟ କ୍ରୋଧ ପ୍ରକାଶ ପାଇଲା ମାତ୍ର ତାହାକୁ ସେ ଚାପି ରଖି ଭୃଗୁଙ୍କ ସହ କଥାବାର୍ତ୍ତା ମଧ କଲେନାହିଁ । ଏହାପରେ ଭୃଗୁମୁନି ବ୍ରହ୍ମାଙ୍କର ଯଥାବିଧି ସ୍ତୁତିପାଠ କରି ତାଙ୍କୁ ସନ୍ତୁଷ୍ଟ କରି ସେଠାରୁ କୈଳାସ ଯାତ୍ରାକରି ଦେବାଧିଦେବ ମହାଦେବଙ୍କୁ ଦର୍ଶନ କଲେ । ମହାଦେବ ପ୍ରଥମେ ଭୃଗୁଙ୍କୁ ଭ୍ରାତା ତୁଲ୍ୟ ଆଦାର କରି ତାଙ୍କୁ ଆଲିଙ୍ଗନ କରିବାକୁ ଉଦ୍ୟତ ହେବାରୁ ଭୃଗୁମୁନି ତାଙ୍କୁ ଉତ୍ୟକ୍ତ କରିବା ନିମିତ୍ତ ଆଲିଙ୍ଗନକୁ ସ୍ୱୀକାର ନକରି ପଛକୁ ହଟିଯାଇ କହିଲେ, ହେ ଶଙ୍କର ତୁମେ ଦେବାଧିଦେବ ହୋଇ ମଧ ବେଦର ମର୍ଯ୍ୟଦା ଉଲଂଘନ କରୁଥିବା ହେତୁ ମୁଁ ତୁମ ସଙ୍ଗେ ମିଳିତ ହେବିନାହିଁ । ମହାଦେବ ଏହା ଶୁଣି କ୍ରୋଧରେ ତ୍ରିଶୂଳ ଉଠାଇ ଭୃଗୁଙ୍କୁ ମାରିବାକୁ ଉଦ୍ୟତ ହୁଅନ୍ତେ ମାତା ସତୀଦେବୀ ସେଠାରେ ଉପସ୍ଥିତ ପୂର୍ବକ ଶିବଙ୍କୁ କ୍ରୋଧ ସମ୍ବରଣ କରିବା ନିମିତ୍ତ ବିନୟ ସହକାରେ ନିବେଦନ କଲେ । ସତୀଦେବୀଙ୍କ ପ୍ରାର୍ଥନାରେ ଶିବଙ୍କ କ୍ରୋଧ ଶାନ୍ତ ହେଲା । ପରେ ଭୃଗୁମୁନି ଭଗବାନ ଶ୍ରୀବିଷ୍ଣୁଙ୍କୁ ସାକ୍ଷାତ କରିବାକୁ ବୈକୁଣ୍ଠକୁ ଯାତ୍ରାକଲେ । ଭଗବାନ ଶ୍ରୀବିଷ୍ଣୁ ମହାଲକ୍ଷ୍ମୀଙ୍କର କୋଳରେ ମସ୍ତକ ରଖି ଗଭୀର ନିଦ୍ରାରେ ଶୟନ କରିଥିଲେ । ଭୃଗୁମୁନି ଦୀର୍ଘ ସମୟ ଅପେକ୍ଷା କଲେ ମଧ ବିଷ୍ଣୁଙ୍କର ନିଦ୍ରା ଭଙ୍ଗ ନହେବାରୁ କୃତ୍ରିମ କ୍ରୋଧ ପ୍ରକାଶ କରି ବିଷ୍ଣୁଙ୍କ ବକ୍ଷସ୍ଥଳରେ ପଦାଘାତ କଲେ । ବିଷ୍ଣୁ ନିଦ୍ରାରୁ ଉ_ତ ହୋଇ ବ୍ରାହ୍ମଣଙ୍କୁ ନମସ୍କାର କରି କହିଲେ, ହେ ପୂଜ୍ୟ ମୁନିବର, ନିଦ୍ରିତ ଥିବାରୁ ତୁମର ଆଗମନ ନଜାଣିପାରି ମୁଁ ଅତ୍ୟନ୍ତ ଦୁଃଖିତ, ପୁନଶ୍ଚ ମୋର କଠିନ ବକ୍ଷସ୍ଥଳରେ ତୁମର କୋମଳ ପଦାଘାତ ଦ୍ୱାରା ପାଦକୁ ନିଶ୍ଚିତ ବାଧିଥିବ, ସେଥିଲାଗି ମୁଁ କ୍ଷମା ପ୍ରାର୍ଥନା କରୁଛି । ଏହା କହି ପ୍ରଭୁ କର ଯୋଡି ଭୃଗୁମୁନିଙ୍କର ପାଦକୁ ନିଜର କରପଲ୍ଲବ ଦ୍ୱାରା ଆଉଁସି କହିଲେ ହେ ମୁନିବର, ତୁମର ଚରଣ ଧୌତଜଳ ଅତୀର୍ଥକୁ ମଧ୍ୟ ତୀର୍ଥରେ ପରିଣତ କରିଥାଏ । ଏହା ମୋତେ ଏବଂ ମୋର ଗୃହସ୍ଥଳକୁ ପବିତ୍ର କଲା । ଆଜିଠାରୁ ମୋର ବକ୍ଷଦେଶରେ ତୁମର ପବିତ୍ର ପଦଚିହ୍ନ ସହିତ ଲକ୍ଷ୍ମୀଦେବୀ ଏକତ୍ର ଅବସ୍ଥାନ କରିବେ । ଭୃଗୁମୁନି ପ୍ରଭୁଙ୍କର ଏପରି ବିନୟ ଭାବ ସହିତ ଅପାର କରୁଣା ଦର୍ଶନ କରି ଭକ୍ତି ଭାବରେ ବିଗଳିତ ହୋଇ ତାଙ୍କ ଚକ୍ଷୁରୁ ଅଶ୍ରୁ ଗଡେଇବାକୁ ଲାଗିଲେ । ଅତ୍ୟନ୍ତ ଭକ୍ତି ଗଦଗଦ ହୃଦୟରେ ପ୍ରଭୁଙ୍କର ଚରଣ ବନ୍ଦନା କରି କହିଲେ, ହେ ଅନ୍ତର୍ଯ୍ୟାମୀ ନାଥ, ଏ ଦାସର ଅନ୍ତର କଥା କି ତୁମକୁ ଅଜଣା, ମୁଁ ଅତ୍ୟନ୍ତ ଲଜ୍ଜିତ । ହେ ପରମ ଦୟାଳୁ, କ୍ଷମାସାଗର ଏ ଦାସକୁ କ୍ଷମା କରିବ । ଏହାପରେ ଭୃଗୁ ମୁନିମାନଙ୍କ ନିକଟକୁ ଫେରି ତ୍ରିଦେବଙ୍କ ସହିତ ନିଜର ସାକ୍ଷାତ ଅନୁଭୂତି ବିଷୟ ବିଷଦ ଭାବେ ବର୍ଣ୍ଣନା କଲେ । ମୁନି ଋଷିମାନେ ସ୍ତବ୍ଧ ହୋଇ ଭକ୍ତି ଗଦଗଦ ଚିତ୍ତରେ ଭଗବାନ ଶ୍ରୀବିଷ୍ଣୁଙ୍କର ଅନନ୍ତ ମହିମା, ଉଦାରତା ଓ ସହିଷ୍ଣୁତାର ବିଷୟ ଶ୍ରବଣ କରି ଚକ୍ଷୁରୁ ଅଶ୍ରୁ ମୁଞ୍ଚନ କଲେ ଓ ସମସ୍ତ ବିଧି ବିଧାନ ସହିତ ଭଗବାନ ବିଷ୍ଣୁଙ୍କୁ ଯଜ୍ଞ ନିମିତ୍ତ ବରଣ କରି ବାଞ୍ଛିତ ଫଳ ପ୍ରାପ୍ତ ହୋଇଥିଲେ ।

ଶ୍ରୀ ଶୁକଦେବ ପୁଣି କହିଲେ, ହେ ରାଜା, ଅନ୍ୟ ଏକ ଦିନ ପ୍ରଭୁ ଶ୍ରୀକୃଷ୍ଣ ଓ ଅର୍ଜୁନ ଏକତ୍ର ଥିବା ସମୟରେ ଦ୍ୱାରକାବାସୀ ଜଣେ ବ୍ରାହ୍ମଣ ବ୍ୟାକୁଳ ଭାବେ ରୋଦନ କରି କରି ଅଭିଯୋଗ କଲେ ଯେ, ତାଙ୍କର ସମସ୍ତ ସନ୍ତାନ ମାତୃଗର୍ଭରୁ ଭୂମିଷ୍ଠ ହେବା ମାତ୍ରେ ପ୍ରାଣତ୍ୟାଗ କରୁଛନ୍ତି । ସେ ଜାଣିବାରେ ନିଜେ କିଛି ପାପ କରିନାହାନ୍ତି । ଲୋକକଥାରେ କୁହାଯାଏ ଯେ ରାଜାର ପାପ ପ୍ରଜାକୁ ଲାଗେ ଅନୁଯାୟୀ ଏହି ସମସ୍ୟାର ଆଶୁ ପ୍ରତିକାରର ବ୍ୟବସ୍ଥା କରାଯାଉ । ଅର୍ଜୁନ କହିଲେ ହେ ବିପ୍ର, ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କର ଅମୋଘ ସୁଦର୍ଶନ ଚକ୍ର ଏହି ଦ୍ୱାରକାର ରକ୍ଷାକାରୀ । ଏହି ଭୁବନରେ ଯମଦେବ ପଶିପାରେ ନାହିଁ ତେଣୁ ତୁମ ନବପୁତ୍ର ନିଧନ ନିଶ୍ଚୟ ଆଶ୍ଚର୍ଯ୍ୟର ବିଷୟ । ତଥାପି ମୁଁ ମୋର କ୍ଷତ୍ରିୟ ଧର୍ମ ପାଳନ କରି ଭଗବାନ ଶଙ୍କରଙ୍କ ପ୍ରଦତ୍ତ ଅକ୍ଷୟ ତୁଣୀର ଓ ଗାଣ୍ଡିବ ଧନୁ ସାହାଯ୍ୟରେ ତୁମ ଗୃହର ଚତୁର୍ଦ୍ଦିଗରେର ଦେବ, ଦାନବାଦିର ଅଗମ୍ୟ ଶରପ୍ରାଚୀର ସୃଷ୍ଟି କରି ତୁମ ପୁତ୍ରକୁ ଅବଶ୍ୟ ରକ୍ଷା କରିବି, ଏହା ମୋର ଶପଥ । ଏହି ଶପଥ ଭଙ୍ଗ ହେଲେ ମୁଁ ଅଗ୍ନିରେ ପ୍ରାଣ ବିସର୍ଜନ କରିବି । ଅର୍ଜୁନ ବ୍ରାହ୍ମଣଙ୍କ ସହ ଆସି ବ୍ରାହ୍ମଣର ଗୃହକୁ ପିଞ୍ଜରାବଦ୍ଧ ପକ୍ଷୀପରି ଚତୁର୍ଦ୍ଦିଗରେ ସୂଚୀ ଅଭେଦ୍ୟ ଶରପ୍ରାଚୀର ସୃଷ୍ଟିକରି ନିଜେ ଧନୁଶର ହସ୍ତରେ ବ୍ରାହ୍ମଣର ଦ୍ୱାରଦେଶରେ ଜଗି ରହିଲେ । ମାତ୍ର ଏଥର ମଧ ବ୍ରାହ୍ମଣୀର ପ୍ରଶବ ମାତ୍ରେ ପୁତ୍ର ଅନ୍ତର୍ଦ୍ଧାନ ହୋଇଗଲା ଓ ଗୃହରେ କ୍ରନ୍ଦନର ରୋଳ ଉଠିଲା । ବ୍ରାହ୍ମଣ ବ୍ୟାକୁଳ ଭାବେ କ୍ରନ୍ଦନ କରି ଅର୍ଜୁନଙ୍କୁ ଭର୍ତ୍ସନା କରି କହିଲେ, ପ୍ରଭୁ ଶ୍ରୀକୃଷ୍ଣଙ୍କର ମହାବୀର ପୁତ୍ରାମନେ ମଧ ଅତୀତରେ ମୋ ପୁତ୍ରକୁ ରକ୍ଷା କରିପାରି ନାହାନ୍ତି, ତୁମେ ମଧ କଦାପି ପାରିବ ନାହିଁ, ମୁଁ ନିର୍ବୋଧ ତୁମ କଥାରେ ଆସ୍ଥା ସ୍ଥାପନ କରି ଏବେ ନିରାଶ ହେଲି, ଆଉ ପୁତ୍ର ଉପୁଜାଇବାକୁ ମୋର ବୟସ ନାହିଁ, ନିଃସନ୍ତାନ ହୋଇ ମୋତେ ପୁ-ନରକ ଭୋଗ କରିବାକୁ ହେବ । ଧିକ ତୁମର ବୀରତ୍ୱ, ଧିକ ତୁମର ଗାଣ୍ଡିବ ଧନୁ । ଅର୍ଜୁନ ଅତ୍ୟନ୍ତ ଦୁଃଖରେ ମର୍ମାହତ ହୋଇ ଯମଦେବଙ୍କ ସଞ୍ଜିବନୀ ପୁର, ଇନ୍ଦ୍ର, ଅଗ୍ନି, ନୈଋତ, ସୋମ, ବାୟୁ, ବରୁଣ ଆଦି ସର୍ବଦେବ ପୁରରେ ଅନୁସନ୍ଧାନ କରି ବ୍ରାହ୍ମଣ ଅପହୃତ ପୁତ୍ରମାନଙ୍କୁ ନପାଇ ନିରାଶ ହୋଇ ପଡିଲେ ଏବଂ ନିଜର ଶପଥ ପୂରଣ କରିବାକୁ ଅଗ୍ନି ପ୍ରଜ୍ୱଳିତ କରି ସେଥିରେ ଝାସ ଦେବାକୁ ଉଦ୍ୟତ ହେବାରୁ ଭଗବାନ ଶ୍ରୀକୃଷ୍ଣ ସହସା ପହଞ୍ଚି ତାଙ୍କୁ ଆଲିଙ୍ଗନ କରି କହିଲେ, ହେ ଅର୍ଜୁନ ତୁ ମୋର ପଞ୍ଚ ପ୍ରାଣ, ଶ୍ରୀକୃଷ୍ଣ ଜିବୀତ ଥାଉ ଥାଉ ଅର୍ଜୁନ କି ମରିପାରେ ? ମୋ ସହ ଚାଲ, ତ୍ରିଲୋକର ଯେ କୌଣସି ସ୍ଥାନରେ ଥିଲେ ମଧ ଆମେ ବ୍ରାହ୍ମଣର ପୁତ୍ରାମନଙ୍କୁ ଉଦ୍ଧାର କରି ଆଣିବା । ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଶରୀରକୁ ସଂସ୍କାର କରି ତାଙ୍କୁ ଦିବ୍ୟ ଚକ୍ଷୁ ପ୍ରଦାନ କଲେ ଓ ସଙ୍ଗରେ ନେଇ ଏକ ଦିବ୍ୟ ରଥାରୋହଣ କରି ପଶ୍ଚିମାଭିମୁଖ ହୋଇ ଯାତ୍ରାକଲେ । ପଥରେ ସପ୍ତ ଦ୍ୱୀପ, ସପ୍ତ ପର୍ବତ, ସୁଦୀର୍ଘ ଅନ୍ଧକାର ପଥ ଓ ଜଳପଥକୁ ନିଜର ଯୋଗମାୟା ବଳରେ ଅତିକ୍ରମ କରି ଅବଶେଷରେ ସହସ୍ର ଫଣାଯୁକ୍ତ ଶେଷଦେବଙ୍କ ଉପରେ ଶାୟିତ ଅନନ୍ତ ମହାବିଷ୍ଣୁ ଲୋକରେ ପହଞ୍ଚିଲେ । ସେଠାରେ ପହଞ୍ଚି ଯୋଗାସନରେ ଉପବିଷ୍ଟ ମହାବିଷ୍ଣୁଙ୍କୁ ଶ୍ରୀକୃଷ୍ଣ ଓ ଅର୍ଜୁନ ପ୍ରଣତି ଜ୍ଞାପନ କଲେ । ପରମ ପୁରୁଷୋତ୍ତମ ଭଗବାନ ଶ୍ରୀବିଷ୍ଣୁଙ୍କ ଶରୀର ନବ ଜଳଧର ସଦୃଶ ସ୍ନିଗ୍ଧ ଶ୍ୟାମଳ ବର୍ଣ୍ଣ, ଅତ୍ୟନ୍ତ ସୁନ୍ଦର ପାଟ ପୀତାମ୍ବର ପରିଧାନ, ଶିରରେ ମଣିମୁକ୍ତା ଖଚିତ ଜ୍ୟୋତିର୍ମୟ ମୁକୁଟ, କର୍ଣ୍ଣରେ ମକର କୁଣ୍ଡଳ, ବକ୍ଷରେ କୌସ୍ତୁଭ ମଣି ଓ ବନମାଳା । ଈଶତ ରକ୍ତବର୍ଣ୍ଣ ଆକର୍ଣ୍ଣ ବିସ୍ତାରି ପ୍ରସ୍ଫୁଟିତ କମଳ ତୁଲ୍ୟ ନୟନ ଯୁଗଳ ଆଜାନୁଲମ୍ବିତ ଅଷ୍ଟଭୁଜ, ପ୍ରସନ୍ନ ବଦନରେ ଦରସ୍ମିତ ରେଖା । ସେ ଅତ୍ୟନ୍ତ କୋମଳ ମଧୁର ସ୍ୱରରେ କହିଲେ, ହେ କୃଷ୍ଣାର୍ଜୁନ, ତୁମ ଦୁହିଁଙ୍କୁ ଏକତ୍ର ଦେଖିବା ନିମିତ୍ତ ମୁଁ ବ୍ରାହ୍ମଣର ପୁତ୍ରାମନଙ୍କୁ ଏଠାକୁ ନେଇ ଆସିଛି, ଧର୍ମ ସଂସ୍ଥାପନ ନିମିତ୍ତ ତୁମେ ଦୁହେଁ ମୋର ଅବତାର ରୂପେ ସଂସାରରେ ଜନ୍ମ ଗ୍ରହଣ କରିଛ; ତାହା ଶେଷ କରି ମୋ ନିକଟକୁ ଫେରିଆସ । ତୁମେ ଦୁହେଁ ନର ଓ ନାରାୟଣ, ମୋର କର୍ମମୟ ସ୍ୱରୂପ । ପ୍ରଭୁ ଶ୍ରୀକୃଷ୍ଣ ଓ ଅର୍ଜୁନ ତାଙ୍କୁ ଯଥାବିଧି ପ୍ରଣତି ଜ୍ଞାପନ କରି ବ୍ରାହ୍ମଣର ପୁତ୍ରମାନଙ୍କୁ ସଙ୍ଗରେ ଧରି ଦ୍ୱାରକା ପ୍ରତ୍ୟାବର୍ତ୍ତନ କଲେ । ଶ୍ରୀ ଶୁକଦେବ କହିଲେ ହେ ରାଜା ! ଭଗବାନ ଶ୍ରୀକୃଷ୍ଣ ନିଜ ମହିମା ବଳରେ ଏପରି ଅନେକ ଅଦ୍ଭୁତ ଅଲୌକିକ କର୍ମ ସମ୍ପାଦନ କରି ଜଗତରେ ଧର୍ମର ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ସାଧୁ ଓ ସନ୍ଥମାନଙ୍କର ମଙ୍ଗଳ ସାଧନ କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଆଖ୍ୟାନ ଯେ ପଢନ୍ତି, ଶୁଣନ୍ତି ଅବା ଶୁଣାନ୍ତି ସେ ସମସ୍ତ ପ୍ରକାର ଭବଭୟରୁ ମୁକ୍ତ ହୁଅନ୍ତି ଓ ଅନ୍ତକାଳରେ ମୁକ୍ତିଲାଭ କରନ୍ତି । ( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରିଙ୍ଗ

# ସ୍ନେହ ସହିତ ଆକଟ ବି ଜରୁରୀ



ଶ୍ୱେତା ରାଉତ୍

ପ୍ରତ୍ୟେକ ବାପା, ମାଆ ନିଜ ପିଲାଙ୍କୁ ଖୁବ୍ ଭଲପାଇବା, ସ୍ନେହ ଆଦର ଦେବା ଉଚିତ୍, କିନ୍ତୁ ଏହାର ଅର୍ଥ ନୁହେଁ ସବୁ କ୍ଷେତ୍ରରେ ପିଲାଙ୍କୁ ସ୍ୱାଧୀନତା ଦେଇ ଉଶୃଙ୍ଖଳତା ଆଡ଼କୁ ବାଟ କଢ଼େଇ ନେବା ! ସ୍ନେହ ସହିତ ଆକଟ ମଧ ଜରୁରୀ। ଆଜିକାଲି ଅନେକ ଅଭିଭାବକ ନିଜ ପିଲାଙ୍କୁ ଦୁଃଖ ଦେବାକୁ ଚାହାନ୍ତି ନାହିଁ। ତେଣୁ ସେମାନେ ପିଲାର ପ୍ରତ୍ୟେକ ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରନ୍ତି। ମୋବାଇଲ ଫୋନ, ଦାମୀ ଖେଳନା, ଅନିୟନ୍ତ୍ରିତ ଇଣ୍ଟରନେଟ ବ୍ୟବହାର, ଅଧିକ ସମୟ ବାହାରେ ବୁଲିବାକୁ ପ୍ରଶୟ ଦେବା, ସବୁକିଛି ତାଙ୍କ ହାତରେ ଦେଇ ଦିଅନ୍ତି। କିନ୍ତୁ ଏହା ପିଲାଙ୍କ ଭବିଷ୍ୟତ ପାଇଁ ସବୁବେଳେ ଭଲ ନୁହେଁ। କାରଣ ଜୀବନରେ ସବୁକିଛି ସହଜରେ ମିଳେ ନାହିଁ। ପିଲାଙ୍କୁ ସଂଘର୍ଷ, ଧୈର୍ଯ୍ୟ ଓ ନିୟନ୍ତ୍ରଣର ଶିକ୍ଷା ମଧ ଆବଶ୍ୟକ। ସେଥିପାଇଁ ଆକଟ ବା ଶୃଙ୍ଖଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆକଟର ଅର୍ଥ କଠୋରତା କିମ୍ବା ଭୟ ସୃଷ୍ଟି କରିବା ନୁହେଁ। ଏହାର ଅର୍ଥ ହେଉଛି ପିଲାଙ୍କୁ ଭଲ ଓ ମନ୍ଦର ତଫାତ ବୁଝାଇବା, ନିୟମ ମାନିବାକୁ ଶିଖାଇବା ଓ ଦାୟିତ୍ୱବୋଧ ଜଣାଇବା। ଯେଉଁ ପିଲା ଛୋଟବେଳୁ ଶୃଙ୍ଖଳାରେ ବଢ଼େ, ସେ ପରେ ଜୀବନର ବିଭିନ୍ନ କ୍ଷେତ୍ରରେ ସଫଳ ହେବାର ସମ୍ଭାବନା ଅଧିକ। ଆମ ପୁରାତନ ସଂସ୍କୃତି ମଧ ଏହି ଶିକ୍ଷା ଦେଇଥାଏ। ଗୁରୁକୁଳ ପରମ୍ପରାରେ ଗୁରୁମାନେ ଶିଷ୍ୟଙ୍କୁ ସ୍ନେହ କରୁଥିଲେ, କିନ୍ତୁ ତା ସହିତ ନିୟମ ଓ ଶୃଙ୍ଖଳାର ପାଠ ମଧ ପଢ଼ାଉଥିଲେ। ତେଣୁ ସେମାନେ ଜ୍ଞାନୀ, ବିନମ୍ର ଓ ଚରିତ୍ରବାନ ହୋଇ ଉଠୁଥିଲେ। ଇତିହାସର ଅନେକ ମହାନ ବ୍ୟକ୍ତିଙ୍କ ଜୀବନ ଦେଖିଲେ ଜଣାପଡ଼େ ଯେ ସେମାନେ ସ୍ନେହ ସହିତ ଶୃଙ୍ଖଳିତ ପରିବେଶରେ ବଢ଼ିଥିଲେ।

ଅଭିଭାବକମାନେ ପିଲାଙ୍କ ଭୁଲ ଦେଖି ନିରବ ରହିବା ଉଚିତ ନୁହେଁ। ଭୁଲକୁ ଭୁଲ ବୋଲି କହିବା ଦରକାର। କିନ୍ତୁ ରାଗ, ଗାଳି କିମ୍ବା ମାଡ଼ ମାରି ଆକଟ କରିବା ଉଚିତ ନୁହେଁ। ବୁଝାଇବା, କଥାବାର୍ତ୍ତା ମାଧ୍ୟମରେ ଶିକ୍ଷା ଦେବା ଓ ନିଜ ଆଚରଣ ଦ୍ୱାରା ଉଦାହରଣ ସୃଷ୍ଟି କରିବା ଅଧିକ ପ୍ରଭାବ ପକାଇଥାଏ। ପିଲାମାନେ କେବଳ ଉପଦେଶରୁ ନୁହେଁ, ବରଂ ବଡ଼ମାନଙ୍କ ଆଚରଣରୁ ଅଧିକ ଶିଖନ୍ତି। ଆମେ ଯେମିତି ଆଚରଣ ରଖିବା ଆମ ପିଲା ଆମକୁ ଦେଖି ଅନୁକରଣ କରିବ। ସ୍ନେହ ବିନା ଆକଟ ପିଲାଙ୍କୁ ଭୟଭୀତ କରିପାରେ, ଆଉ ଆକଟ ବିନା ସ୍ନେହ ପିଲାଙ୍କୁ ଉଚ୍ଛୃଙ୍ଖଳ କରିପାରେ। ତେଣୁ ଉଭୟର ସମନ୍ୱୟ ହିଁ ଶ୍ରେଷ୍ଠ। ଯେପରି ଗଛକୁ ବଢ଼ିବା ପାଇଁ ପାଣି ଓ ଖୁଣ୍ଟି ଦୁହିଁ ଦରକାର, ସେହିପରି ପିଲାଙ୍କ ବିକାଶ ପାଇଁ ସ୍ନେହ ଓ ଶୃଙ୍ଖଳା ଉଭୟ ଆବଶ୍ୟକ।ପିଲାମାନେ ହେଉଛନ୍ତି ଆସନ୍ତାକାଲିର ସମାଜର ନିର୍ମାତା। ସେମାନଙ୍କୁ କେବଳ ଭଲପାଇବା ଦେଲେ ହେବ ନାହିଁ, ଭଲ ମଣିଷ ହେବାର ଶିକ୍ଷା ମଧ ଦେବାକୁ ପଡ଼ିବ। ସ୍ନେହ ସେମାନଙ୍କ ହୃଦୟକୁ କୋମଳ କରେ, ଆଉ ଆକଟ ସେମାନଙ୍କ ଚରିତ୍ରକୁ ଦୃଢ଼ କରେ। ପିଲାଙ୍କୁ ଗଢିବାରେ ସନ୍ତୁଳନ ରଖିପାରିଲେ ସେମାନେ ଜୀବନରେ ସଫଳ, ସଂସ୍କାରବାନ ଓ ଦାୟିତ୍ୱଶୀଳ ନାଗରିକ ଭାବେ ଗଢି ହୋଇ ପାରିବେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ; ଦୂର କରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ରସୁଣର ଅନେକ ଔଷଧୀୟ ଗୁଣ ରହିଛି । ଏହାକୁ ଖାଇବା ଦ୍ୱାରା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିବେଚନା କରାଯାଏ । କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖାଇବା ପୂର୍ବରୁ କିମ୍ବା ଖାଦ୍ୟ ସହିତ ଯଦି ଦୁଇ ପାଖୁଡା ରସୁଣ ଖାଆନ୍ତି, ତେବେ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରେ । ଏହା ଦ୍ୱାରା କି କି ଫାଇଦା ମିଳିଥାଏ, ଜାଣନ୍ତୁ...

**ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣର ଫାଇଦା**



ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ- ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ। ଏହା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ ହ୍ରାସ ହୋଇପାରେ।

ସଂକ୍ରମଣରୁ ରକ୍ଷା କରେ- ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ- ଯେଉଁମାନେ ଆର୍ଥ୍ରାଇଟିସରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଙ୍ଖୁଡ଼ା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।

ହଜମ ପ୍ରକ୍ରିୟାକୁ ମଜବୁତ କରେ- ରସୁଣରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ହଜମକାରୀ ଏନଜାଇମର ଉତ୍ପାଦନକୁ ବଢାଇଥାଏ। ରସୁଣ ଖାଇବା ଦ୍ୱାରା ହଜମ ଭଲ ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି କରେ- ଯଦି ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ, ତେବେ ଖାଇବା ପୂର୍ବରୁ ଦୁଇ ପାଙ୍ଖୁଡ଼ା ରସୁଣ ନିଶ୍ଚିତ ରୂପେ ଖାଆନ୍ତୁ। ରସୁଣରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ, ଯେଉଁଥିପାଇଁ ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ।

# ହୃଦରୋଗୀଙ୍କୁ ସୁସ୍ଥ ରଖେ 'ଟାଇ ଚି'

ନୂଆ ଅଧ୍ୟୟନ ଅନୁସାରେ ଟାଇ ଚି ହୃଦଘାତ ପୀଡ଼ିତଙ୍କୁ ସୁସ୍ଥ ହେବାରେ ସାହାଯ୍ୟ କରେ। ଚୀନର ଏହି ପ୍ରାଚୀନ ମାର୍ଶଲ ଆର୍ଟ (ବ୍ୟାୟାମ କୌଶଳ) ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ବିକଳ୍ପ ହୋଇପାରେ। ତେବେ ଏହି ଆରୋଗ୍ୟ କେନ୍ଦ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ ନକରିବା ବିପଦପୂର୍ଣ୍ଣ ହୋଇପାରେ ଏବଂ ହୃଦରୋଗୀଙ୍କ ମୃତ୍ୟୁ ଆଶଙ୍କା ୧୮ ପ୍ରତିଶତ ବୃଦ୍ଧି ପାଇଥାଏ ବୋଲି ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ ପାଇଁ ହୃଦଘାତ ପୀଡ଼ିତ ୨୯ ଜଣ ବ୍ୟକ୍ତି ଟାଇ ଚି ଶ୍ରେଣୀରେ ଅଭ୍ୟାସର ମଜା ନେଇଥିଲେ। ଧୀମା ଗତିର ବ୍ୟାୟାମ ଜାରି ରଖିବାକୁ ଟାଇ ଚି ଲୋକଙ୍କୁ ଉତ୍ସାହିତ କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ଏହି ବ୍ୟାୟାମର ଏକମାତ୍ର ପାର୍ଶ୍ୱ ପ୍ରତିକ୍ରିୟାରେ ମାଂସପେଶୀରେ ସାମୟିକ ଭାବେ ଦରଜ ସେମାନେ ଅନୁଭବ କଲେ। ଏହି ମାର୍ଶଲ୍ ଆର୍ଟ ଅତ୍ୟନ୍ତ ହିତକାରୀ ବୋଲି ବ୍ରାଉନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଅନୁଭବ କରିଛନ୍ତି। ଟାଇ ଚିକୁ ଖୁବ ଧୀର ଓ ସହଜ ଭାବେ ଆରମ୍ଭ କରାଯାଇପାରିବ। ତେଣୁ ହୃଦଘାତ ରୋଗୀଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଡା.ଏଲିନା ସାଲମୋଇରାଗୋ-ବ୍ଲୋଚର୍ କହିଛନ୍ତି। ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ପରେ ବ୍ୟାୟାମର ବେଗ ଓ ସୋପାନର ତୀବ୍ରତା ବୃଦ୍ଧି କରାଯାଇପାରେ। ଟାଇ ଚି ବ୍ୟାୟାମକୁ କମ୍‌ରୁ ମଧ୍ୟମ ତୀବ୍ରତାର ସ୍ତର ପର୍ଯ୍ୟନ୍ତ ନିଆଯାଇପାରେ ବୋଲି ଏଲିନା କହିଛନ୍ତି। ତେବେ ଏହା ହୃଦରୋଗ ଚିକିତ୍ସାର ଅନ୍ୟ ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ସ୍ଥାନ ନେଇନାହିଁ। ପାରମ୍ପରିକ ଆରୋଗ୍ୟ କେନ୍ଦ୍ର ରୋଗୀଙ୍କ ଶାରୀରିକ ଫିଟ୍‌ନେସ୍‌ରେ ସହାୟକ ହୋଇ ନଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ଟାଇ ଚି ବ୍ୟାୟାମ କୌଶଳ ଉଭୟ ହୃଦ୍ ଓ ଶାରୀରିକ ଫିଟନେସ ପାଇଁ ପ୍ରକୃଷ୍ଟ। ଅନେକ ଅଧ୍ୟୟନରେ ଯଦି ଏହା ପ୍ରମାଣିତ ହୁଏ, ଆରୋଗ୍ୟ କେନ୍ଦ୍ରରେ ବିଭିନ୍ନ କଠିନ ବ୍ୟାୟାମ ସହିତ ଟାଇ ଚିକୁ ସ୍ଥାନ ଦେବା ସମ୍ଭବପର ହେବ।

# ନିୟମାବଳୀର ଦୁର୍ବଳତା ମଧ୍ୟରେ ଭାରତରେ ଅଲ୍ଟ୍ରା-ପ୍ରୋସେସ୍ଡ ଖାଦ୍ୟର ବଜାର

ଆପଣ ଦିଲ୍ଲୀ, ଲଣ୍ଡନ କିମ୍ବା ଟୋକିଓର କୌଣସି ସୁପରମାର୍କେଟରେ ପ୍ରବେଶ କରି ଗୋଟିଏ ବିଶ୍ୱସ୍ତରୀୟ ବ୍ରାଣ୍ଡର ପ୍ୟାକେଟ୍ ଖାଦ୍ୟ, ଯେପରିକି ଚକୋଲେଟ୍, ମୃଦୁ ପାନୀୟ (ସଫ୍ଟ ଡ୍ରିଙ୍କ୍) କିମ୍ବା ବ୍ରେକଫାଷ୍ଟ ସିରିଏଲ୍ କିଣନ୍ତୁ । ବାହାରୁ ପ୍ୟାକେଜିଂ ଏବଂ ବ୍ରାଣ୍ଡିଂ ପ୍ରାୟତଃ ସମାନ ଦେଖାଯାଉଥିଲେ ମଧ୍ୟ, ଲେବଲ୍‌ର ସୂକ୍ଷ୍ମ ଅଧ୍ୟୟନରୁ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସେ। ଉନ୍ନତ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତରେ ବିକ୍ରି ହେଉଥିବା ସେହି ସମାନ ବ୍ରାଣ୍ଡର ଖାଦ୍ୟରେ ଶର୍କରା (ଚିନି) ମାତ୍ରା ଅଧିକ ଥାଏ, ଚର୍ବିର ପ୍ରକାରଭେଦ ଥାଏ ଏବଂ ଶସ୍ତା ଉପାଦାନ ଯେପରିକି ପାମ୍ ଅଏଲ୍ କିମ୍ବା ଅଧିକ ମାତ୍ରାରେ କୃତ୍ରିମ ମିଠା (**high-intensity sweeteners**) ବ୍ୟବହାର କରାଯାଇଥାଏ । ଏହି ପାର୍ଥକ୍ୟ କେବଳ ଗ୍ରାହକଙ୍କ ସ୍ୱାଦର ପସନ୍ଦ ଉପରେ ନିର୍ଭର କରେ ନାହିଁ, ବରଂ ଏହା ଖାଦ୍ୟ ଗୁଣବତ୍ତା ଏବଂ ପୁଷ୍ଟିସାଧନର ଏକ ଅସମାନ ରାଜନୀତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରେ। ଜଗତୀକରଣ ପ୍ରକୃତରେ ଏକ ସମାନ ଖାଦ୍ୟ ବ୍ୟବସ୍ଥା ସୃଷ୍ଟି କରିବାରେ ବିଫଳ ହୋଇଛି, ଯେଉଁଠାରେ ଖାଦ୍ୟର ଗୁଣବତ୍ତା ବିଭିନ୍ନ ଦେଶର ନିୟମାବଳୀ, କ୍ରୟ କ୍ଷମତା ଏବଂ ପୁଷ୍ଟିକର ଆବଶ୍ୟକତା ଉପରେ ଆଧାରିତ ହୋଇ ପରିବର୍ତ୍ତିତ ହେଉଛି ।

ଭାରତର ଖାଦ୍ୟ ପ୍ରଶାସନର କେନ୍ଦ୍ରବିନ୍ଦୁ ହେଉଛି ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (**FSSAI**) । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତରେ ବିକ୍ରି ହେଉଥିବା ଖାଦ୍ୟ ସୁରକ୍ଷିତ, ସଠିକ୍ ଭାବରେ ଲେବଲ୍ ହୋଇଥିବା ଏବଂ ନିର୍ଦ୍ଧାରିତ ମାନକ ଅନୁଯାୟୀ ହୋଇଥିବା ନିଶ୍ଚିତ କରିବା । ବିଗତ ବର୍ଷଗୁଡ଼ିକରେ, ଋଙ୍ଝଈଓ ଖାଦ୍ୟରେ ଅପମିଶ୍ରଣ ଏବଂ ପରିମଳ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତଥାପି, ବର୍ତ୍ତମାନ ଭାରତର ଖାଦ୍ୟ ବ୍ୟବସ୍ଥା ଏକ ଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି, ଯାହା କେବଳ ସାମୟିକ ଖାଦ୍ୟ ସୁରକ୍ଷାଠାରୁ ବହୁ ଦୂରରେ ଏବଂ ଦୀର୍ଘକାଳୀନ ଖାଦ୍ୟଗତ ବିପଦ ସହିତ ଜଡ଼ିତ । ଏହି ପରିବର୍ତ୍ତନକୁ ବୁଝିବା ପାଇଁ ଖାଦ୍ୟର 'ନୋଭା' (**NOVA**) ବର୍ଗୀକରଣକୁ ଧ୍ୟାନକୁ ନେବା ଆବଶ୍ୟକ, ଯାହା ଖାଦ୍ୟକୁ ତାର ଔଦ୍ୟୋଗିକ ପ୍ରକ୍ରିୟାକରଣର ମାତ୍ରା ଅନୁଯାୟୀ ବିଭକ୍ତ କରେ । ଏହି ବର୍ଗୀକରଣରେ ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡ୍ (**UPF**) ବା ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟ କେବଳ ସାଧାରଣ ଖାଦ୍ୟର ରୂପାନ୍ତର ନୁହେଁ, ବରଂ ଏହା ଔଦ୍ୟୋଗିକ ଫର୍ମୁଲା ଯାହାକୁ ଅଧିକ ସ୍ୱାଦିଷ୍ଟ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ସାଇତି ରଖିବା ପାଇଁ ପ୍ରସ୍ତୁତ କରାଯାଇଥାଏ। ପ୍ୟାକେଟ୍ ସ୍ନାକ୍ସ, ମିଠା ପାନୀୟ, ଇନଷ୍ଟାଣ୍ଟ ନୁଡୁଲ୍ସ ଏବଂ ରେଡି-ଟୁ-ଇଟ୍ ଖାଦ୍ୟ ଭାରତୀୟ ପରିବାରରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗୋଟିଏ ଉତ୍ପାଦ ବିଦ୍ୟମାନ ନିୟମାବଳୀ ସହିତ ସମ୍ପୂର୍ଣ୍ଣ ଅନୁକୂଳ ହୋଇପାରେ, କିନ୍ତୁ ତଥାପି ଏହା ଅଲ୍ଟ୍ରା-ପ୍ରୋସେସ୍ଡ ବର୍ଗରେ ଆସିପାରେ, ଯାହାର ମେଦବହୁଳତା ଏବଂ ଟାଇପ୍-୨ ମଧୁମେହ ଭଳି ରୋଗ ସହିତ ସିଧାସଳଖ ସମ୍ପର୍କ ରହିଛି । ଅର୍ଥାତ୍ ଆମର ନିୟାମକ ବ୍ୟବସ୍ଥା ଖାଦ୍ୟକୁ ସାମୟିକ ଭାବରେ ଖାଇବା ପାଇଁ ସୁରକ୍ଷିତ ବୋଲି ପ୍ରମାଣିତ କରୁଥିବା ବେଳେ ଏହାର ଦୀର୍ଘକାଳୀନ ପୁଷ୍ଟିକର ପରିଣାମ ବିଷୟରେ ନୀରବ ରହୁଛି।

ଏହି ନୀରବତା ଏବଂ ନିୟାମକ ବ୍ୟବସ୍ଥାର ଦୁର୍ବଳତାର ସୁଯୋଗ ନେଇ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଦ୍ୱୈତ ନୀତି ଆପଣାଉଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ନିକଟରେ ସାମ୍ନାକୁ ଆସିଥିବା ନେସଲେ (**Nestle**) କମ୍ପାନୀର ଶିଶୁ ଖାଦ୍ୟ 'ସେରେଲାକ୍' (**Cerelac**) ବିବାଦ । ସୁଇଜରଲ୍ୟାଣ୍ଡର ଏକ ଅନୁସନ୍ଧାନକାରୀ ସଂସ୍ଥା 'ପବ୍ଲିକ୍ ଆଇ'ର ରିପୋର୍ଟରୁ ଜଣାପଡ଼ିଛି ଯେ ନେସଲେ ୟୁରୋପୀୟ ଦେଶଗୁଡ଼ିକରେ ଯେପରିକି ବ୍ରିଟେନ ଏବଂ ଜର୍ମାନୀରେ ବିକ୍ରି କରୁଥିବା ଶିଶୁ ଖାଦ୍ୟରେ କୌଣସି ଅତିରିକ୍ତ ଚିନି (**added sugar**) ମିଶାଉନାହିଁ । କିନ୍ତୁ ଭାରତ ସମେତ ଏସିଆ ଏବଂ ଆଫ୍ରିକାର ଦେଶଗୁଡ଼ିକରେ ବିକ୍ରି ହେଉଥିବା ସେହି ସମାନ ଉତ୍ପାଦରେ ପ୍ରତି ସର୍ଭିଂରେ ପ୍ରାୟ ୩ ଗ୍ରାମ୍ ପର୍ଯ୍ୟନ୍ତ ଅତିରିକ୍ତ ଚିନି ମିଶାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**) ଶିଶୁମାନଙ୍କ ଖାଦ୍ୟରେ ଅତିରିକ୍ତ ଚିନି ନମିଶାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସ୍ଥାନୀୟ ନିୟମକାନୁନର କୋହଳତା କାରଣରୁ କମ୍ପାନୀଗୁଡ଼ିକ ଭାରତରେ ଏଭଳି କାର୍ଯ୍ୟ କରିବାକୁ ସକ୍ଷମ ହେଉଛନ୍ତି । ସେହିପରି ପେପ୍ସି (**Pepsi**) ଭଳି ପାନୀୟ କମ୍ପାନୀର ଉଦାହରଣ ନିଆଯାଇପାରେ । ଆମେରିକାରେ ପେପ୍ସିରେ ମୁଖ୍ୟତଃ ହାଇ-ଫ୍ରୁକ୍ଟୋଜ୍ କର୍ଣ୍ଣ ସିରପ୍ ବ୍ୟବହାର କରାଯାଉଥିବା ବେଳେ ବ୍ରିଟେନ ଏବଂ ଅନେକ ୟୁରୋପୀୟ ଦେଶରେ ଚିନି ଟିକସ (**sugar tax**) ଏବଂ କଠୋର ନିୟମ କାରଣରୁ କମ୍ପାନୀ ନିଜ ଉତ୍ପାଦରେ ଚିନି ମାତ୍ରା ହ୍ରାସ କରି କୃତ୍ରିମ ମିଠା ବ୍ୟବହାର କରୁଛି । ମେକ୍ସିକୋ ଭଳି ଦେଶରେ ମଧ୍ୟ କଠୋର ଲେବଲିଂ ନିୟମ କାରଣରୁ ପେପ୍ସିକୁ ତାର ଫର୍ମୁଲା ବଦଳାଇବାକୁ ପଡ଼ିଛି । ମାତ୍ର ଭାରତରେ ଏପରି କୌଣସି କଠୋର ଚାପ ନଥିବାରୁ ଏଠାରେ ବିକ୍ରି ହେଉଥିବା ପେପ୍ସିରେ ପ୍ରଚୁର ମାତ୍ରାରେ ଚିନିର ବ୍ୟବହାର ଅବ୍ୟାହତ ରହିଛି ।

ଅତ୍ୟଧିକ ଚିନି ଏବଂ ଅଲ୍ଟ୍ରା-ପ୍ରୋସେସ୍ଡ ଖାଦ୍ୟର ଏହି ନିରବଚ୍ଛିନ୍ନ ପ୍ରବାହ ଭାରତ ପାଇଁ ଏକ ଭୟଙ୍କର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି । ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (**ICMR**) ଏବଂ ଇଣ୍ଡିଆବ୍ (**INDIAB**) ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ଏକ ବୃହତ୍ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଭାରତରେ ୧୦.୧ କୋଟି ଲୋକ ମଧୁମେହ (ଡାଇବେଟିସ୍) ରେ ପୀଡ଼ିତ ଥିବାବେଳେ ପ୍ରାୟ ୧୩.୬ କୋଟି ଲୋକ ପ୍ରି-ଡାଇବେଟିସ୍ ଅବସ୍ଥାରେ ଅଛନ୍ତି । ଦିନେ କେବଳ ଧନୀ ଏବଂ ସହରୀ ଲୋକଙ୍କ ରୋଗ ବୋଲି ବିବେଚନା କରାଯାଉଥିବା ମଧୁମେହ ଏବେ ଗ୍ରାମାଞ୍ଚଳ ଏବଂ ନିମ୍ନ ଆୟକାରୀ ବର୍ଗଙ୍କ ମଧ୍ୟରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଏହାର ଏକ ପ୍ରମୁଖ କାରଣ ହେଉଛି ପ୍ୟାକେଟ୍ ଖାଦ୍ୟର ବ୍ୟାପକ ପ୍ରସାର । ସହରଠାରୁ ଆରମ୍ଭ କରି ଉପାନ୍ତ ଗାଁ ପର୍ଯ୍ୟନ୍ତ ସବୁଠାରେ ମିଠା ପାନୀୟ, ପ୍ୟାକେଟ୍ ସ୍ନାକ୍ସ ଏବଂ ଇନଷ୍ଟାଣ୍ଟ ଖାଦ୍ୟ ସହଜରେ ଏବଂ ଶସ୍ତାରେ ଉପଲବ୍ଧ ହେଉଛି । ଭାରତ ବର୍ତ୍ତମାନ ଏକ ଦ୍ୱୈତ ପୁଷ୍ଟିହୀନତା ସମସ୍ୟାର ସମ୍ମୁଖୀନ ହେଉଛି । ଗୋଟିଏ ପଟେ ରକ୍ତହୀନତା ଏବଂ ମାଇକ୍ରୋନିଉଟ୍ରିଏଣ୍ଟର ଅଭାବ ଥିବାବେଳେ ଅନ୍ୟ ପଟେ ମେଦବହୁଳତା ଏବଂ ମଧୁମେହ ଭଳି ରୋଗ ବୃଦ୍ଧି ପାଉଛି । କିନ୍ତୁ ଆମର ନିୟାମକ ବ୍ୟବସ୍ଥା ଏହି ଦୁଇଟି ସମସ୍ୟାକୁ ଖାଦ୍ୟ ବ୍ୟବସ୍ଥାର ପରିବର୍ତ୍ତନ ସହିତ ଯୋଡ଼ିବା ପରିବର୍ତ୍ତେ ଏବେ ବି ଅଲଗା ଅଲଗା ଦୃଷ୍ଟିରେ ଦେଖୁଛି । ଏହି ସମସ୍ୟାର ଅନ୍ୟ ଏକ ଦିଗ ହେଉଛି ଗ୍ରାହକଙ୍କ ଆଚରଣ ଏବଂ ସୂଚନାର ଅଭାବ । ସାଧାରଣତଃ ଖାଦ୍ୟ ଚୟନକୁ ବ୍ୟକ୍ତିଗତ ଦାୟିତ୍ୱ ବୋଲି କୁହାଯାଏ, କିନ୍ତୁ ପ୍ରକୃତରେ ଏହା ଗ୍ରାହକଙ୍କ ବୁଝିବା କ୍ଷମତା ଏବଂ ଉପଲବ୍ଧ ସୂଚନା ଉପରେ ନିର୍ଭର କରେ । ପ୍ୟାକେଟ୍ ଖାଦ୍ୟରେ ଥିବା ପୁଷ୍ଟିକର ଲେବଲ୍ ଗୁଡ଼ିକ ଏତେ ଜଟିଳ ଯେ ସାଧାରଣ ଗ୍ରାହକଙ୍କ ପାଇଁ ସର୍ଭିଂ ସାଇଜ୍, ଦୈନିକ ମୂଲ୍ୟର ଶତକଡ଼ା ହିସାବ ଏବଂ ଉପାଦାନର ତାଲିକା ବୁଝିବା ସହଜ ନୁହେଁ। ଏଭଳି ପରିସ୍ଥିତିରେ ଖାଦ୍ୟ କିଣିବା ନିଷ୍ପତ୍ତି ମୁଖ୍ୟତଃ ମୂଲ୍ୟ, ସ୍ୱାଦ, ବ୍ରାଣ୍ଡ୍ ଉପରେ ବିଶ୍ୱାସ ଏବଂ ଆକର୍ଷଣୀୟ ବିଜ୍ଞାପନ ଦ୍ୱାରା ପ୍ରଭାବିତ ହୋଇଥାଏ । ଉଦାହରଣ ସ୍ୱରୂପ, ଭାରତରେ 'ବର୍ନଭିଟା' (**Bournvita**) କୁ ଦୀର୍ଘ ଦିନ ଧରି ଏକ ସ୍ୱାସ୍ଥ୍ୟକର ପାନୀୟ (**health drink**) ଭାବରେ ପ୍ରଚାର କରାଯାଉଥିଲା । କିନ୍ତୁ ଜଣେ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର ଏଥିରେ ଥିବା ଅତ୍ୟଧିକ ଚିନି ମାତ୍ରାକୁ ଲୋକଲୋଚନକୁ ଆଣିବା ପରେ ଏକ ବଡ଼ ବିବାଦ ସୃଷ୍ଟି ହୋଇଥିଲା । ଏହି ଘଟଣା ପରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (**NCPCR**) ହସ୍ତକ୍ଷେପ କରିଥିଲେ ଏବଂ ଶେଷରେ ଭାରତ ସରକାର ଇ-କମର୍ସ ୱେବସାଇଟଗୁଡ଼ିକୁ ବର୍ନଭିଟା ଏବଂ ସମାନ ଧରଣର ଅନ୍ୟ ପାନୀୟଗୁଡ଼ିକୁ 'ହେଲ୍ଥ ଡ୍ରିଙ୍କ୍' ବର୍ଗରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପ୍ରମାଣ କରେ ଯେ କମ୍ପାନୀଗୁଡ଼ିକ ସ୍ୱାସ୍ଥ୍ୟ ନାମରେ କିପରି ଅତ୍ୟଧିକ ଚିନିଯୁକ୍ତ ଖାଦ୍ୟ ବିକ୍ରି କରୁଛନ୍ତି ଏବଂ ଗ୍ରାହକମାନେ କିପରି ବିଜ୍ଞାପନର ଶିକାର ହେଉଛନ୍ତି।

ଏହି ସୂଚନା ବ୍ୟବଧାନକୁ ଦୂର କରିବା ପାଇଁ ପ୍ୟାକେଟ୍ ସାମ୍ନାରେ ଲେବଲିଂ (**Front-of-Pack Labelling aû FOPL**) ଏକ ପ୍ରଭାବଶାଳୀ ମାଧ୍ୟମ ହୋଇପାରନ୍ତା । ଚିଲି ଏବଂ ମେକ୍ସିକୋ ଭଳି ଦେଶରେ ଖାଦ୍ୟ ପ୍ୟାକେଟ୍ ଉପରେ କଳା ରଙ୍ଗର ଚେତାବନୀ ଚିହ୍ନ (**Warning Labels**) ବ୍ୟବହାର କରାଯାଉଛି, ଯାହା ଗ୍ରାହକଙ୍କୁ ସ୍ପଷ୍ଟ ଭାବରେ ଜଣାଇଦିଏ ଯେ ଉକ୍ତ ଖାଦ୍ୟରେ ଅଧିକ ଚିନି, ଲୁଣ କିମ୍ବା ଫ୍ୟାଟ ରହିଛି । ଏହା ଫଳରେ ସେଠାରେ କମ୍ପାନୀଗୁଡ଼ିକ ନିଜ ଉତ୍ପାଦର ଗୁଣବତ୍ତା ବଦଳାଇବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଭାରତରେ ଋଙ୍ଝଈଓ ଚେତାବନୀ ଲେବଲ୍ ପରିବର୍ତ୍ତେ ଏକ 'ହେଲ୍ଥ ଷ୍ଟାର୍ ରେଟିଂ' (**Health Star Rating**) ବ୍ୟବସ୍ଥା ଲାଗୁ କରିବାକୁ ଚିନ୍ତା କରୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ସାମାଜିକ ସଂଗଠନଗୁଡ଼ିକ ଏହାକୁ ତୀବ୍ର ବିରୋଧ କରୁଛନ୍ତି, କାରଣ ଏହି ଷ୍ଟାର୍ ରେଟିଂ ବ୍ୟବସ୍ଥା ଖାଦ୍ୟ ଶିଳ୍ପ ଦ୍ୱାରା ପ୍ରଭାବିତ । ଏହି ବ୍ୟବସ୍ଥାରେ କମ୍ପାନୀଗୁଡ଼ିକ ନିଜର ଅତ୍ୟଧିକ ଚିନି କିମ୍ବା ଲୁଣଯୁକ୍ତ ଖାଦ୍ୟରେ କିଛି ମାତ୍ରାରେ ପ୍ରୋଟିନ୍, ଫଳର ରସ କିମ୍ବା ବାଦାମ ମିଶାଇ ଦେଇ ଏକ ଭଲ ଷ୍ଟାର୍ ରେଟିଂ ହାସଲ କରିପାରିବେ, ଯାହାଦ୍ୱାରା ଖାଦ୍ୟର ପ୍ରକୃତ କ୍ଷତିକାରକ ଗୁଣ ଲୁଚିଯିବ । ଏହା ଦ୍ୱାରା ଖରାପ ଖାଦ୍ୟକୁ ମଧ୍ୟ ଭଲ ବୋଲି ପ୍ରମାଣିତ କରିବାର ସୁଯୋଗ ମିଳିବ, ଯାହା ଗ୍ରାହକଙ୍କୁ ଅଧିକ ବିଭ୍ରାନ୍ତ କରିବ।

ଏସବୁରୁ ସ୍ପଷ୍ଟ ହୁଏ ଯେ ଭାରତରେ ଏକ ତ୍ରିସ୍ତରୀୟ ସମସ୍ୟା ରହିଛି। ପ୍ରଥମଟି ହେଉଛି ନିୟାମକ ବ୍ୟବସ୍ଥାର ଅଭାବ, ଯେଉଁଠାରେ ଖାଦ୍ୟ ପ୍ରଶାସନ କେବଳ ଖାଦ୍ୟର ସୁରକ୍ଷା ଉପରେ ଧ୍ୟାନ ଦେଉଛି, କିନ୍ତୁ ଏହାର ପୁଷ୍ଟିକର ଗୁଣବତ୍ତା ଏବଂ ପ୍ରକ୍ରିୟାକରଣର ତୀବ୍ରତାକୁ ଅଣଦେଖା କରୁଛି । ଦ୍ୱିତୀୟଟି ହେଉଛି ସୂଚନାର ଅଭାବ, ଯେଉଁଠାରେ ଗ୍ରାହକଙ୍କୁ ସ୍ପଷ୍ଟ ଏବଂ ସହଜରେ ବୁଝିହେବା ଭଳି ପୁଷ୍ଟିକର ସୂଚନା ମିଳୁନାହିଁ । ଏବଂ ତୃତୀୟଟି ହେଉଛି ଆଚରଣଗତ ସମସ୍ୟା, ଯେଉଁଠାରେ ସୁଲଭ ମୂଲ୍ୟ, ସହଜ ଉପଲବ୍ଧତା ଏବଂ ଆକର୍ଷଣୀୟ ବିଜ୍ଞାପନ ଲୋକଙ୍କ ଖାଦ୍ୟ ଚୟନକୁ ନିୟନ୍ତ୍ରଣ କରୁଛି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆମକୁ ଖାଦ୍ୟ ନିୟମାବଳୀର ମୂଳ ଉଦ୍ଦେଶ୍ୟକୁ ପୁନର୍ବିଚାର କରିବାକୁ ପଡ଼ିବ । ଖାଦ୍ୟ ସୁରକ୍ଷିତ ହେବା ନିହାତି ଜରୁରୀ, କିନ୍ତୁ ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ଖାଦ୍ୟ ପରିବେଶରେ କେବଳ ଏତିକି ଯଥେଷ୍ଟ ନୁହେଁ । ଏକ ଆଧୁନିକ ନିୟାମକ ବ୍ୟବସ୍ଥା ଅଲ୍ଟ୍ରା-ପ୍ରୋସେସ୍ଡ ଖାଦ୍ୟର ପୁଷ୍ଟିକର ପ୍ରଭାବକୁ ବିଚାରକୁ ନେବା ଉଚିତ୍, ପ୍ୟାକେଟ୍ ସାମ୍ନାରେ ସ୍ପଷ୍ଟ ଚେତାବନୀ ଲେବଲ୍ ଲାଗୁ କରିବା ଉଚିତ୍ ଏବଂ ବିଶେଷ କରି ଶିଶୁମାନଙ୍କୁ ଲକ୍ଷ୍ୟ କରି କରାଯାଉଥିବା ବିଜ୍ଞାପନ ଉପରେ କଠୋର କଟକଣା ଲଗାଇବା ଆବଶ୍ୟକ ।

ପରିଶେଷରେ, ଏହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ପୁଷ୍ଟିସାଧନ କେବଳ ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରେ ନାହିଁ, ବରଂ ଏହା ସେହି ବ୍ୟବସ୍ଥା ଉପରେ ନିର୍ଭର କରେ ଯାହା ଆମର ପସନ୍ଦକୁ ରୂପ ଦେଇଥାଏ । ଯେତେବେଳେ ଗୋଟିଏ ବିଶ୍ୱସ୍ତରୀୟ ବ୍ରାଣ୍ଡର ଖାଦ୍ୟ ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ପୁଷ୍ଟିକର ଗୁଣବତ୍ତା ସହିତ ବିକ୍ରି ହୁଏ, ତେବେ ଏହା ପ୍ରମାଣ କରେ ଯେ ବିଶ୍ୱ ଖାଦ୍ୟ ବ୍ୟବସ୍ଥା ନିରପେକ୍ଷ ନୁହେଁ । ଏହା ଅର୍ଥନୈତିକ, ନିୟାମକ ଏବଂ ସୂଚନାଗତ ଅସମାନତା ଦ୍ୱାରା ପରିଚାଳିତ । ଏକବିଂଶ ଶତାବ୍ଦୀରେ ପୁଷ୍ଟିହୀନତା ଏବଂ ରୋଗର ମୁକାବିଲା କରିବାକୁ ହେଲେ ଆମକୁ କେବଳ କ୍ୟାଲୋରୀ ଏବଂ ଖାଦ୍ୟ ସୁରକ୍ଷାଠାରୁ ଊର୍ଦ୍ଧ୍ୱକୁ ଯାଇ ଖାଦ୍ୟ ଗୁଣବତ୍ତାର ରାଜନୀତି ସହିତ ଗମ୍ଭୀରତାର ସହ ମୁକାବିଲା କରିବାକୁ ପଡ଼ିବ । ଆଜିର ସମୟରେ ମୁଖ୍ୟ ପ୍ରଶ୍ନ କେବଳ ଏହା ନୁହେଁ ଯେ ଖାଦ୍ୟ ଖାଇବା ପାଇଁ ସୁରକ୍ଷିତ କି ନୁହେଁ, ବରଂ ପ୍ରଶ୍ନ ହେଉଛି ଆମର ଖାଦ୍ୟ ବ୍ୟବସ୍ଥାର ସଂରଚନା ଏପରି ଏକ ଖାଦ୍ୟ ପ୍ରସ୍ତୁତ କରୁଛି କି ଯାହା ଦୀର୍ଘକାଳୀନ ସ୍ୱାସ୍ଥ୍ୟକୁ ସମର୍ଥନ କରିବାକୁ ପ୍ରକୃତରେ ସକ୍ଷମ କି ? ସରକାର ଏବଂ ସାଧାରଣ ଜନତା ଉଭୟଙ୍କୁ ଏହି ଦିଗରେ ସଚେତନ ହେବାର ସମୟ ଆସିଯାଇଛି, ଯାହାଦ୍ୱାରା ଭାରତୀୟମାନେ ମଧ୍ୟ ବିଶ୍ୱସ୍ତରୀୟ ମାନକର ଶୁଦ୍ଧ ଏବଂ ପୁଷ୍ଟିକର ଖାଦ୍ୟ ପାଇବାର ଅଧିକାରରୁ ବଞ୍ଚିତ ହେବେ ନାହିଁ ।

# ଠାକୁରେ ହୃଦୟ ଭାଷା ବୁଝନ୍ତି

## ଅଜୟ କୁମାର ବେହେରା



ପୃଥିବୀ ଅନେକ କଥିତ ପୁଣି ତା ଠାରୁ କମ ଲିଖିତ ଭାଷା ଠାରେ ଭାଷା ଆହୁରିକମ। ବାଳୁତ ଶିଶୁଙ୍କ କାନ୍ଦଣା ଏକ ଭାଷା ଏହା ତାର ମାଆର ଠିକ ବୁଝି ପାରନ୍ତି, ମୁକର ଅଙ୍ଗ ଚାଳନା ଠାର ଭାଷା। ଟ୍ରାଫିକ ପୁଲିସ ବାବୁଙ୍କ ହାତ ଠାର ଠପ (ଷ୍ଟପ) ଲେଖାପରି ଆଉ କିଛି ଠାର ଚିହ୍ନକୁ ହୁଇସିଲ ସିଟି ମରା ପଥଚାରୀ ଗାଡ଼ି ଚାଳକଙ୍କ ବୋଧ ଭାଷା, ଭାଷା ତ ନୁହେଁ ନୀରବ ଆଦେଶ। ନେତ୍ରରୁ ଭାଷାସ୍ଫୁରଣ ହୁଏ ପ୍ରେମୀଯୁଗଳ ମଧ ଏହା ସୀମିତ, ହଜାରେ ଗାଇରେ ଅନେକ ବାଛୁରୀ ବୋବେଇଲେ, ଗାଇ ମାନଙ୍କ ମଧ୍ୟରୁ କେବଳ ନିଜ ପିଲାର ଆଓ୍ୱାଜ କେବଳ ତାର ଜନ୍ମ ଦାତ୍ରୀ ମା ଗାଇ ବୁଝେ। ମୋଟର ଗାଡ଼ି ଯାନର ଚାଳକ ଯାନରେ ଥିବା ହେଲ୍ପର, ସାମ୍ନାରୁ ଆସୁଥିବା ଯାନ ଚାଳକ ଏମାନଙ୍କ ବାର୍ତ୍ତାଳାପ କେବଳ ସେହି ମାନେ ହିଁ ବୁଝି ଗାଡ଼ି ଚଳାନ୍ତି, ଟରେ ଟକା ମୋର୍ସ କୋଡରେ ଟେଲିଗ୍ରାମର ପ୍ରେରକ ଗ୍ରାହକ ପୋଷ୍ଟ ଅଫିସର ତତ ଭାରଗ୍ରାହୀ ବାର୍ତ୍ତା ପ୍ରେରକ ଓ ବାର୍ତ୍ତା ଗ୍ରାହକ ମଧ୍ୟରେ ଯୋଗାଯୋଗ ରକ୍ଷା କରୁଥିଲେ, ଟେଲିଫୋନ ଟେଲି ପ୍ରିଣ୍ଟର ଫ୍ୟାକ୍ସ ବାହାରିବାକୁ ଟେଲିଗ୍ରାମର ଇତିଶ୍ରୀ ହେଲା ଯାହା ସାଂକେତିକ ଶବ୍ଦରେ ବୈଦ୍ୟୁତିକ ସ୍ରୋତରେ ଧାତବ ତାର ମାର୍ଫତ କାର୍ଯ୍ୟ ସାଧିତ ହେଉଥିଲା।

ଯୋଗା ଯୋଗ ପାଇଁ ଫାଶ ପୁଣି ଲାଗିଲା, ପବନ ପାଇଁ ଫାଶ, ବନ୍ଧ ନଥିଲା ପରି ଇଲେକ୍ଟ୍ରୋମାଗ୍ନେଟ ତରଙ୍ଗ ରେଡ଼ିଓ ଟେଲିଫୋନର ବିଭିନ୍ନ ତରଙ୍ଗ ଯୋଗାଯୋଗ ପାଇଁ ଏମିତି ଫାଶ ନାହିଁ, ରେଡ଼ିଓ ଓ ଟିଭି ପ୍ରେରକ ଷ୍ଟେସନ ବା କେନ୍ଦ୍ରରୁ ପ୍ରଚାରିତ ବିଭିନ୍ନ ପ୍ରୋଗ୍ରାମ ଦୂରଦୂରାନ୍ତ ରେଡ଼ିଓ ସେଟ ବା ଟିଭି ବା ଆଧୁନିକ ମୋବାଇଲ ଫୋନରେ ଧରି ଶୁଣିବା ହେଉଛି, ଦେଖିବା ଶୁଣିବା ହେଉଛି। ଏଥିପାଇଁ ବିଭିନ୍ନ ରେଡ଼ିଓ ତରଙ୍ଗ ବିଭିନ୍ନ ତରଙ୍ଗର ଏସଡବ୍ଲୁ / ଏମଡବ୍ଲୁରେ ଏଏମ୍ / ଏଫଏମ ତରଙ୍ଗ ଠାରୁ ଆହୁରି ତୀବ୍ର ଓ ଆହୁରି ନିମ୍ନ ତରଙ୍ଗ ବ୍ୟବହାର କରାଯାଏ। ପ୍ରତ୍ୟେକ ରାଜ୍ୟ ପୋଲିସ ପ୍ରତ୍ୟେକ ଦେଶ ସେନା ତାଙ୍କର ଯୋଗା ଯୋଗ ପାଇଁ ଭିନ୍ନ ଭିନ୍ନ ରେଡ଼ିଓ ତରଙ୍ଗ କାମରେ ଲଗାନ୍ତି। ଉଗ୍ରପନ୍ଥୀ, ଡକାୟତ, ଏମାନେ ଏହି ତରଙ୍ଗକୁ କୌଶଳରେ ଧରି ମାରାତ୍ମକ ଘଟଣା ଘଟାନ୍ତି ଓ ସରକାରୀ ଚେଷ୍ଟା ଦମନ କାର୍ଯ୍ୟର ଆରମ୍ଭ ପୂର୍ବରୁ ମୋଡ଼ କରିଦିଅନ୍ତି। ସେନା, ପୋଲିସ ଯାନକୁ ଆକ୍ରମଣ କରନ୍ତି। ଆମ ଦେଶରେ ଉର୍ଦ୍ଦୁ ଭାଷା ବିଦେଶୀ ସାମରିକ ଅଭିଯାନକାରୀଙ୍କ ଭାଷା ଭାବରେ ପ୍ରବେଶ କରିଥିଲା। ସେନା ପୋଲିସର ଗୁପ୍ତ ଆଡ୍ଡାରେ ପ୍ରବେଶ ପାଇଁ ପାସୱାର୍ଡ଼ ନିତ୍ୟ ନୂଆ କର୍ମଚାରୀଙ୍କୁ ଚେତାଇ ଦିଆଯାଇଥାଏ। ଏହାର ବ୍ୟତିକ୍ରମରେ ଉଚ୍ଚ ପଦସ୍ଥ କର୍ମଚାରୀ ବି ପ୍ରବେଶ କରିପାରନ୍ତି ନାହିଁ। ସାଧାରଣକର୍ମୀଙ୍କ କଥା କଣ କହିବା। ସମସ୍ତେ ଶୁଣିଥିବେ ସ୍ୱିସ ବ୍ୟାଙ୍କରେ ଟଙ୍କା ଜମା ରଖିବା ବ୍ୟକ୍ତିଙ୍କୁ ଏକ ସଂକେତ ଚିହ୍ନ ଦିଆଯାଇଥାଏ। ତାହାରି ବଳରେ ଜମାକାରୀ ବା ତାଙ୍କ ଏଜେଣ୍ଟ ଟଙ୍କା ଦେଣ ନେଣ କରିପାରନ୍ତି। କେବେ କୌଣସି ବଣିକ କାର୍ଯ୍ୟାଳୟକୁ ଯାଇ ଅନୁଧ୍ୟାନ କରନ୍ତି ଦେଖିବେ ଅନେକ ଆଗନ୍ତୁକ କମ୍ପାନୀ ମାନଙ୍କ ଗୁମାସ୍ତା ତାଙ୍କର ଚାଲାଣ ଦ୍ରବ୍ୟ ଦର ବିକ୍ରି ଓ ଗଦ୍ଦିରେ ବସିବା ବଣିକ କିଛି ସଂକେତ ଭାଷାରେ ସଂକେତ ଇଙ୍ଗିତରେ ବିକ୍ରୟ କ୍ରୟ ନିଷ୍ପତ୍ତି ନେଉଥିବେ। ଲୁଗାଦୋକାନକୁ ଯାଆନ୍ତୁ ଦେଖିବେ ଲୁଗାରେ କିଛି ନମ୍ବର ଥିବ ସେଥିରେ ଦୋକାନୀ ଗ୍ରାହକ ଦେଖି ମୂଲ୍ୟ କମବେଶି କରୁଥିବେ। ପାଇକାରୀ ଓ ଖୁଚୁରା ଦର ସର୍ବଦା ଭିନ୍ନ ଏଥିରେ ବି ଖୁଚୁରା ଗ୍ରାହକଙ୍କୁ ଦରରେ ବଜାର ଦର ଅନୁସାରେ ନଫା କୋଡ଼ିଙ୍ଗ କଥା କଣ୍ଟା ବାଲା ବା ସେଲେସ ବୟକୁ କହି କଥିତ ମୂଲ୍ୟ ଆଦାୟ କରନ୍ତି। ପଶୁ ବିକ୍ରୟ ଖର୍ଦ୍ଦି ହାଟରେ ଅନେକ ଦଲାଲ ପଶୁ ବିକ୍ରେତାକୁ ଓ କ୍ରେତାକୁ କିପରି ବାଣିଜିକ କଥା କୁହନ୍ତି ପୁଣି ଦଲାଲ ଦଲାଲ ମଧ୍ୟରେ କିପରି ସେ ପଶୁଟିର ମୁଲାଇ ବିଷୟରେ କଥା ହୁଅନ୍ତି, ସେ କଥାର ଟେର ଚେର କେହିବି ପାଇ ପାରନ୍ତି ନାହିଁ। ପଶୁ ପକ୍ଷୀଙ୍କ ଭାଷା ବୁଝିବା ବିଦ୍ୟା ଅଛି ଏହା ଆୟତ୍ତ କରିବା ପାଇଁ ବିଧି ବଦ୍ଧ ସାଧନା ଅଛି, କିନ୍ତୁ ଏହି ପ୍ରଚଳିତ ସମୟ କେବଳ ଅର୍ଥକାରୀ ଖୋଜା ଯାଉଥିବାରୁ ଅନେକ ବୈଦିକ, ତାନ୍ତ୍ରିକ, ଶାବରୀ ଓ ଗୁରୁମୁଖୀ ବିଦ୍ୟାରୁ ଲୋକେ ବିମୁଖ।

ଜଣେ ବ୍ରାହ୍ମଣ ପୁଅ ପୂଜାପାଠରେ ଯଦି ନିମଗ୍ନ ରହି ଜୀବିକା କରୁଥିବେ, ତେବେ ତାଙ୍କ ବିବାହ ପାଇଁ ବର୍ତ୍ତମାନ କନ୍ୟା ଯୋଗାଡ଼ ତାଙ୍କରି ଜାତିର ଲୋକେ ମୁହଁ ମୋଡୁଛନ୍ତି କିନ୍ତୁ ଛୋଟ ସରକାରୀ ଚାକିରୀଟିଏ କରିଥିଲେ କନ୍ୟାଦାନ ପାଇଁ ସବୁ ସୁବିଧା ହୋଇଯାଉଛି। ଏପରି ସ୍ଥଳେ ଅନେକ ବିଦ୍ୟା ବର୍ତ୍ତମାନ ଅବହେଳିତ, ସଂସ୍କୃତରେ ଆମର ବହୁ ମୂଳଶାସ୍ତ୍ର, ସଂସ୍କୃତ ଆମର ରାଷ୍ଟ୍ର ଭାଷା ହୋଇପାରିନାହିଁ। ସଂସ୍କୃତ ଅଧ୍ୟୟନକାରୀ ବ୍ୟକ୍ତିଙ୍କ ଚାକିରୀ ଗୌଣ, ହେଲେ କମ୍ପ୍ୟୁଟର ଭାଷା ବିତ୍ତଙ୍କ ମାଳ ମାଳ ଚାକିରୀ। ଓଡ଼ିଆ ଭାଷା କୋଷ ପ୍ରଣେତା ଗୋପାଳ ପ୍ରହରାଜ ମହୋଦୟ ତାଙ୍କର ସେହି ଆମର କୃତିରେ ଶଶୀ ଠାରର ତଥ୍ୟ ଦେଇଛନ୍ତି ଯାହା ଆମ ରାଜ୍ୟରେ ପୂର୍ବେ ଅନେକ ଲୋକଙ୍କ ମଧ୍ୟରେ, ଗୋପନ ଘଟଣାର ପ୍ରସଙ୍ଗ ସମ୍ବନ୍ଧ ଦୁଇ ଜଣ ସେଠାରେ କେମିତି ଭାବ ବ୍ୟକ୍ତ କରୁଥିଲେ। ଏ ସମୟରେ ଫୋନ ନମ୍ବର, ପୋଷ୍ଟାଲ ପିନ କୋଡ଼, ରେଳ ଗାଡ଼ି ନଂ, ବ୍ୟାଙ୍କର ଶାଖା ନମ୍ବର ସବୁ ଏମିତି କୋର୍ଡ଼ ନଂ ରହିଛି ଯାହା ନୀରବ ବୋଧ ହେଲେ ବି ତତ ତତ କର୍ତ୍ତୃପକ୍ଷ ତୁରନ୍ତି ବୁଝି ଯାଉଛନ୍ତି। ରେଡ଼ିଓ ତରଙ୍ଗ ବା ଚୁମ୍ବକୀୟ ତରଙ୍ଗ, ଏକ୍ସରେ, ରେ ଶରୀରର ଆଭ୍ୟନ୍ତର ଗଡ଼ବଡ଼ିକୁ ପ୍ରେରକ ପଟୁ ତରଙ୍ଗ ପଠାଇ ଗ୍ରାହକ ପଟେ ଲେଖା ସଂଗ୍ରହ କରି ବିଶେଷଜ୍ଞ ଦ୍ୱାରା ରୋଗ ନିର୍ଣ୍ଣୟ କରାଯାଉଛି। ରାଜପଥରେ ଏହିପରି ମାଇଲି ବା କିଲୋମିଟରର ଦୁଇ କ୍ରମ ଖୁଣ୍ଟିର ରଙ୍ଗ ଓ ସଂଖ୍ୟା ପଥଚାରୀଙ୍କୁ ବହୁ ସୂଚନା ଦେଉଛି। ଅଭିଧାନର ଏକ ଏକ ନିରବ ଶବ୍ଦ ସଂକ୍ଷିପ୍ତରେ ରହିଲେ ବି ଏହାର ଅର୍ଥ ବିନ୍ୟାସ ଅନେକ ଧାଡ଼ିର ବାକ୍ୟ ହେଉଛି। ସଂସ୍କୃତ ବ୍ୟାକରଣର ଧାତୁ ଗୁଡ଼ିକର ବିଶ୍ଳେଷଣ ଅନେକ ଶବ୍ଦରେ ଆସୁଛି। ଛ ଋତୁରେ ପ୍ରକୃତି ଗତ ପରିବର୍ତ୍ତନ ଯାହା ବାରମ୍ବାର ଲେଖ ରହିଆସିଛି। ତାହା ଉପରେ ମାନବୀୟ ଚଳଣି ଆଣି ରାଜ କର ବା ରାଜ ସହାୟତା ପ୍ରକୃତିର ତାଣ୍ଡବ ପାଇଁ ଆଗୁଆ ବ୍ୟବସ୍ଥା କରାଯାଉଛି, ଲୋକେ ବର୍ଷା, ଖରା, ଶୀତ ପାଇଁ ସଜାଗ ରହୁଛନ୍ତି। ଏସବୁ ନୀରବ ସତର୍କତା ଆଓ୍ୱାଜ। ସମୟ ଲୋକଙ୍କ ପ୍ରକାର ଭେଦ ପୁରୁଷ ସ୍ତ୍ରୀରେ କରାଉଛି। ଜନ୍ମ ମରଣ ପ୍ରକ୍ରିୟାରେ ଏବେ ବହୁ ମାନବ ଜନ୍ମକୁ ମାନବ ଜନ୍ମକୁ ବୃକ୍ଷଲତା ଜୀବଜନ୍ତୁ କମିବାରେ ଲାଗିଛନ୍ତି। ଏସବୁ ନୀରବ ମହାବିପତ୍ତି ସଂକେତ କେହି ବି ବୁଝିପାରୁ ନାହାନ୍ତି। ଦେବତା ନୀରବଦ୍ରଷ୍ଟା, ଲୋକେ ଲୋକ ମାନଙ୍କୁ, ଜୀବ ଜନ୍ତୁଙ୍କୁ ବୃକ୍ଷ ଲତାଙ୍କୁ ଅନେକ କଷ୍ଟ ଦେଉଛନ୍ତି, ହେଲେ ଅନେଶ୍ୱେତ ପ୍ରତିଦ୍ୱନ୍ଦ୍ୱୀଙ୍କୁ କାଟି ନିଜର ପ୍ରତିପତ୍ତି ସୁଖ ପାଇଁ ଦେବା ଦେବୀ ଦର୍ଶନ ହୁଣ୍ଡିରେ ଦାନ ଭୋଗଲଗା ଘରେ ପୂଜା ପାଠ କରିବା ବଢ଼ି ଚାଲିଛି। ପ୍ରତି ଘରେ ପୂଜା ଘର, ପୁଣି କଳିଯୁଗ ତାରଣ ପାଇଁ ଚୈତନ୍ୟ ଦେବଙ୍କ ପରି ଅନେକ ଗୁରୁ ସରଳିଆ ମାର୍ଗ ବାହାର କଲେ ବି ଲୋକେ ମୋବାଇଲି ଭୂତ ବା ଡାହାଣୀ ହାବୁଡ଼ରେ ପଡ଼ି ଗୁରୁବାଣୀ ମାର୍ଗ ଗୁଡ଼ିକୁ ଅଣଦେଖା କରୁଛନ୍ତି। କେହି ବି ଭଗବାନଙ୍କୁ ପ୍ରତ୍ୟକ୍ଷ ଦେଖି ନାହାଁନ୍ତି କଥା ହେବା ଦୂର କଥା। କୁହାଯାଏ ଭଗବାନ ଗୁରୁଙ୍କ ଦେହରେ ବାକ୍ୟରେ ରହନ୍ତି, କିନ୍ତୁ ଏବେ ରାମାୟଣ ଯୁଗର ରାବଣଙ୍କ ଅନେକ ଅନୁଚର କାଳନେମୀ ରୂପୀ ରାମନାମର ବାହାନାରେ ଗୃହୀଙ୍କ ଠାରୁ ଅନେକ ବିଷୟ ବାସ୍ନା ଭୋଗରେ ରହୁଛନ୍ତି। ଏଥିରେ ନିର୍ବାକ ଦେବତା ତାଙ୍କ ବାହିନୀ ମେଘ, ପବନ, ବାତ୍ୟା, ଭୂକମ୍ପ, ଅକାଳ ମୃତ୍ୟୁ, ସାଙ୍ଘାତିକ ରୋଗ, ଜଟିଳ କଳି ଲୋକ ଲୋକ ମଧ୍ୟରେ ଲାଗି ରହିବା, ହିଂସା, ଚୋରୀ, ଲୁଟକୁ ଆଉ ଆୟତ୍ତ କରିବା ପାଇଁ ଅସମର୍ଥ। ନା ଅଛି ଶୁଦ୍ଧ ଗବ୍ୟ ଘୃତ, ନା ଅଛି ଶୁଦ୍ଧ ବେଦ ମନ୍ତ୍ରର ପ୍ରୟୋଗ, ନା ଅଛନ୍ତି ଗୁରୁବାଦର ସାଧକ। ଏସବୁ ପାଇଁ ଦିବ୍ୟ ସଂସ୍କାର ତୁରନ୍ତ ଆବଶ୍ୟକ, ଯାହା ଦେବାଦେବୀଙ୍କ ନୀରବ ଆଓ୍ୱାଜ।

+ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ମୋ: ୯୪୩୭୧୦୩୧୨୫୩

# ଜୈବିକ ଖାଦ୍ୟ : ସବୁଜିମାର ପୃଥିବୀ

## ବାଦଲ ଭୂୟାଁ



ଆଜିକାଲି ଲୋକଙ୍କ ଭିତରେ ଖାଦ୍ୟ ସଚେତନତା ବଢ଼ୁଛି। ରଙ୍ଗୀନ, ଆଖିକୁ ଖୁସି ଦେଲାପରି ଖାଦ୍ୟ ସବୁ ଗ୍ରହଣ କରିବା ବଦଳରେ ଜୈବିକ ଖାଦ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ୁଛି। ଏହା ଆମକୁ ଭଲଭାବେ ଜଣା ଯେ, ରାସାୟନିକ ସାର ଓ ପ୍ରଦୂଷଣ ଦିନକୁ ଦିନ ଖାଦ୍ୟକୁ ଯେଉଁ ବିଷାକ୍ତ କରୁଛି ତାହା ଜହର ସ୍ୱରୂପ ପାଲଟି ଯାଉଛି। ଭାରତରେ ସବୁଜ ବିପ୍ଳବ ପୂର୍ବରୁ ହିଁ ଜୈବିକ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ଦିନ ଥିଲା ଗୋବର ଖତ ହିଁ ଶସ୍ୟ କ୍ଷେତ୍ର ପାଇଁ ସବୁ କିଛି ଥିଲା। ଏଥିରେ ଅନେକ ଉପକାରୀ ଅଣୁଜୀବ ଓ ଜିଆମାନେ ରହୁଥିଲେ।

ଭାରତରେ ଅନେକ ରାଜ୍ୟରେ ଜୈବିକ ଫସଲ ଓ ପନିପରିବା ସବୁ ପ୍ରସ୍ତୁତ ହେଲାଣି। ୨୦୨୪ର ଏକ ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ଜୈବିକ କୃଷି କରୁଛନ୍ତି। ଜୈବିକ ଖାଦ୍ୟରେ ବିକଶିତ ତାଲିକାରେ ସିକିମ୍ ଅଗ୍ରଣୀ ରହିଥିବାବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ନାଁ ରହିଛି। ଭାରତରେ ସିକିମ ହେଉଛି ପ୍ରଥମ ରାଜ୍ୟ ଯେଉଁଠି ୨୦୧୪ ମସିହାରେ ରାସାୟନିକ ସାର ବ୍ୟବହାର ରାଜ୍ୟରେ ନିଷେଦ୍ଧ କରାଯାଇଛି। ପରବର୍ତ୍ତୀ ସମୟରେ ବାହାର ରାଜ୍ୟରୁ ଆସୁଥିବା ଅଣଜୈବିକ ଫଳ ଓ ପନିପରିବା ନିଷିଦ୍ଧ କରାଗଲା। ଭାରତର ଦକ୍ଷିଣ ପୂର୍ବଭାଗରେ ଅପୂର୍ବ ସୌନ୍ଦର୍ଯ୍ୟ ଭରୁଥିବା ଉଚ୍ଚଗିରିଶୃଙ୍ଗର କୋଳ ମଣ୍ଡନ କରିଥିବା ରାଜ୍ୟ ସିକିମ ୨୦୧୬ରେ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ନିଜକୁ ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୮ରେ ମିଳିତ ଜାତିସଂଘ ସିକିମର ଏହି ଜୈବିକ ସମ୍ଭାବନା ପାଇଁ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ। ସୂଚନାଥାଉକି ସିକିମର କେବଳ ପ୍ରାକୃତିକ ପରିବେଶ ବା ଅନନ୍ୟ ଜୈବ ବିବିଧତା ନୁହଁ ବରଂ ଜୈବିକ ଖାଦ୍ୟ ଓ ପନିପରିବା ପାଇଁ ଏହାର ବଡ଼ ବଜାର ମଧ୍ୟ ରହିଛି। ଲୋକମାନଙ୍କ ଭିତରେ ଏହି ଜୈବିକ ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବାରୁ ଭାରତୀୟ ଜୈବିକ ବଜାର ବେଶ ଲାଭବାନ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ୧୮୭ରୁ ଉର୍ଦ୍ଧ୍ୱ ଦେଶ ଜୈବିକ କୃଷିରେ ସକ୍ରିୟ। ଯେଉଁଥିରେ ଭାରତର ସ୍ଥାନ ପଞ୍ଚମ। ଭାରତୀୟ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଜୈବିକ ଖାଦ୍ୟାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଲୋକମାନଙ୍କ ଭିତରେ ସଚେତନତା ବଢ଼ିବାରୁ ଘରେ ବାହାରେ ଥିବା ଫାଙ୍କା ସ୍ଥାନ କିମ୍ବା ଛାତ ଉପରେ ଜୈବିକ ଉପାୟରେ ସତେଜ ପରିବା ଉତ୍ପାଦନ କରୁଛନ୍ତି। ଜୈବିକ ଖାଦ୍ୟ ଦ୍ୱାରା ଆମେ ବାସ୍ତବିକ ଆମର ପୁରୁଣା ସମୟର ଖାଦ୍ୟ ଓ ପନିପରିବା ଉତ୍ପନ୍ନ କରିପାରିବା। ଏହା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଅତ୍ୟନ୍ତ ରୋଗପ୍ରତିଧକ ଶକ୍ତି ଦେଇଥାଏ। ତେବେ ବଜାରରେ ଅର୍ଗାନିକ ବା ଜୈବିକ ଟ୍ୟାଗ ଦେଖାଇ କିଛି କମ୍ପାନୀ ଠକାମୀ କରୁଥିବାର ଖବର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି। ଜୈବିକ ଖାଦ୍ୟର ଏକ ବଡ଼ ଲାଭକ୍ଷେତ୍ର ହେଉଛି ଏହା ସମ୍ପୂର୍ଣ୍ଣ ପ୍ରକୃତିଗତ ଯାହା ଫଳ ଓ ପନିପରିବାକୁ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବାର ଶକ୍ତି ରଖିଥାଏ ଓ ଏହି ଖାଦ୍ୟ ଅତ୍ୟନ୍ତ ସୁସ୍ୱାଦୁ।

ଭାରତରେ ଜୈବିକ ଖାଦ୍ୟର ଭଲବଜାର ରହିଛି। ପ୍ରାୟତଃ ଅନେକ ଫଳ ଓ ପନିପରିବା ସହ ତନ୍ତ ଜାତୀୟ ଫସଲ, ଚା', କଫି, ତୁଳା ଭଲ ରୋଜଗାର ଦେଇଥାଏ ଜୈବିକ ଖାଦ୍ୟ ବଜାର ନିମିତ୍ତ। ଭାରତରେ ଜୈବିକ କୃଷି ପାଇଁ ମିଶ୍ରିତ ଚାଷ, ସୋପାନ ଚାଷ ପରି ପଦ୍ଧତି ଅବଲମ୍ବନ କରାଯାଉଥିବା ସମୟରେ ଜୈବିକ ସାର ଓ କୀଟ ନାଶକ ପ୍ରତି ମଧ ଗୁରୁତ୍ୱ ଦିଆଯାଉଛି। ଏହା ସହିତ କୃଷକମାନେ କିପରି ଜୈବିକ ଉପାୟରେ ଖାଦ୍ୟ ଉତ୍ପାଦନ ନିମନ୍ତେ ଉତ୍ସାହିତ ହେବେ ଓ ଫସଲରେ ରାସାୟନିକ ସାରର ଯଥା ସମ୍ଭବ ଅଳ୍ପ ପ୍ରୟୋଗ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ପ୍ରତି ବର୍ଷ ଫେବୃଆରୀ ମାସରେ ଜାତୀୟ ଜୈବିକ ଖାଦ୍ୟ ମହୋତ୍ସବ ମେଳା ଅନୁଷ୍ଠିତ ହୋଇଥାଏ। ମହାରାଷ୍ଟ୍ରରେ ଏହି ଜୈବିକ ଖାଦ୍ୟକୁ ନେଇ ଏକ ବିଖ୍ୟାତ ମେଳା ଆୟୋଜନ ହୋଇଥାଏ। ଯାହାର ନାମ ହେଉଛି 'ମହା ଅର୍ଗାନିକ'। ସେହିପରି ଅହମ୍ମଦାବାଦରେ 'ସାତ୍ତ୍ୱିକ' ନାମରେ ଜାତୀୟ ଜୈବିକ ଖାଦ୍ୟକୁ ନେଇ ଏକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଓଡ଼ିଶାର ବିଭିନ୍ନ ସ୍ୱୟଂ ସହାୟକ ସଂଗଠନ ଜୈବିକ ଖାଦ୍ୟ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିବା ସହ ନିଜ ନିଜ ଅଞ୍ଚଳର ସ୍ୱତନ୍ତ୍ରତା ରହିଥିବା ଖାଦ୍ୟ, ପିଠା ଓ ଅନ୍ୟାନ୍ୟ ଖାଦ୍ୟ ସମାଗ୍ରୀ ବାହାରକୁ ରପ୍ତାନୀ କରିପାରୁଛନ୍ତି। ଏହାଦ୍ୱାରା ନିଜ ଅଞ୍ଚଳର ସ୍ୱତନ୍ତ୍ର ଖାଦ୍ୟ ସାମଗ୍ରୀ ଅନ୍ୟ ମାନଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି ଓ ସରକାର ମଧ୍ୟ ରାଜସ୍ୱ ପାଉଛନ୍ତି। ଏକ୍ଷେତ୍ରରେ ସରକାରଙ୍କ ସ୍ୱତନ୍ତ୍ର ସହଯୋଗ ରହିବା ଜରୁରୀ। ସାଧାରଣ ପ୍ରକ୍ରିୟାରେ ଉତ୍ପାଦିତ ଖାଦ୍ୟ ପଦାର୍ଥ ଅପେକ୍ଷା ଜୈବିକ ଖାଦ୍ୟ ପଦାର୍ଥର ମୂଲ୍ୟ ଅଧିକ ହୋଇଥିବା କାରଣରୁ ଏହା ସମସ୍ତଙ୍କ ପକ୍ଷରେ କିଣିବା ସମ୍ଭବ ହୋଇନଥାଏ। ମୂଲ୍ୟ ଅଧିକ ହୋଇଥିବା ସତ୍ତ୍ୱେ ଏପରି ଖାଦ୍ୟ ବାଛିବାର ଅନେକ କାରଣ ରହିଛି। ଯାହା ମଧ୍ୟରୁ ପରିବେଶ ଚିନ୍ତା ତଥା ସର୍ବୋପରି ସ୍ୱାସ୍ଥ୍ୟ ସଚେତନତା ପ୍ରାଧାନ କାରଣ। ଅତ୍ୟାଧୁନିକ ଉପାୟରେ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଦେଖିବାକୁ ଚିକ୍କଣ ହେଲେ ମଧ୍ୟ ଶରୀର ଉପରେ ଏହାର କୁପ୍ରଭାବ ବହୁ ମାତ୍ରାରେ ପରିଲକ୍ଷିତ ହୁଏ। ସାର ତଥା କୀଟନାଶକରେ ଥିବା କାର୍ସିନୋଜେନ କ୍ୟାନସରର କାରଣ ହେଉଥିବା କୁହାଯାଉଥିବାବେଳେ ରସାୟନ ସାରର ସିଧାସଳଖ ସଂସ୍ପର୍ଶରେ ଆସି ଜଳ ଓ ମୃତ୍ତିକା ସଂପଦ ବହୁମାତ୍ରାରେ ପ୍ରଦୂଷିତ ହୋଇଥାଏ। ଜିନଗତ ରୂପାନ୍ତରିତ ଖାଦ୍ୟପଦାର୍ଥରେ ଅତ୍ୟାଧୁନିକ ପ୍ରଣାଳୀରେ ବିଭିନ୍ନ ଏନଜାଇମ ଓ କୀଟନାଶକ ପ୍ରୟୋଗ କରାଯାଉଛି। ଯାହାଫଳରେ ଏହି ପ୍ରକାର ଫଳ ଓ ଖାଦ୍ୟ ଶସ୍ୟ ରଙ୍ଗୀନ ଦେଖାଯିବା ସହ ସ୍ୱାଦିଷ୍ଟ ଓ ସତେଜ ଲାଗେ ସତ, ମାତ୍ର ଏଥିରେ କୌଣସି ପୋଷକ ତତ୍ତ୍ୱ ନଥାଏ।

ବର୍ତ୍ତମାନର ପାଣିପାଗର ପରିଣତି ଆମେମାନେ ଦେଖୁଛୁ ଓ ଅନୁଭବ କରୁଛୁ ଅନେକ ଋତୁ ଜାତୀୟ ଫସଲ ଓ ପନିପରିବା ଆଉ ପୂର୍ବପରି ବଜାରରେ ଦିଶୁ ନାହିଁ। ତେବେ ଜୈବିକ ଚାଷ ଓ ଜୈବିକ ଖାଦ୍ୟ କଥା ଉଠିଲେ, ଅନେକଙ୍କର ବେଶ ଭଲ ଭାବେ ମନେଥିବ ଚାଷ କ୍ଷେତକୁ ବା ବାରିରେ ଥିବା ପନିପରିବା କ୍ଷେତ୍ରରେ ପ୍ରତିଦିନ ଏକ ବଡ଼ ଖାତରେ ରଖାଯାଉଥିବା ଗୋବର ହିଁ ବ୍ୟବହାର ହୋଇଥାଏ। ଆଜିକା ପରି ମୋ ପିଲା ଦିନ ସମୟରେ ଯେଉଁ ପୋକଙ୍କ ଫସଲ ହାନୀ କଥା କୁହାଯାଉଛି ସେତେବେଳେ ଆଜିକା ପରି ପୋକ ମାନଙ୍କ ପରି ପ୍ରାର୍ଦୁଭାବ ନଥିଲା। ଘରର ଅଳିଆ ଚୋପା ହେଉ ବା ସବୁଜ ପନିପରିବାର ଅବ୍ୟବହୃତ ସାମଗ୍ରୀ ଗୋରୁ ଗାଈ ଯଦି ନ ଖାନ୍ତି ତେବେ ଏହା ମଧ୍ୟ ଏକ ଉତ୍କୃଷ୍ଟ ସବୁଜ ସାରର କାମ କରିଥାଏ। କଥା ହେଉଛି ଆମ ମାନଙ୍କ ପରି ଅନେକଙ୍କର ଛୋଟିଆ ଘରର ଅଗଣାରେ କିଛି ଜାଗା ହେଉ ବା ଘରର ଛାତ ଉପର, ସବୁ ସୁବିଧା ରହୁଛି ପୁରୁଣା ସାମଗ୍ରୀକୁ ନେଇ ସେଇଠି ହିଁ ସବୁଜ ଜୈବିକ ସବୁଜିମା ତିଆରି କରନ୍ତୁ। ଅନ୍ତତଃ ପର୍ଯ୍ୟାପ୍ତ ବିଶୁଦ୍ଧ ଅମ୍ଳଜାନ ପାଇବେ, ମନକୁ ଏକ ଶାନ୍ତିମିଳିବ ଯେ ନିଜ ହାତ ତିଆରିର କିଛିଟା ପନିପରିବା ନିଜ ଘର ପାଇଁ ତୋଳି ପାରୁଛନ୍ତି। ଜୈବିକ ଖାଦ୍ୟ ପାଇଁ ସଚେତନତା ବଢ଼ିବା ଜରୁରୀ। କାରଣ ଏହାର ସ୍ୱତନ୍ତ୍ରତା ହେଉଛି ଏହାର ବିଶୁଦ୍ଧତା ଓ ଉର୍ବର ପ୍ରସ୍ତୁତି କ୍ଷେତ୍ରରେ ଏହାର ସମୃଦ୍ଧି। ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ଯାପନ ନିମନ୍ତେ ଜୈବିକ ଖାଦ୍ୟକୁ ଆପଣାଇବା ଆବଶ୍ୟକ।

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

କବିତା କୋଣାର୍କ

## ବଦନାମୀ ଝିଅ

### ବସନ୍ତ କୁମାର ପ୍ରଧାନ



ବଦନାମୀ ଝିଅ ସୁଖରେ ନା ବଞ୍ଚେ
ନା ଅନ୍ୟକୁ ବଞ୍ଚାଇ ଦିଏ
ବାପା ମାଆ ଆଉ ଆତ୍ମୀୟ ସ୍ୱଜନେ
କଳଙ୍କ ଲଗାଇ ଦିଏ ।

ଯୌବନ ନଦୀରେ ପ୍ରେମ ବନ୍ୟା ଆସି
ତନୁ ମନ କୂଳ ଛୁଏଁ
ପ୍ରେମର ପିଚ୍ଛିଳ ପଥେ ପାଦ ରଖି
ତଳକୁ ସେ ଖସିଯାଏ ।

ରଙ୍ଗୀନ ଦୁନିଆଁ ସୁନେଲି ସ୍ୱପ୍ନରେ
ମସଗୁଲ ହୋଇ ଉଠେ
ତେଜି ପାଠପଢ଼ା ହୁଏ ସେ ଅଲୋଡ଼ା
ମନ ତା' ଅପଢ଼ା ପାଠେ।

ପିତାମାତାଙ୍କର ସ୍ୱପ୍ନ ମୀନାର
ଭାଙ୍ଗି ରୁଜି କରେ ଚୂନା
ଜାଣି ସେ ପାରେନା ଭଗ୍ନ ହୃଦୟେ
ପିତା ମାତାଙ୍କ ଯନ୍ତ୍ରଣା ।

କଳଙ୍କ ପେଟରା ମୁଣ୍ଡାଇ ଚାଲେ ସେ
ସାଜି ଅନ୍ଧ ମହୁମାଛି
ଜୀବନରେ ଖାଲି ଶୁଣିବାକୁ ହୁଏ
ଲୋକଙ୍କର ଛି ଛି ।

କେତେ ପ୍ରତାରଣା ଶିକାର ହୁଅନ୍ତି
ସମ୍ପର୍କର ମାୟାଜାଲେ
ଆଉ କିଏ ପ୍ରାଣ କରିଦିଏ ଶେଷ
ବୁଡ଼ିଣ ଦୁଃଖ ଜଞ୍ଜାଳେ ।

ବହୁ ସନ୍ତର୍ପଣେ ଉଚ୍ଚ କରି ମଥା
ଚାଲୁଥାଏ ଯେଉଁ ଝିଅ
ପିତାମାତାଙ୍କର ସମ୍ମାନକୁ ରଖି
ଉଜ୍ଜ୍ୱଳ ରଖଇ ମୁହଁ ।

ସୁଶୃଙ୍ଖଳିତ ସୁଶୀଳା ସୁଭଦ୍ରା
ସୁଗୁଣେ ସବୁରି ପ୍ରିୟ
କନ୍ୟା ରତ୍ନ ଭାବେ ଜରଇ ପ୍ରଯତ୍ନ
ହେବା ପାଇଁ ସୁନାଝିଅ ।

+ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## କର୍ମ

### ସଦାଶିବ ବିଶ୍ୱାଳ



କେବେ କେଉଁଠି କରିଥିବା କର୍ମ
ଲେଉଟି ଆସିବା ଥୟ
କୁକର୍ମ କରୁଥିବା ସମୟେ
ମନରେ ଥାଏ ଭୟ ନିଶ୍ଚୟ

ସମୟ ଜଡ଼ ନୁହେଁ, ଖାଲି ନୀରବ
ସମୟ ଆସିଲେ ଜବାବ ଦିଏ
ଫଳ ସ୍ୱରୂପ
ସବୁ ସୁଧ ମୂଳ ଫେରାଇଦିଏ

ଆଜି ହସି କରୁଥିବା ପାପ
କାଲି କନ୍ଦେଇ ପ୍ରାୟଶ୍ଚିତ କରାଏ
ପ୍ରକୃତି ଉଧାର ରଖେନି
ସୁଧ ମୂଳ ସବୁ ଫେରାଏ

ଚିଠି ଭୁଲ ଠିକଣାରେ ଯାଏନି
ଠିକ ଠିକଣା ଖୋଜିଥାଏ
ପ୍ରାପ୍ତକର୍ତ୍ତା ଠିକଣା ନ ପାଇ
ପ୍ରେରଣକର୍ତ୍ତା ପାଖେ ଫେରିଯାଏ ।

+ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର

# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର



## ମୀରା ବେଉରା

ଗ୍ରୀକ୍‌ବୀର ଆଲେକଜାଣ୍ଡର ଯେତେବେଳେ ସମ୍ରାଜ୍ୟ ବିସ୍ତାର କରିବାକୁ ଯାଇ ଭାରତ ଆକ୍ରମଣ କରିବାକୁ ଆସିଥିଲେ ତାଙ୍କ ମା ଆଲେକଜାଣ୍ଡରଙ୍କୁ କହିଥିଲେ, "ଦେଖ ବାପା ! ଭାରତ ବର୍ଷ ହେଉଛି ପଣ୍ଡିତ, ସନ୍ଥ ଓ ବିଦ୍ୱାନମାନଙ୍କର ଦେଶ। ଯଦି ତୁମେ ଭାରତକୁ ଯାଉଛ ତେବେ ଭାରତରୁ ପ୍ରତ୍ୟାର୍ବନ କରିବା ସମୟରେ ସେଠାରୁ କିଛି ବିଦ୍ୱାନ ପଣ୍ଡିତଙ୍କୁ ସାଙ୍ଗରେ ସମ୍ମାନର ସହିତ ଆଣିବ।" ଏହା ଥିଲା ପୁତ୍ର ଆଲେକଜାଣ୍ଡରଙ୍କ ପ୍ରତି ମାଙ୍କର ଏକ ବିଶେଷ ପରାମର୍ଶ। ଛତ୍ରପତି ଶିବାଜୀ ମଧ୍ୟ ଯେଉଁ ଗୋଲକୁଣ୍ଡା ଓ ବିଜାପୁର ଜୟ କରିଥିଲେ ତାହା କେବଳ ତାଙ୍କର ମାତାଙ୍କ ପ୍ରରୋଚନାରୁ ସମ୍ଭବ ହୋଇଥିଲା। ବିଶିଷ୍ଟ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ କେବଳ ପିଲାଦିନରୁ ତାଙ୍କ ମା'ଙ୍କଠାରୁ ଏହି ବିଜ୍ଞାନ କଥା ଶୁଣି ଶୁଣି ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ସୌଭାଗ୍ୟ ଲାଭ କରିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀ "ମାଇଁ ଭିଉଜ ଅଫ୍ ଏଜୁକେଶନ" ପୁସ୍ତକରେ କହିଥିଲେ ଜଣେ ମା'ଙ୍କ ଭୂମିକା ଗ୍ରହଣ ନକଲେ ସେ ପ୍ରକୃତରେ ଶିକ୍ଷକ ହୋଇ ପାରିବନାହିଁ। ଫ୍ରାନ୍ସର ପ୍ରଭାବଶାଳୀ ରାଜା ନବମ ଲୁଇଙ୍କ ମା' ମଧ୍ୟ ପିଲାବେଳେ ତାଙ୍କୁ ଠିକ୍ ସେହିକଥା କହିଥିଲେ ଯେ "ଦେଖ ବାପା ! ତମେ ଯଦି ଜୀବନରେ କେବେ କୌଣସି ଅକରଣୀୟ କାମ କରିବ ମୁଁ କଦାପି ଏହା ସହ୍ୟ କରିପାରିବି ନାହିଁ। ତୁମକୁ ସିଂହାସନରେ ବସାଇବାକୁ ମଧ୍ୟ ଚାହିଁବି ନାହିଁ। ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା ପ୍ରକାଶ କରିବି।" ଏହା ଥିଲା ନବମ ଲୁଇଙ୍କ ପ୍ରତି ତାଙ୍କ ମା'ଙ୍କର ଏକ କଡ଼ା ଚେତାବନୀ।

ବନ୍ଧୁଗଣ ! ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ପରିବାର ଯଦି ହୁଏ ମାନବ ସମାଜର କେନ୍ଦ୍ରବିନ୍ଦୁ ଓ ଏକ କ୍ଷୁଦ୍ର ସାମାଜିକ ସଂଗଠନ, ତେବେ ମା' ହେଉଛି ସେହି ପରିବାର ରୂପୀ ଗୃହ ସାମ୍ରାଜ୍ୟର ସାମ୍ରାଜ୍ଞୀ। ବାଲାର୍ଡଙ୍କ ମତରେ ପରିବାର ହେଉଛି ସର୍ବାପେକ୍ଷା ପ୍ରାଚୀନ ଓ ପ୍ରଭାବଶାଳୀ ଅନୁଷ୍ଠାନ, ଯେଉଁ ଅନୁଷ୍ଠାନରୁ ଆମର କୋମଳମତି ବାଳକ ବାଳିକାମାନେ ସୁଦ୍ଧ ଆଚରଣ, ବ୍ୟବହାର, ଶୃଙ୍ଖଳାଗତଜ୍ଞାନ, ଦାୟିତ୍ୱବୋଧ ଆଦି ଶିକ୍ଷା ଲାଭ କରିଥାନ୍ତି। ଶିଶୁଙ୍କ ଉନ୍ନତି ଓ ପ୍ରଗତିପାଇଁ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆମ ପରିବାରରେ ରହୁଥିବା ପିତା, ମାତା, ଜେଜେ ବାପା, ଜେଜେ ମା', ଦାଦା, ଖୁଡ଼ି, ଭାଇ, ଭଉଣୀଙ୍କ ଚରିତ୍ର, ଆଚରଣ ଓ ପ୍ରକୃତି ପିଲାମାନଙ୍କୁ ଖୁବ୍ ପ୍ରଭାବିତ କରେ। ଶିଶୁର ଜୀବନ ଆରମ୍ଭ ହୁଏ ଏହି ପରିବାରରୁ। ସେହିଥିପାଇଁ ତ ଫ୍ଲାଙ୍କ କହିଥିଲେ, ପରିବାର ହେଉଛି ଏକମାତ୍ର ଅନୁଷ୍ଠାନ ଯାହାକି ଶିଶୁ ପାଳନ ଓ ଶିଶୁର ସମାଜିକୀକରଣ ପାଇଁ ଏକ ଅତ୍ୟାବଶ୍ୟକୀୟ ମାଧ୍ୟମ। ଏହା ମାଧ୍ୟମରେ ଶିଶୁ ସମାଜର ସଂସ୍କୃତି ସହିତ ପରିଚିତ ହୁଏ ଏବଂ ତାର ବ୍ୟକ୍ତିତ୍ୱ ଗଠନ ହୁଏ। ଶିଶୁର ମୌଳିକ ଆବଶ୍ୟକତା ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ପ୍ରେମ ଇତ୍ୟାଦି ଏହି ପରିବାରରୁ ହିଁ ପୂରଣ ହୁଏ। ସତ କହିବାକୁ ଗଲେ ମଣିଷ ଜୀବନକୁ ସରସ, ସୁନ୍ଦର ଓ ସୁସ୍ଥକରି ଗଢ଼ି ତୋଳିବାରେ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ପରବାର ବା ଫ୍ୟାମିଲି ଶବ୍ଦଟି ରୋମାନ ଶବ୍ଦ Famalusରୁ ଆସିଅଛି, ଯାହାର ଅର୍ଥ ଚାକର। ସମନର ଓ କେଲରଙ୍କ ମତରେ ଅତି କମ୍‌ରେ ଦୁଇଟି ପିଢ଼ିକୁ ଅନ୍ତର୍ଭୁକ୍ତ କରିଥିବା ଏବଂ ବିଶେଷ ଭାବରେ ରକ୍ତ ସଂପର୍କକୁ ନେଇ ଗଠିତ ହୋଇଥିବା ଏକ କ୍ଷୁଦ୍ର ସାମାଜିକ ସଂଗଠନ ହିଁ ପରିବାର ଅଟେ।

ହଁ ବନ୍ଧୁଗଣ ! ଆଜି ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିଥିଲେ ସୁଦ୍ଧା ପରିବାର ଦିବସ ପାଳନ କରିବାକୁ ଆମେ ଚିନ୍ତାକରିଛୁ। ପରିବାର ହିଁ ଏକମାତ୍ର ଅନୁଷ୍ଠାନ ଯେଉଁଠି ଶିଶୁର ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ, ସାମାଜିକ, ନୈତିକ ତଥା ଚରିତ୍ରର ବିକାଶ ସାଧନ ସମ୍ଭବ ହୋଇଥାଏ। ଏହି ପରିବାର ହିଁ ଶିଶୁମାନଙ୍କପାଇଁ ଏକମାତ୍ର ନିରାପଦ ସ୍ଥାନ। ଏହା ଛଡ଼ା ପିଲାମାନଙ୍କୁ ନାଗରିକ ଶିକ୍ଷା, ସମଯୋଜନ ଶିକ୍ଷା, କର୍ମ ସଂସ୍ଥାନ ଶିକ୍ଷା ଆଦି ସଂପର୍କରେ ସଚେତନ କରି ଅର୍ଥ ଅର୍ଜନ କରିବାର କୌଶଳ ମଧ୍ୟ ଏହି ପରିବାରୁହିଁ ପିଲାଟିଏ ଶିକ୍ଷା ଲାଭ କରିଥାଏ। କେବଳ ସେତିକି ନୁହେଁ, ପର୍ବ ପର୍ବାଣୀ, ବିବାହ ଉତ୍ସବରେ ମଧ୍ୟ ସମସ୍ତେ ଏକାଠି ମିଳିମିଶି ଉତ୍ସବ ପାଳନ କରିଥାନ୍ତି। ଜୀବନକୁ ସଂପୂର୍ଣ୍ଣ ଉପଭୋଗ କରିବାର ମାଧ୍ୟମ ହେଉଛି ଏହି ପରିବାର। ମାଜିନ ମଧ୍ୟ କହିଥିଲେ ମା'ର ଚୁମ୍ବନ ଓ ପିତାଙ୍କ ଯତ୍ନ ମଧ୍ୟରେ ଶିଶୁର ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ।

ଏହି ପରିବାର ହିଁ ଏକମାତ୍ର ସ୍ଥାନ ଯେଉଁଠି ଜଣେ ରୋଗୀ, ଅକର୍ମଣ୍ୟ, ଯୁବକ-ଯୁବତୀ ଓ ଶିଶୁମାନେ ଶାରୀରିକ ଓ ମାନସିକ ସୁରକ୍ଷା ପାଇଥାନ୍ତି। ଆମ ପରିବାରରେ ସାଧାରଣତଃ ଯେଉଁ ସାମାଜିକ, ଅର୍ଥନୈତିକ ଓ ଘରୋଇ ସମସ୍ୟା ପାରିବାରିକ ଜୀବନକୁ ପ୍ରଭାବିତ କରୁଛି, ସେହି ସମସ୍ୟାରୁ ରକ୍ଷା ପାଇବାପାଇଁ ଏବଂ ତାହାର ଏକ ସ୍ଥାୟୀ ସମାଧାନ ଚିନ୍ତାକରି ଆମେ ଆଜି ଆନ୍ତର୍ଜାତିକ ପରବାର ଦିବସ ପାଳନ କରିବାକୁ ଯାଉଛୁ। ଆମେ ପରସ୍ପର ଭିତରେ କିପରି ଉମ ବୁଝାମଣା ରଖି ସଦଭାବନା ଆଣି ଶାନ୍ତି ଓ ଆନନ୍ଦ ସହ ଏକାଠି ହୋଇ ଆମର ପାରିବାରିକ ସଂପର୍କକୁ ମଜଭୁତ କରି ପରସ୍ପର ସୁଖ ଦୁଃଖକୁ ବି ସୁଖରେ ରହିବା ଏହି କଥା ଚିନ୍ତାକରି ଆମେ ଏହି ଆନ୍ତର୍ଜାତିକ ପରିବାର ଦିବସ ପାଳନ କରିବାକୁ ଆଜି ଆଗ୍ରହ ପ୍ରକାଶ କରିଛୁ।

ଆଜି ଆମ ପରିବାରର ସଂସ୍କୃତି ପାଇଁ ଆମେ ଦେଶ ବିଦେଶରେ ମଧ୍ୟ ଗର୍ବିତ। ଆମ ସଂସ୍କୃତିରେ ଯୌଥ ପରବାର ହିଁ ଆମର ଶ୍ରେଷ୍ଠ ସଂପଦ। ଏକାଠି ଗୋଟିଏ ଛାତ ତଳେ ମିଳିମିଶି ଭୋଜନ କରି ଗୁରୁଜନମାନଙ୍କଠାରୁ ଯେଉଁ ସ୍ନେହ, ଶ୍ରଦ୍ଧା, ପ୍ରେମ, ଯତ୍ନ, ବାତ୍ସଲ୍ୟ, ଭଲ ପାଇବା ଓ ବିଶେଷ କରି ଯେଉଁ ସାମାଜିକ ନିରାପା ପାଉଥିଲେ ଆଜି କିନ୍ତୁ ତାହା ଆଉ ଦେଖାଯାଉନାହିଁ। ଯଦିଓ ସହରୀକରଣ, ଜଗତିକରଣ, ଶିଳ୍ପକରଣ ଆଳରେ ଆମ ପରିବାର ଆଜି ଯୌଥ ପରିବାରରୁ ଆସି ଏକକ ପରିବାରରେ ପଦାର୍ପଣ କରିଛି, ତଥାପି ମାନସିକ ସ୍ତରରେ ଆମେ ଯୋଡ଼ି ହୋଇ ରହିଛୁ। ଆଜି ବି ଆମ ପରିବାର ସହିତ ଆମର ସଂପର୍କ ତୁଟିନି କି ପରିବାର ତା'ର ମୌଳିକତା ହରାଇନି। କିନ୍ତୁ ବିଦେଶରେ ପିଲାମାନେ ଟିକିଏ ବଡ଼ ହୋଇଗଲେ ସେମାନେ ପିତାମାତାଙ୍କଠାରୁ ଅଲଗା ହୋଇ ରହନ୍ତି।

ଫଳରେ ସେମାନେ ପିତାମାତାଙ୍କଠାରୁ ଆଉ ଆଦର ଯତ୍ନ ପାଇ ପାରନ୍ତି ନାହିଁ। ବରଂ ସାଥିମାନଙ୍କ ମେଳରେ ରହି ବେଳେବେଳେ କୁଅଭ୍ୟାସର ବଶବର୍ତ୍ତୀ ହୋଇ ଅନେକ କୁକାର୍ଯ୍ୟରେ ଲିପ୍ତ ରହିଯାନ୍ତି। ଯାହା ଆମ ଭାରତୀୟ ପରବାରରେ ସାଧାରଣତଃ ଦେଖାଯାଏନାହିଁ। ଆଜି ଆମେ ଚନ୍ଦ୍ରପୃଷ୍ଠରେ ପାଦ ଥାପି ସାରିଲୁଣି, ମଙ୍ଗଳ ଗ୍ରହରେ ବାସ କରିବାକୁ ଜଳର ସନ୍ଧାନ କରୁଛୁ। ତଥାପି ଆଜି ଅନୁଭବ ହେଉଛି ଯେ ଆମ ପରିବାରଗୁଡ଼ିକ ଦିନକୁ ଦିନ ଅବକ୍ଷୟ ହୋଇ ଯାଉଛି। ବିଭିନ୍ନ ସମସ୍ୟା ଓ ପ୍ରତିକୂଳ ପରିସ୍ଥିତି ଦେଇ ଗତିକରି ସଂପର୍କରେ କେଉଁଠି ନା କେଉଁଠି ଫାଟ ସୃଷ୍ଟି ହେଉଛି। ଗୋଟିଏ ଛାତ ତଳେ ଆମେ ଆଜି ଏକାଠି ହୋଇ ରହିପାରୁନୁ। ଆମ ଭିତରେ କେଉଁଠି ନା କେଉଁଠି ବୁଝାମଣାର ଅଭାବ ରହୁଛି। ବେଳେ ବେଳେ ଅହଂକାର ମଧ୍ୟ ଆମ ସଂପର୍କ ମଝିରେ ବାଡ଼ ହୋଇ ଆମ ପାରିବାରିକ ସଂପର୍କକୁ କ୍ଷତ ବିକ୍ଷତ କରି ବିଶ୍ୱାସରେ ବିଷ ଭରିଦେଇ ଭୂମିକଂପ ସୃଷ୍ଟି କରୁଛି। ଫଳରେ ବିବାହର କିଛି ମାସ ନପୂରୁଣୁ ଛାଡ଼ପତ୍ର ଭଳି ଗୋଟିଏ କୁତ୍ସିତ ପ୍ରଥା ଆମ ପାରିବାରିକ ଜୀବନକୁ ଧ୍ୱଂସ ବିଧ୍ୱଂସ କରିପକାଉଛି। ଏଭଳି କ୍ଷେତ୍ରରେ ଆମ ପରପିଢ଼ି ଆମଠାରୁ କଣ ଶିକ୍ଷା ଲାଭ କରିବ ?

ଆମ ପରିବାରକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଆବଶ୍ୟକ। ଆମର ମୂଲ୍ୟବାନ ସମୟକୁ ଆମେ ଯଦି ଏକାଠି ହୋଇ ପରସ୍ପର ଭିତରେ ସୁଖ ଦୁଃଖକୁ ବି ଏକତା ଓ ସଦଭାବନାକୁ ରକ୍ଷା କରିବା ତେବେ ଏ ସମସ୍ୟା ଆଉ ରହିବନି। ସେଇଥିପାଇଁ ତ ମିଳିତ ଜାତିସଂଘ ଓ ସାର୍ବଜନିକ ଶାନ୍ତି ସଂଘ ୧୯୯୩ ମସିହାରେ ଏକ ଘୋଷଣାନାମ ପାସ କରିଥିଲେ ଆନ୍ତର୍ଜାତିକ ପରିବାର ଦିବସ ପାଳନ କରିବାପାଇଁ। ଏହାପରେ ୧୯୯୪ ମସିହାରେ ସାମାଜିକ ଗଠନ ଓ ଅର୍ଥନୈତିକ ପ୍ରଣାଳୀରେ ସୁଧାର ଆଣିବାପାଇଁ ମିଳିତ ଜାତିସଂଘ ଅଫିସ ସ୍ତରରେ ପ୍ରତିବର୍ଷ ମଇ ମାସ ୧୫ ତାରିଖକୁ ଆନ୍ତର୍ଜାତିକ ପରିବାର ଦିବସ ରୂପେ ପାଳନ କରିବାକୁ ସ୍ଥିର କଲେ। କାନଡ଼ାର ଆଲର୍ବାର୍ଟାର Helen Hunley ୧୯୯୧ ମସିହା ସେପଟ୍ମ୍ବେର ୨୬ ତାରିଖରେ ଏହି ଜାତୀୟ ପରିବାର ଦିବସ ପ୍ରଥମେ ପାଳନ କରିଥିଲେ। ଏହାପରେ ୧୯୯୩ ମସିହାରେ ମିଳିତ ଜାତିସଂଘ ଏହି ଘୋଷଣା କରିଥିଲେ "ଏହି ବର୍ଷର ଥିମ୍ ଥିଲା Embracing Diversity Strengthening Families" ଅର୍ଥାତ ବିଭିନ୍ନତାକୁ ଆପଣେଇ ପରିବାରକୁ କିପରି ସୁଦୃଢ଼ କରିବା ।

ସୁସ୍ଥ ପରବାର ଗଠନପାଇଁ ଅନେକ ସମସ୍ୟା ମୁଣ୍ଡ ଟେକିଛି। ସ୍ୱାସ୍ଥ୍ୟଗତ ସମସ୍ୟ. ଆର୍ଥିକ ଅନଟନ ସମସ୍ୟା, ପରିବେଶ ଜନିତ ସମସ୍ୟା ଯାହା ଆମର ପାରିବାରିକ ସମସ୍ୟାକୁ ଖୁବ୍ ପ୍ରଭାବିତ କରିଛି। ଯଦି ପରିବାର ଭିତରେ ସ୍ଥିରତା ଓ ନିରାପା ଆଣି ପରସ୍ପର ଭିତରେ ଉମ ବୁଝାମଣା ରଖିବା ଏବଂ ପରିବାରରେ ଯେଉଁ ଝଡ଼ ଆସିବ ତାକୁ ମିଳିମିଶି ସମାଧାର ସୂତ୍ର ବହାର କରିବା ତେବେ ଏକ ଆଦର୍ଶ ପରବାର ଗଠନର କୌଶଳ ଆମ ଭବିଷ୍ୟତର ବଂଶଧରମାନେ ଶିକ୍ଷା ଲାଭ କରିପାରିବେ।

ଆଶା, ବିଶ୍ୱାସ ଓ ଉତ୍ସାହର ସହିତ ଯଦି ପରିବାରର ସମସ୍ତ ସଦସ୍ୟ ନିଜ ନିଜ ଭିତରେ ସହଯୋଗର ହାତ ବଢ଼ାଇ ପରସ୍ପର ଗୁଣକୁ ଚିହ୍ନି ସ୍ନେହ, ପ୍ରେମ, ମମତା ବନ୍ଧନରେ ସମସ୍ତଙ୍କୁ ବାନ୍ଧି ପାରିବେ ତେବେ ଆମେ ଗୋଟିଏ ସୁସ୍ଥ ସୁନ୍ଦର ପରିବାର ଗଠନ କରିବକୁ ସକ୍ଷମ ହୋଇ ପାରିବୁ। ଆଜି ଯୌଥ ପରିବାରଗୁଡ଼ିକ ଭାଙ୍ଗିଯାଇ ଏକକ ପରିବାର ହେବା ଫଳରେ ସେହି ପରିବାରରେ ଯେଉଁ ଶିଶୁଟି ବଢ଼ୁଛି ସେ ଆନ୍ତରିକତା ଅଭାବରୁ ହିଂସ୍ର, ଆକ୍ରମଣକାରୀ, ସ୍ୱାର୍ଥପର, ଅସହଯୋଗୀ, ଉଚ୍ଛୃଙ୍ଖଳିତ, ଉଦ୍ୟମହୀନ ହୋଇ ପଡୁଛି। ଆଜି ଆମେ ଶିଶୁଙ୍କ ମତାମତକୁ ପ୍ରାଧାନ୍ୟ ନ ଦେଉଥିବାରୁ ସେମାନେ ଧିରେ ଧିରେ ସ୍ୱେଚ୍ଛାଚାରିତା, ଅକ୍ରୋଶମୂଳକ ମନୋବୃି, ଅନାଗ୍ରହୀ, କଳହତା ଓ ଅସହିଷ୍ଣୁ ହୋଇ ଯାଉଛନ୍ତି। ଫଳରେ ଆମ ସମାଜର ଅବକ୍ଷୟ ଘଟୁଛି। ପିଲାମନେ ପିତାମାତା ଅପେକ୍ଷା ସାଙ୍ଗସାଥୀ ଓ ଆୟା ପାଖରେ ଅଧିକ ସମୟ ଦେଉଛନ୍ତି। ରନ୍ଧନ କାର୍ଯ୍ୟ ଏବେ ହୋଟେଲ କରୁଛି। ସେବାକାର୍ଯ୍ୟ ଏବେ ଡାକ୍ତର ଓ ନର୍ସ କରୁଛନ୍ତି। ଏପରି ବି ଦେଖା ଯାଉଛି ଗୋଟିଏ ରୁମରେ ଗୋଟିଏ ଛାତ ତଳେ ବାପା, ମା, ପୁଅ, ଝିଅ ଚାରୋଟି ମୋବାଇଲ ଧରି ଘରର ଚାରିକୋଣକୁ ମୁହଁ କରି ବସୁଛନ୍ତି ଅଥଚ କେହି କାହା ସହିତ କଥା ପଦେବି ହେଉ ନାହାନ୍ତି। ଏହାଠାରୁ ବଳି ଦୁଃଖ କଣ ଅଛି ? କେହି କାହାର ଭାବକୁ ଓ ଆବେଗକୁ ପରିପ୍ରକାଶ କରୁନାହାନ୍ତି। ଫଳରେ ମନରେ ଆନେକ ଦୁଃଖ ବରଫ ପରି ଜମାଟ ବାନ୍ଧୁଛି। ନା ଏକାଠି ଭୋଜନ ଅଛି ନା ଏକାଠି ପୂଜା ଉପାସନା ଅଛି। ଅନ୍ଧବିଶ୍ୱାସ କହି ସବୁକୁ ଆମେ ଏଡ଼ାଇ ଦେଉଛୁ। ମନସ୍ତତ୍ତ୍ୱବିଦ୍‌ମାନେ କୁହନ୍ତି, ଶିଶୁଟି ଯଦି ଜେଜେମା, ଜେଜେ ବାପାଙ୍କ ଗହଣରେ ରହେ ତେବେ ସେ ଅଧିକ ବୁଦ୍ଧିମାନ ହୁଏ। ଖାଇବା, ପିନ୍ଧିବ, ସ୍ୱାର୍ଥ ତ୍ୟାଗ କରିବା, ଗୁରୁଜନଙ୍କୁ ସମ୍ମାନ କରିବା ଏସବୁ ଗୁଣ ପିଲାମାନେ ପରିବାରରୁ ଶିକ୍ଷାଲାଭ କରିଥାନ୍ତି। ସେଇଥିପାଇଁ ତ ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ,

"ବୈକୁଣ୍ଠ ସମାନ ଆହା
ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।।"

ଆମ ଭାରତୀୟ ସଂସ୍କୃତିରେ ନାରୀ ହେଉଛି ଗୃହ ସ୍ୱର୍ଗର ଅଧିଷ୍ଠାତ୍ରୀ ଦେବୀ। ପରିବାରର କେନ୍ଦ୍ରବିନ୍ଦୁ। କେବେ ଜାୟା, କେବେ ଦୁହିତା, ମା ଓ ଭଗ୍ନୀ ରୂପରେ ପରିବାରକୁ ପ୍ରତିପୋଷଣ କରେ। ନାରୀ ଚାହିଁଲେ ସେ ପରିବାର ସ୍ୱର୍ଗ ହୁଏ, ତା'ର ଦୟା, କ୍ଷମା,ପ୍ରେମ, ତ୍ୟାଗ, ତିତିକ୍ଷା, ଶ୍ରଦ୍ଧା, ମମତା, ପ୍ରତିଦାନରେ ପରିବାର ହସିଉଠେ। ସେ ଯେଉଁଭଳି ମନ ନେଇ ଅନ୍ନ ରାନ୍ଧିବ ଏବଂ ପରଶିବ ତାହା ସେଇଭଳି ପ୍ରତିପୋଷଣ କରିବ ଏବଂ ତାର ଚିନ୍ତା, ଚେତନା ପରିବାରକୁ ସଦବୁଦ୍ଧି ଦେବ। ଯେଉଁଠି ମା'କୁ ସମ୍ମାନ ଦିଆଯାଏ ସେଠାରେ ପରିବାର ସ୍ୱର୍ଗ ହୁଏ। ଯେଉଁ ପରିବାରରେ ନାରୀଟିଏ ଗୁରୁଜନମାନଙ୍କୁ ସମ୍ମାନ ଦିଏ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରେ ସେ ଗୃହ ଓ ପରିବାର ସ୍ୱର୍ଗ ପାଲଟି ଯାଏ। ନାରୀ ହିଁ ପ୍ରୀତି, କରୁଣା, ମଧୁର ବ୍ୟବହାର, ବାତ୍ସଲ୍ୟ, ଦୟା, ପ୍ରେମ, ତ୍ୟାଗ ଓ ତିତିକ୍ଷାର ପ୍ରୟୋଗଶାଳା। ନାରୀ ପୁଣି ପରିବାର, ସମାଜ, ରାଷ୍ଟ୍ର ଓ ସଂସାରକୁ ସନ୍ତାନ ରୂପକ ଜୀବନ୍ତ ଉପହାର ପ୍ରଦାନ କରି ସନ୍ଥ, ସମ୍ରାଟ, ବୈଜ୍ଞାନିକ, ଚିତ୍ରକର, ଶିଳ୍ପୀ, ଚିକିତ୍ସକଙ୍କୁ ଜନ୍ମଦିଏ। ବୁଦ୍ଧିମତୀ ଗୃହିଣୀ ହିଁ ଯଶସ୍ୱୀ ଓ ବଳିଷ୍ଠ ପରିବାର ଗଠନ କରିବାରେ ସକ୍ଷମ ହୁଏ, ଯାହାର ତେଜରେ ଗୃହ ସାମ୍ରାଜ୍ୟ ଦେଦୀପ୍ୟମାନ ହୁଏ। ପତି, ସନ୍ତାନ ଓ ଆତ୍ମୀୟ ସ୍ୱଜନମାନେ ତାର ସ୍ନେହପୂର୍ଣ୍ଣ ଦୃଷ୍ଟି ଦ୍ୱାରା ନିଜକୁ ସଂସ୍କାରିତ କରି ନିଅନ୍ତି। ନାରୀ ପୁଣି ଜାୟା ଯିଏ ପୁରୁଷକୁ ଜନ୍ମଦିଏ, ସେ ଚାହିଁଲେ ଗୋଟିଏ ସୁସ୍ଥ, ସୁନ୍ଦର ଉମ ପରିବାର ଗଠନ କରି ସମାଜର ତଥା ରାଷ୍ଟ୍ରର ବିକାଶରେ ସହଭାଗୀ ହେବ, ଏଥିରେ ସନ୍ଦେହ ନାହିଁ।


+ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, କଟକ
ମୋ : ୭୮୪୬୯୨୧୪୦୦


## ଦିଗବଳୟର ମିଳନ

### ସନ୍ତୋଷିନୀ ନାୟକ



ତୁମେ ସେହି ନୀଳ ଆକାଶ ମୋର
ମୁଁ ତୁମ ଅନନ୍ତ ପୃଥିବୀ
ଦୂରରେ ଥାଇ ବି ପାଖେ ପାଖେ ଥାଏ
ଆମ ପ୍ରେମର ସେ ପ୍ରତିଛବି।

ତୁମେ ସୂର୍ଯ୍ୟର ଆଲୋକ ଅଟ ପରା
ମୋ ବୁକୁରେ ଭରି ସବୁଜିମା
ତୁମ ବିନା ମୋର ଅସ୍ତିତ୍ୱ କାହିଁ
ତୁମେ ତ ମୋ ପ୍ରେମର ସୀମା।

ଶ୍ରାବଣ ହୋଇ ତୁମେ ଝରିଯାଅ ଯେବେ
ମୋ ଛାତିର ତୃଷ୍ଣା ମେଣ୍ଟିଯାଏ
ଦୂର ଦିଗବଳୟେ ଲୁଚକାଳି ଖେଳି
ଆମ ମନ ଦୁଇଟି ମିଶିଯାଏ।

ତୁମେ ଢାଳିଦିଅ ଜହ୍ନର ଜୋସ୍ନା
ମୁଁ ସାଉଁଟିନିଏ ତାକୁ ବୁକୁରେ
ସାରା ଦୁନିଆ ଶୋଇଯାଏ ଯେବେ
ଆମେ କଥା ହେଉ ସେହି ଖୁସିରେ।

କେବେ ମେଘ ହୋଇ ତୁମେ ଗରଜିଉଠ
କେବେ ପବନ ହୋଇ ମତେ ଛୁଇଁଯାଅ
ମୋ ଧୂଳି କଣାରେ ତୁମରି ସୁବାସ
ତୁମେ ମୋ ଜୀବନର ଧ୍ରୁବତାରା ପ୍ରିୟ।

ଦିଗବଳୟର ସେହି ଶେଷ ଗାରରେ
ଲାଗେ ଆମେ ଦୁହେଁ ଏକ ହୋଇଛୁ
ମରୀଚିକା ସେହି ମିଛ ଦୁନିଆର
ସେଠି ଆମେ ସତ୍ୟ ପ୍ରେମ ପାଇଛୁ।

କେତେ ଝଡ଼ ଆସେ କେତେ ମେଘ ଭାସେ
ତଥାପି ଆମେ ସେମିତି ଅଛୁ
ଆକାଶ ପୃଥିବୀର ସଂପର୍କ ଭଳି
ଆମେ ପରସ୍ପର ପାଇଁ ବଞ୍ଚୁ।


+ଅଧ୍ୟାପିକା, ବୀରମହାରାଜପୁର
ସୁବର୍ଣ୍ଣପୁର


## ଅଦିନିଆ ବର୍ଷା

### ପୁଷ୍ପାଞ୍ଜଳି ପଣ୍ଡା



ଧୂ ଧୂ ଖରାରେ ପୋଡ଼ି ଯାଉଥିବା ପିଠିରୁ
ଧାର ଧାର ହୋଇ ବୋହି ପଡୁଛି
ଲଘୁଚାପ ବର୍ଷା ।
ହଠାତ୍ ଚାରିଆଡୁ ମେଘ ତୋଫାନର ଝଲକ
ଘଡ୍ ଘଡ୍ ହେଇ ଘଡଘଡି
ଚିକ୍ ଚିକ୍ ହେଇ ବିଜୁଳି ,
ମେଘାଚ୍ଛନ୍ନ ଆକାଶଟା ସାରା।
ସନିଆ ପିଠିରୁ ଏବେବି ପାଣି ଝରୁଛି,
ନୁଆ ଛପର ହେଇଥିବା
ଚାଳରୁ ସତେକି.!!

ଖଳା ବାଡ଼ିରେ ଶୁଖୁଥିବା ମୁଗ ପୁଳାଏ
ଓଦା ହେଇଗଲା
ଦାଣ୍ଡ ପିଣ୍ଡାରେ
ବସ୍ତାରେ ରଖିଥିବା
ମେଙ୍କି ଛେଳିର ଶୁଖିଲା
ବାଦାମଗଛ ପୁଳାଏ ବି।
ଅଗଣା ଚୁଲିରେ
ଚୁଲିଏ ପାଣି
କାହିଁକି ଏମିତି ଅଦିନିଆ ବର୍ଷା ଉତ୍ପାତ
କେଜାଣି..!!
କାଲି ଦକ୍ଷିଣ ପଟ ଆକାଶ
ଢେର୍ ଲାଲ୍ ଦିଶୁଥିଲା
କହି ଦଉଥିଲା ଆଜିର ଭବିଷ୍ୟତ ।
ଅଥଚ, ପାଶୋରି ଦେଲା ବୋଲି
ଏ ହଟହଟା
ସବୁ କେମିତି ଠିକ୍ ହବ ପାଗ ହେଲେ
ପିଠି ପୁଣି ଖରା ପୋଇଁବ।

ଅଳପ ଅଳପ ହସି କହିବ
ଓହୋଃ କି ଖରା!!
ଅଦିନିଆ ବର୍ଷା ହେଉ ପଛେ
ଟୋପାଏ ହଉ
ଦେହ ମନ ସବୁ ଭିଜେଇ ଦଉ ।


+ କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩


## ଫୁଲଚୋରଣୀ

### ଶ୍ରୀମତୀ ବନଶ୍ରୀ ଦାଶ



ସକାଳୁ ସକାଳୁ ଏତେ ଗରଗର କାହା ଉପରେ ? କିଏ ଉଠିକି ପ୍ରାତଃଭ୍ରମଣ ଗଲାଣି ତ କିଏ ଯୋଗ ପ୍ରାଣାୟାମ କରୁଛି ପୁଣି କିଏ ପ୍ରାର୍ଥନା ଚେନାଲ ଲଗେଇ ଜଗନ୍ନାଥ ଭଜନରେ ବୁଡୁଚି ଆଉ ତୁମେ ଜଣେ ହିଁ ସ୍ତ୍ରୀଲୋକ ଥିବ ଏ ସଂସାରରେ ସକାଳୁ ସକାଳୁ ବଜର ବଜର....। ଯାଅ ଚା କପେ କରିଆଣ ହଁ ପାଣି ଗିଲାସେ ବି ଆଣିକି ଆସିବ। ଆଣୁଛି, ତୁମକୁ ଦେଇଥିଲି ପରା ଭୋରରୁ କପେ ଚା ପୁଣି....

ନାଲି ଚା ଥିଲା ନା ସେଇଟା, କ୍ଷୀର ଚା ନ ପିଇଲେ ପିଇଲା ପରି ଲଗେକି ?

(ହସି ହସି) ହଉ ରାଗନି, ପ୍ରଥମେ କୁହ କଣ ହେଲା ଯେ ଗର ଗର ହେଉଛ ?

ସବୁଦିନେ ଟିକେ ଟିକେ ହୁଅ କିନ୍ତୁ ଆଜିର ତାପମାତ୍ରା ଅଧିକ କାହିଁକି ?

ଆରେ ନାଇଁମ ଗଛରେ କେତେ ମନ୍ଦାର କଢି ଥିଲା ସନ୍ଧ୍ୟାରେ ଦେଖିଥିଲି, ସକାଳୁ ତୋଳିବି କଣ କାନ୍ଥ ସେପଟୁ ତ ନେଉଛନ୍ତି ପୁଣି ଲାଠିରେ ଟାଣି ଘର ପଟରୁ ଫୁଲ ଗୁଡାକ ଚୋରଣୀ ଗୁଡା ନେଇଯାଉଛନ୍ତି। ଡହ ଡହ ଖରାରେ ଆସିକି କଢି ବି ନେଉଛନ୍ତି ମୁଁ କିଛି କହୁନି ପୁଣି ଫୁଲ ଗୁଡାକ ନେଇଯିବେ ଆଃ ରେ... ନିଜ ବାଡ଼ିରେ ଲଗେଇକି ପାଣି ଦେଲେ ଜଣା ପଡ଼ନ୍ତା।



କଣ କହିବି ସେ ମିଶ୍ରଣୀ ମାଉସୀ କଥା, ତା ବାଡ଼ିର ଫୁଲକୁ ସୁନ୍ଦର ପାଇଁ ରଖିଛି କିନ୍ତୁ ବଡି ଭୋରରୁ ଯା ବାଡ଼ି ତା ବାଡ଼ିରୁ ଟର୍ଚ୍ଚ ମାରିକି ତୋଳୁଛି। ସେ ଦିନ ତୋଳୁ ଥିଲା କିଏ କିଏ କହିଲାକୁ ଉଁ ନାଇଁ ଚୁଁ ନାଇଁ ଖସ ଖସ ଚାଲିଗଲା। ମୁଁ ଶୁଣୁଥିଲି ଫୁଲ ସେ ବିକୁଛି। କେଜାଣି ଭଗବାନଙ୍କୁ ଜଣା ନ ହେଲେ ଏତେ ଫୁଲ କଣ ଦିଅଁକୁ ଘୋଡାଉଥିବ ! ଆଉ ସେ ବୁଢ଼ୀ କଥା ଆଉ କଣ କହିବି ହେ। ମୁଁ ଆଉ ପାରୁନି। ଆମ ବାହାର ଓ ଭିତରୁ ସେ ହିଁ ଅଧିକା ଫୁଲ ନେଉଛି। କଢି ସେ ନିଏନି। ତୁଳସୀ ପତ୍ର ଜଟା ବାର ଅବାର ଦେଖି ତୋଳି ନେଉଛି। ଏତେ ରାଗ ଲାଗୁଛି ସେ ବୁଢ଼ୀ ଉପରେ.... ହଉ ହଉ ମିନୁ ବୋଉ ଏତେ ରାଗନି, ଛାଡ଼, ଯିଏ ବି ମନ୍ଦାର ଫୁଲ ନେଉଛି ସେ ମୁଣ୍ଡରେ ତ ପିନ୍ଧିବନି କଉ ଦିଅଁ ମୁଣ୍ଡରେ ଚଢାଇବ। ଯାଅ ଚା ଟିକେ ଆଣ। ଶାନ୍ତି ରେ ଯାହା ଫୁଲ ଅଛି ବାଡ଼ିରେ ତୋଳିକି ପୂଜା କର।

ଆଜିର ସକାଳଟା ଶାନ୍ତ କେମିତି ଲାଗୁଛି, ସବୁ ଫୁଲ ସୁରକ୍ଷିତ ଅଛନ୍ତି ବୋଧେ, ମିନୁ ବୋଉର ପାଟି ଶୁଭୁନି। ଆରେ ଏତେ ଫୁଲ! କାଇଁ କିଏ ଚୋରି କରିନିକି ? ହଁ ଦାଣ୍ଡ ପଟରୁ ନେଇଛନ୍ତି କିନ୍ତୁ ଅଳ୍ପ। ବୁଢ଼ୀଟି ଆସିନି ବୋଧେ ନହେଲେ ଏତେ ତୋଳିଥାନ୍ତିକି। ତୁଳସୀ ବି ତୋଳା ହୋଇନି ଆଶ୍ଚର୍ଯ୍ୟ। ଆଶ୍ଚର୍ଯ୍ୟ ହେବାର କଣ ଅଛି ଦେହ ପା ଭଲ ନଥିବ, ବୁଢ଼ୀ ଲୋକ। ତୁମେ ତ ଗାଳି ଗୁଲଜ କରୁଛ ଶୁଣିଥିବ ବି ! ହଉ ଛାଡ଼ ତୁମକୁ ତ ଭଲ ହେଲା ଫୁଲ ସୁରକ୍ଷିତ ରହିଲା।

ମିନାକ୍ଷୀ ଦେବୀ କିଛି କହିଲେନି ଧୀରେ କି ଘର ଭିତରକୁ ଚାଲିଗଲେ। ଦିନେ ଦି ଦିନ ଏମିତି ସପ୍ତାହେ ଚାଲିଗଲା। ରମେଶ ବାବୁଙ୍କ ସବୁଦିନିଆ କାମ ସେମିତି ଚାଲିଥାଏ। ପ୍ରାତଃ ଉଠି ନିତ୍ୟକର୍ମ ସାରି ଟିକେ ଏପଟ ସେପଟ ହୋଇ ଚା ପିଇ ବସନ୍ତି ଘଂଟାଏ ବହି ଟିଏ ଧରି। ସେପଟେ ବାଜୁଥାଏ ମୋବାଇଲରେ ହନୁମାନ ଚାଳିଶା, ଗାୟତ୍ରୀ ମନ୍ତ୍ର, ବିଷ୍ଣୁ ସହସ୍ର ନାମ...... ହଇହେ ଶୁଣୁଛ, ବହି ଟିକେ ରଖି ଶୁଣ... ହଁ କୁହ କଣ ହେଲା ଏତେ ବ୍ୟସ୍ତ କାହିଁକି ? ନାଇଁ ଯେ ସେ ବୁଢ଼ୀଟା ଆଉ ଆସୁନି । ଆସୁନି ? ହାଃ ହାଃ ସେଥିପାଇଁ ବି ଟେନସନ। ଭଲ ହୋଇଛି ଆସୁନି। ନାଇଁମ ଦେହ ପା ଠିକ ଥିବ ତ? ତୁମେ ଏତେ ଚିନ୍ତା କେବେଠୁ କଲଣି, ସକାଳ ପାଇଲେ ଗଜର ଗଜର ହେଉଥିଲ ଆଉ ଏବେ... ଯିବ ପରା ମନ୍ଦିର ଆଜି ବଡ଼ ଏକାଦଶୀ। ତୁଳସୀ ପତ୍ର ଜଟାତ କାଲିଠୁ ତୋଳିଛ, ଭୋଗ ନେଇକି ଯାଅ। ଆମ ଏ ପାଖ ଜଗନ୍ନାଥ ମନ୍ଦିରକୁ ଯାଇକି ପଳେଇଆସ ଖରା ହେବ। ଆସ ମିଶିକି ଯିବା ମୁଁ ଏକା ଗଲେ ଭଲ ଲାଗିବନି। କି ଭଲ ମନ୍ଦ ବୁଝିପାରୁନି, ମନ୍ଦିର ଯିବ ତ ଭୋଜି ଭାତକୁ ଯାଉଛ କି ? ମୋତେ ପେଟ ଗଡବଡ ଲାଗୁଛି କାଲି ଟିକେ ଅଧିକା ଆମ୍ବ ହୋଇଗଲା, ତୁମେ ଶୀଘ୍ର ଯାଇକି ଆସ।

ଆଜି ମନ୍ଦିର ଏତେ ଭିଡ଼ କାହିଁକି ? ଏମିତି ତ ଲୋକେ ଏତେ ଆସନ୍ତିନି, ବଡ଼ ଏକାଦଶୀ ବୋଲି ହେଇଥିବ। ଏ କଣ ଭିତରେ କାହାକୁ ଘେରି କି ଅଛନ୍ତି ! ପୂଜାରୀ ମଧ୍ୟ ଖଣ୍ଡେ ଦୂରରେ.... ଏ ଖୁଡ଼ି, କ'ଣ ହେଇଛି କି ଏମିତି ଭିଡ଼ !

କାହାର କଣ ହେଲା କି ? ହଁ ଲୋ ଝିଅ ରାଧି ମାଉସୀ ଖରାପ ହୋଇଗଲା କେତେବେଳେ କି ଶୋଇଛି ତ ଶୋଇଛି। ସକାଳୁ ନ ଉଠିବାରୁ ସବୁ ଦେଖି ଆସିଲେ ନର୍ସ ଦିଦି ବି ଦେଖିକି କହିଲେ ଆଉ ଜୀବନ ନାହିଁ। ତୁ ଚିନ୍‌ହିନୁ କି ? ନାଁ ତ ମୁଁ ଜାଣିନି କଉ ରାଧି ମାଉସୀ ! ଆଲୋ ସେ ବୁଢ଼ୀଟାମ, ମନ୍ଦିର ଓଳା ପୋଛା କରୁଥିଲା, ଯା ବାଡ଼ି ତା ବାଡିରୁ ଫୁଲ ତୁଳସୀ ଆଣିକି ଜଗନ୍ନାଥଙ୍କୁ ଚଢ଼ାଉଥିଲା। ସପ୍ତାହେ ହେଲା ଦେହ ଭଲ ନ ଥିଲା। ନିଜର ତ କେହିନାହିଁ, ବୁଢା ତାର କେତେ ଦିନୁ ଗଲାଣି ଆଉ ମୁହବୋଲା ପୁଅଟେ ଅଛି ଯେ ତାକୁ ଖବର ଦିଆଯାଇଛି ଏ ପର୍ଯ୍ୟନ୍ତ ଆସିନି। ପେଟର ପିଲା ତ ଅଡ଼େଇ ଦେଉଛି ଲୋ ବାପ ମା'କୁ ଏ ତ ପର।

ଏ କଥା ଶୁଣି ମିନୁ ବୋଉର ମୁଣ୍ଡ ଘୁରିଗଲା। ଇଏ ସେ ବୁଢ଼ୀ ଯାହାକୁ ପ୍ରତିଦିନ ସକାଳୁ ସକାଳୁ ଗାଳିଗୁଲଜ କରୁଥିଲି ! ଫୁଲ ଟିକକ ପାଇଁ କ'ଣ ନ କହିଛି, ଅଜାଣତରେ ଆଖିରୁ ଲୁହ ଗାଡିଯାଉଥାଏ। କେତେ ସୁନ୍ଦର ମରଣ ହେଲା

ବଡ଼ ଏକାଦଶୀ, ମାଘ ସୋମବାର ଓଃ କି ସୁଖ ମରଣ। ଲେଉଟି ଆସି ସୋଫାରେ ବସିପଡିଲେ ମିନୁ ବୋଉ। କଣ ଏତେ ଶୀଘ୍ର ଚାଲିଆସିଲ ଭୋଗ ବି କରିନ ? କହୁନ କଣ ହୋଇଛି ? ହଁ ମନ୍ଦିରରେ ଆଜି ପୂଜା ହେବନି, ସେ ବୁଢ଼ୀଟି ମନ୍ଦିର ଅଗଣାରେ ଶୋଇକି ଚାଲିଗଲା। କଉ ବୁଢ଼ୀ କୁଆଡେ ଚାଲିଗଲା ? ସେ ବୁଢ଼ୀ ଯିଏ ଫୁଲ ତୁଳସୀ ତୋଳୁ ଥିଲା ଆମର। ଏ କଥା ଶୁଣି ରାକେଶ ବାବୁ ମଧ୍ୟ ନିରବ ହୋଇଗଲେ। ଆଜି ଏତେ ବଡ଼ ଦିନରେ..... ହଉ ଦୁଃଖ କରନି। ସଂସାରର ନିୟମ ଏୟା, ତୁମ ଜାଗାରେ ଯିଏ ଥିଲେ ବି କହିବ ପର ବାଡିରୁ ଫୁଲ ତୋଳିଲେ ତଥାପି ଲୋକେ ତୁଳନ୍ତି ନା ନାହିଁ କୁହ। ହଁ ସେ କଥା ଠିକ ଯେ, ବର୍ତ୍ତମାନ ଆଉ ଗୋଟିଏ ଦୁଃଖ କଥା ତାର କେହି ନାହାନ୍ତି। କାମ କେମିତି ହେବ? ପୁଷିଆଁ ପୁଅ ଏ ଯାଏଁ ଆସିନଥିଲା।

ଯାହାର କିଏ ନାଇଁ ସେ ଜଗା ହିଁ ସାହା ଭରସା, ସେଥିପାଇଁ ତ ଭଲ ଦିନ ଦେଖିକି ତା ଭକ୍ତକୁ କୋଳେଇ ନେଲେ। ନିଜର ବୋଲି କେହି ନାହାନ୍ତି ଯଦି କହୁଛ ତେବେ ଦୁଃଖ କରନି ଆମେ କିଛି ସାହାଯ୍ୟ କରିବା। ମୁଁ ଯାଇକି କଥା ହେଉଛି ପୂଜାରୀ ସହ। ଯାହା ଖର୍ଚ୍ଚ ହେବ ଦେବା ଓ ତା ପୁଷିଆ ପୁଅ ସହ କଥା ହେବେ ପୂଜାରୀ କହିଦେବି। ବାକି ଯିଏ ଯାହା ପାରିବେ ସାହାଯ୍ୟ ସହଯୋଗ କରିବେ। କାହାର କାମ କଣ ରହିଯାଇଛି କି? କିଏ ବେଶି ତ କିଏ କମ। ଏବେ ବୁଝିଲତ ପ୍ରିୟେ ଈଶ୍ୱର ଭକ୍ତର ଭାବରେ ସମର୍ପିତ, ଯାହା ବି ଦେବ ଖୁସିରେ ଓ ସ୍ୱଚ୍ଛ ମନରେ। ନଡ଼ିଆଟି ଘରେ ଭାଙ୍ଗି ପୂଜା କରିଦିଅ ମୁଁ ଆସୁଛି ତାହାହେଲେ ମନ୍ଦିର ଆଡୁ...।


+ବେତାରଉଦଘୋଷିକା,
ଭବାନୀପାଟଣା,
ଜିଲ୍ଲା କଳାହାଣ୍ଡି
ମୋ: ୭୯୭୮୯୪୯୫୮୫

# ୬୮ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ

ଝାରସୁଗୁଡ଼ା, ୩/୦୬ (ନି.ପ୍ର): ଝାରସୁଗୁଡ଼ା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ୬୮ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଂଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଚିତ୍ରାଣୀ ପଟେଲ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ରାଜ୍ୟ ସରକାର ଗରିବ ଓ ଅବହେଳିତ ବର୍ଗର ଲୋକଙ୍କ ସାମଗ୍ରିକ ଉନ୍ନତି ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ଗୃହହୀନ ଓ ଅସହାୟ ପରିବାରମାନଙ୍କୁ ସୁରକ୍ଷିତ ଓ ସମ୍ମାନଜନକ ବାସସ୍ଥାନ ଯୋଗାଇ ଦିଆଯାଉଛି। ସରକାରଙ୍କ ଲୋକହିତକାରୀ ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚିବା ଦିଗରେ ସମସ୍ତଙ୍କ ମିଳିତ ପ୍ରୟାସ ଜାରି ରହିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଜୀବନଧାରଣର ମାନ ବୃଦ୍ଧି ସମ୍ପର୍କରେ ମତବିନିମୟ କରିଥିଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତାର ସଦୁପଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ।

# ଦାନ୍ତଲିଙ୍ଗ ଛକରେ ଗ୍ୟାସ ସିଲିଣ୍ଡର ଫାଟି ବାଳକର ମୃତ୍ୟୁ

ଗଞ୍ଜାମ, ୨ ଜୁନ୍ (ହି.ସ.)- ଗଞ୍ଜାମ ଜିଲା ସୋରଡା ଥାନା ଅନ୍ତର୍ଗତ ଦାନ୍ତ ଲିଙ୍ଗ ଛକରେ ଥିବା ଏକ ଚା ଦୋକାନରେ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ଏହା ଫାଟିବାରେ ଆଜି ଅପରାହ୍ନରେ ଜଣେ ବାଳକ ଜୀବନ୍ତ ଦଗ୍ଧ ହୋଇଛି। ଅନ୍ୟ ଜଣେ ବାଳକ ସେଠାରୁ ବାହାରକୁ ଆସି ଜୀବନ ବଂଚାଇପାରିଛନ୍ତି।

# ଆପ୍ ପକ୍ଷରୁ ସିଡିଏମଓଙ୍କୁ ୧୨ ଦଫା ଦାବିପତ୍ର

ପୁରୀ, ୩/୦୬ (ନି.ପ୍ର): ପୁରୀ ଜିଲ୍ଲାବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରୁନାହାଁନ୍ତି । ଦୀର୍ଘ ଦିନ ଧରି ନୂତନ ମେଡିକାଲ କୋଠା ନିର୍ମାଣ ଏବଂ ନିର୍ମାଣ ହୋଇସାରିଥିବା ମେଡିକାଲ୍ କଲେଜ ଆରମ୍ଭ ହୋଇପାରିନଥିବାରୁ ଉତ୍ତମ ଚିକିତ୍ସା ସୁବିଧା ପାଇବା ପୁରୀ ଜିଲ୍ଲା ବାସୀଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ଅନେକ ରୋଗୀ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଭୁବନେଶ୍ୱର ଓ କଟକକୁ ରେଫର ହେଉଛନ୍ତି । କେତେକ କ୍ଷେତ୍ରରେ ରାସ୍ତାରେ ମୃତ୍ୟୁବରଣ କରୁଛନ୍ତି। ଏହା ପୁରୀ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଦୁଃଖଦ ଚିତ୍ର।

ବର୍ତ୍ତମାନ କାର୍ଯ୍ୟରତ ପୁରୁଣା ହସ୍ପିଟାଲରେ ରୋଗୀ ଓ ସେମାନଙ୍କ ପରିଜନମାନେ ପ୍ରତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆମ ଆଦମି ପାର୍ଟି (ଆପ )ପକ୍ଷରୁ ୧୨ ଦଫା ସମ୍ବଳିତ ଦାବିପତ୍ର ମଙ୍ଗଳବାର ଦିନ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି ।

ହସ୍ପିଟାଲର ନିରାମୟ, ୬ ତାଲା, କ୍ୟାମ୍ପସ, କ୍ୟାଜୁଆଲିଟି ଓ ଅନ୍ୟାନ୍ୟ ବିଭାଗରେ ପ୍ରାୟ ୧୫୦ଟି ନୂତନ ଫ୍ୟାନ ସ୍ଥାପନ କରାଯାଉ। କ୍ୟାଜୁଆଲିଟି, ହିଟ୍ ଷ୍ଟ୍ରୋକ, ଅର୍ଥୋପେଡିକ୍, ଚକ୍ଷୁରୋଗ ବିଭାଗ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ୧୦ଟି ଏୟାର କଣ୍ଡିସନର (ଏ ସି ) ସ୍ଥାପନ କରାଯାଉ। ହସ୍ପିଟାଲ କ୍ୟାମ୍ପସ ଓ ବିଭିନ୍ନ ୱାର୍ଡରେ ୭ଟି ୱାଟର ପ୍ୟୁରିଫାୟର ସ୍ଥାପନ ସହ ପ୍ରତ୍ୟେକ ପ୍ୟୁରିଫାୟର ତଳେ ଏକ ବେସିନ ବ୍ୟବସ୍ଥା କରାଯାଉ। ୬ ତାଲାର ଆଲୋକ ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର ଥିବାରୁ ସେଠାରେ ଉନ୍ନତମାନରଏଲ ଇ ଡି ଲାଇଟ୍ ସ୍ଥାପନ କରାଯାଉ।

କ୍ୟାଜୁଆଲିଟିରୁ ୱାର୍ଡକୁ ଯିବା ରାସ୍ତାରେ ଚାଲିଥିବା ସିଲିଂ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଉ। ୬ ତାଲାରେ ପରିଚାଳନା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିବାରୁ ଏହାର ତଦନ୍ତ କରାଯାଇ ଦାୟୀ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯାଉ। ମହିଳା ୱାର୍ଡରେ ସ୍ୱଚ୍ଛତା, ସୁରକ୍ଷା ଓ ମୌଳିକ ସୁବିଧାର ଅଭାବ ଦୂର କରି ତୁରନ୍ତ ଉନ୍ନତିମୂଳକ ପଦକ୍ଷେପ ନିଆଯାଉ। ରୋଗୀଙ୍କ ପରିଜନମାନେ ବିଭିନ୍ନ ପ୍ରଶାସନିକ ଓ ମୌଳିକ ସମସ୍ୟା ଯୋଗୁଁ ହଇରାଣ ହେଉଥିବାରୁ ସେମାନଙ୍କ ସୁବିଧା ପାଇଁ ଉଚିତ ବ୍ୟବସ୍ଥା କରାଯାଉ। ସର୍ଜରୀ ୱାର୍ଡ ପଛପଟେ ଡ୍ରେନ ପାଣି ଓ ଆବର୍ଜନା ଦୀର୍ଘଦିନ ଧରି ଜମି ରହିଥିବାରୁ ତୁରନ୍ତ ସଫେଇ କରାଯାଇ ନିୟମିତ ପରିଚ୍ଛନ୍ନତା ବ୍ୟବସ୍ଥା କରାଯାଉ। କିଛି ଡାକ୍ତର ଦୀର୍ଘ ବର୍ଷ ଧରି ପୁରୀରେ କାର୍ଯ୍ୟରତ ଥିବାରୁ ସରକାରୀ ଚିକିତ୍ସାରେ ଅବହେଳା ଏବଂ ବେସରକାରୀ ଚିକିତ୍ସାଳୟକୁ ଯିବା ପାଇଁ ପରୋକ୍ଷ ପ୍ରୋତ୍ସାହନ ଦିଆଯାଉଥିବା ନେଇ ସାଧାରଣ ଲୋକଙ୍କ ଠାରୁ ଅଭିଯୋଗ ଆସୁଛି। ତେଣୁ ୧୦ ବର୍ଷରୁ ଅଧିକ ସମୟ ଧରି ପୁରୀରେ କାର୍ଯ୍ୟରତ ଡାକ୍ତରମାନଙ୍କ ବଦଳି କରାଯାଇ ଅଭିଜ୍ଞ ଓ ଦକ୍ଷ ଡାକ୍ତରଙ୍କ ନିଯୁକ୍ତି କରାଯାଉ। ପୁରୀରେ ହୃଦରୋଗ ବିଭାଗ ଓ ସ୍ନାୟୁରୋଗ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜରୁରୀକାଳୀନ ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଥିବାରୁ ଏହି ବିଭାଗଗୁଡ଼ିକରେ ସ୍ଥାୟୀ ଭାବରେ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ଯଥାଶୀଘ୍ର କରାଯାଉ।

ପୁରୀ ମେଡିକାଲରେ କାର୍ଯ୍ୟରତ ଡାକ୍ତର ସଂଖ୍ୟା ଡିଉଟି ସମୟରେ ଉପସ୍ଥିତ ସଂଖ୍ୟା ସବୁବେଳେ କମ୍ ରହିଛି । ବେଳେବେଳେ ଜରୁରୀକାଳୀନ ସ୍ଥିତିରେ କେହି ବି ଡାକ୍ତର ଉପସ୍ଥିତ ରହୁନଥିବା ବାରମ୍ବାର ଅଭିଯୋଗ ହେଉଛି । ତେଣୁ ଘଟଣାକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ଡ୍ୟୁଟି ସମୟରେ ଡାକ୍ତରଙ୍କ ଉପସ୍ଥିତ ନିଶ୍ଚିତ କରିବାକୁ ଅନୁରୋଧ । ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନ କରାଗଲେ ରୋଗୀ ଓ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିବ। ଦାବିଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆପ ଦାବି କରିଛି । ଜନସ୍ୱାର୍ଥ ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଆପ ବାଧ୍ୟ ହେବ ବୋଲି ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି କହିଛନ୍ତି । ଚିକିତ୍ସାଳୟ ଏବେ ପାଲଟିଲାଣି ଯମାଳୟ ବୋଲି ରୋଗୀମାନେ ଆଲୋଚନା କରୁଥିବା ଶୁଣିବାକୁ ମିଳିଲାଣି ।ଆଜିର କାର୍ଯ୍ୟକ୍ରମରେ ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ, ଯୁବ ସଂଗଠକ ଜନ୍ମେଜୟ ଜେନା ଏବଂ ଅମନ୍ ମହାପାତ୍ର ଉପସ୍ଥିତ ଥିଲେ ।

# ଦିଶା ବୈଠକରେ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା

## ବେଟି ପଢାଓ, ବେଟି ବଚାଓ ଓ ସମନ୍ୱିତ ଶିଶୁ ଯୋଜନା ଉପରେ ଫୋକସ

କେନ୍ଦ୍ରାପଡ଼ା, ୩/୦୬ (ନି.ପ୍ର): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ଶ୍ରୀ ବୈଜୟନ୍ତ ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୫ମ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି(ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ପ୍ରାୟୋଜିତ ବିଭିନ୍ନ ଯୋଜନାର ଅଗ୍ରଗତି, ପାଣ୍ଠି ବିନିଯୋଗ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ଆଳି ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା କେନ୍ଦ୍ରାପଡ଼ା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଡଃ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତ ଦାସ, ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ନବକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଂଚ, ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଫଟୋ ।ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ 'ବନ୍ଦେ ଉତ୍କଳ ଜନନୀ'ଗାନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ସମସ୍ତ ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ପୂର୍ବବର୍ତ୍ତୀ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତିଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ 'ବେଟି ବଚାଓ, ବେଟି ପଢ଼ାଓ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ରାଜନଗର ଓ ମହାକାଳପଡ଼ା ଅଂଚଳରେ ବାଲ୍ୟ ବିବାହ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସଚେତନତାମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଦ୍ୟାଳୟସ୍ତରରେ ସ୍ୱାସ୍ଥ୍ୟ ବିଭାଗ, ଶିଶୁ ସୁରକ୍ଷା ବିଭାଗ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀଙ୍କ ସମନ୍ୱୟରେ ନିୟମିତ ସଚେତନତା କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତିଭୂମି ବିକାଶ, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉନ୍ନତମାନର ପୁଷ୍ଟିକର ଖାଦ୍ୟ ବଂଟନ ଏବଂ ଶୌଚାଳୟ ସୁବିଧା ସୁନିଶ୍ଚିତ କରିବା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ସମ୍ପୂର୍ଣ୍ଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ଗ୍ରାମ୍ୟ ସଡ଼କ ମରାମତି, ମେଗା ପାନୀୟ ଜଳ ପ୍ରକଳ୍ପ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ପ୍ରଦାନ, 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ମାନ୍ୟବର ସାଂସଦ କେନ୍ଦ୍ରୀୟ ଅନୁଦାନର ସୁବିନିଯୋଗ ଏବଂ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟୀକରଣ ଓ ଉତର ପ୍ରଦାନ କରିଥିଲେ।ଶେଷରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଷା ସମୃଦ୍ଧି ଅଭିଯାନକୁ ସଫଳ କରିବା ପାଇଁ କନ୍ଧମାଳ ଜିଲ୍ଲାସ୍ତରୀୟ ସମୀକ୍ଷକ କମିଟି ଗଠନ ନିମନ୍ତେ ବୈଠକ

କନ୍ଧମାଳ, ୩/୦୬ (ନି.ପ୍ର): ଇତିହାସ, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀର 'ଭାଷା ସମୃଦ୍ଧି ଅଭିଯାନ'କୁ ସଫଳ କରିବା ତଥା ତଥ୍ୟର ମାନକୀକରଣ ଓ ସଠିକତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍ ଭାବନା ସଭାଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷକ କମିଟି ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରୁ ସ୍ଥାପିତ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ଆଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଓଡ଼ିଆ ଭାଷା, ସାହିତ୍ୟ ଓ ଦୁର୍ଲଭ ପୁରାତନ କୃତିଗୁଡ଼ିକର ଡିଜିଟାଇଜେସନ ପ୍ରକ୍ରିୟା ଜାରି ରଖିଛି । ଏହି ପରିପ୍ରେକ୍ଷୀରେ କୃତ୍ରିମ ବୁଦ୍ଧିମତା (ଏଆଇ) ସାହାଯ୍ୟରେ ଏକ ମଡେଲ ଡିଜିଟାଲ ଭାଷା ଭଣ୍ଡାର ପ୍ରସ୍ତୁତ କରାଯାଉଛି । ଏହି ଓଡ଼ିଆ ଭାଷା ଭଣ୍ଡାରକୁ ଭାରତ ସରକାରଙ୍କ 'ଭାଷିନୀ' ପ୍ଲାଟଫର୍ମ ସହିତ ସଂଯୋଗ କରାଯିବ, ଯାହାଦ୍ୱାରା ଓଡ଼ିଶାର ବହୁମୂଲ୍ୟ କୃତିଗୁଡ଼ିକ ଅତି ସହଜରେ ଇଂରାଜୀ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ ହୋଇପାରିବ । ଏହା ସହିତ ଏହିସବୁ ମୁକ୍ତତଥ୍ୟ (ଓପେନ୍ ଡେଟା) ଗୁଗଲ ଓ ମାଇକ୍ରୋସଫ୍ଟ ଭଳି ପ୍ରମୁଖ ଡିଜିଟାଲ ସର୍ଚ୍ଚ ଇଞ୍ଜିନରେ ମଧ୍ୟ ଉପଲବ୍ଧ କରାଯିବ । ଏହି ଡିଜିଟାଲ ଜ୍ଞାନ କୋଷରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ, ସଂସ୍କୃତି, ପ୍ରଶାସନିକ ନିୟମାବଳୀ, ଜଗନ୍ନାଥ ଚେତନା, ପାରମ୍ପରିକ ଚିକିତ୍ସା, କୃଷି, ମତ୍ସ୍ୟପାଳନ, ବିଜ୍ଞାନ ଓ ଇତିହାସ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟର ବିବରଣୀ ସ୍ଥାନିତ ହେବ । ଜିଲ୍ଲାର ପ୍ରତ୍ୟେକ ବିଭାଗ ଏଥିପାଇଁ ସଠିକ ଓ ପ୍ରାମାଣିକ ତଥ୍ୟ ପ୍ରଦାନ କରିବାକୁ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଭୁତି ଭୂଷଣ ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଉଦ୍ୟାନ କୃଷିର ଉପ ନିର୍ଦ୍ଦେଶକ ସ୍ମିତା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜର ସୂଚିନ୍ତିତ ମତ ପ୍ରଦାନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନଳିନୀକାନ୍ତ ସାହୁ ଏହି ବୈଠକକୁ ପରିଚାଳନା କରିଥିଲେ ।

# ପରିଶ୍ରମ ହିଁ ସଫଳତାର ଚାବିକାଠି: ନୂଆପଡ଼ାରେ ଉଦ୍ୟୋଗ ପାଇଁ ରହିଛି ଅପାର ସମ୍ଭାବନା : ଜିଲ୍ଲାପାଳ

ନୂଆପଡ଼ା, ୩/୦୬ (ନି.ପ୍ର): ମଣିଷର ପରିଶ୍ରମ ହିଁ ତାକୁ ପ୍ରତିଷ୍ଠିତ କରିଥାଏ। ସଫଳତା ପାଇଁ କୌଣସି ସର୍ଟକଟ୍ ନାହିଁ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି। ଜିଲ୍ଲା ଶିଳ୍ପ କେନ୍ଦ୍ର, ନୂଆପଡ଼ା ପକ୍ଷରୁ ସଭାବନା ସଭାଗୃହଠାରେ ଆୟୋଜିତ ଏମ୍ଏସ୍ଏମ୍ଇ କ୍ଷେତ୍ର ଅଧୀନ "ଉଦ୍ୟୋଗୀ ସଚେତନତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ"ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ ନୂଆପଡ଼ା ଜିଲ୍ଲାରେ କୃଷି, ପ୍ରକ୍ରିୟାକରଣ, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ପାଇଁ ଅପାର ସମ୍ଭାବନା ରହିଛି। ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନେ ବିଭିନ୍ନ ସରକାରୀ ବିଭାଗ ସହ ଯୋଗାଯୋଗ କରି ସରକାରଙ୍କ ଉଦ୍ୟୋଗ ପ୍ରୋତ୍ସାହନ ଯୋଜନାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହ ନିଜକୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଉଚିତ। କାର୍ଯ୍ୟକ୍ରମରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ଏବଂ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟୋଗ ମାଧ୍ୟମରେ ରୋଜଗାର ସୃଷ୍ଟି ଓ ଆର୍ଥିକ ସଶକ୍ତିକରଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସମୀର ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରକଳ୍ପ ପରିଚାଳକ ପ୍ରଜ୍ଞା କୁମାର ମିଶ୍ର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏମ୍ଏସ୍ଏମ୍ଇ ବିଭାଗର ବିଭିନ୍ନ ଯୋଜନା, ନୀତି ଏବଂ ସରକାରୀ ସହାୟତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ଉଦ୍ୟୋଗ ବିକାଶ ଏବଂ ସ୍ୱରୋଜଗାରର ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍ୟୋଗୀ ଓ ଯୁବକ ଯୁବତୀମାନେ ନିଜ ଅନୁଭୂତି ଏବଂ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାର ଦଶ ଜଣ ସଫଳ ଏବଂ ଉଦୀୟମାନ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ଓ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟିରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଉଦ୍ୟୋଗୀମାନଙ୍କ ମଧ୍ୟରେ ଭାରତୀ ବାଇ ବାଗ, ମମତା ଖମାରୀ, ସରିତା ସିଂହ, ରାଜ ସାହୁ, ଅମରେନ୍ଦ୍ର ମହାନ୍ତି, ଅର୍ଜୁନ ସିଂହ ଦଳପତି, କୃଷ୍ଣ ଚନ୍ଦ୍ର ମେହେର, ବିନୟ ଜୈନ, ବିଶେଷ ଅଗ୍ରୱାଲ ଏବଂ ଭୂପେନ୍ଦ୍ର ସାହୁ ପ୍ରମୁଖ ରହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଆଶାୟୀ ଯୁବକ ଯୁବତୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା

ଜୟପୁର, ୩/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଏବଂ ଉପଖଣ୍ଡ ମାନ୍ୟତା ଦାବୀ ନେଇ ଶାନ୍ତିପୂର୍ଣ୍ଣ ଧାରଣା ଦେଲେ ଅଂଚଳବାସୀ । ବୈପାରୀଗୁଡା ସୁରକ୍ଷା ମଂଚ ପକ୍ଷରୁ ମେଡିକାଲ ସାମ୍ନାରେ ଆଜି ୨-୦୬-୨୬ ରିଖ ସକାଳ ୯ ଠାରୁ ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣ ଧାରଣାରେ ଦିଆଯାଇଛି । ସୂଚନା ଥାଉକି, ବୈପାରୀଗୁଡା ଗୋଷ୍ଠୀ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି । ବୈପାରୀଗୁଡା ବ୍ଲକ ସଦରମହକୁମା ସ୍ଥିତି ମୁଖ୍ୟ ଛକ ତଥା ରାଂଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ମେଡିକାଲ ଅବସ୍ଥିତି ଅଛି

# ପୁରୀ ରଥଯାତ୍ରା ଉପଲକ୍ଷେ ଅଗ୍ନିଶମ ବିଭାଗର ଡିଜିଙ୍କ ସମୀକ୍ଷା

ପୁରୀ, ୩/୦୬ (ନି.ପ୍ର): ଜିଲ୍ଲାପାଳଙ୍କ ସର୍କିଟ ହାଉସ୍ ଠାରେ ଅଗ୍ନିଶମ ବିଭାଗର ଡି.ଜି ସୁଧାଂଶୁ ଷଡଙ୍ଗୀ ରଥଯାତ୍ରା ୨୦୨୬ପାଇଁ ଫାୟାର ପ୍ରୋଟେକ୍ସନ ଓ ରେସକ୍ୟୁ ଉପରେ ସମୀକ୍ଷା କରିଥିଲେ । ପ୍ରଥମେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଡି.ଜି.ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ରଥଯାତ୍ରା ପାଇଁ ଭକ୍ତଙ୍କର ସମାଗମ ପାଇଁ ଏକ ଟିମ୍ ଗଠନ କରିଛନ୍ତି । ସେଥିରେ ଅଛନ୍ତି ମ୍ୟୁନିସିପାଲିଟି କମିସନର୍ ଓ ମେଡିକାଲଟିମ୍, ପୋଲିସ୍, ଫାୟାର ଟିମ୍ । ପ୍ରଥମେ କର୍ଡନ ଭିତରେ ଓ ବାହାରେ କୌଣସି ଲୋକ ନ ପସିପାରିବେ ସେ ବ୍ୟବସ୍ଥା ହେବ । ସେମାନଙ୍କ ଟିମ୍ କଡନ ଭିତରେ ରହିବେ । କୌଣସି ଛୋଟପିଲା ବା ବୃଦ୍ଧାଲୋକ ଯଦି ସଂଜ୍ଞାହୀନ ହୋଇପଡନ୍ତି ପ୍ରଥମେ ଫାୟାର ବ୍ରିଗ୍ରେଡ୍ ମାନେ ଷ୍ଟ୍ରେଚରରେ ତାଙ୍କୁ ନେଇ ପ୍ରଥମେ ଅକ୍ସିଜେନ ଦେଇ ଡାକ୍ତରଖାନା ପର୍ଯ୍ୟନ୍ତ ପହଂଚାଇବେ । ଏଣୁ ସେଥିପାଇଁ କର୍ଡନ ବାହାରପାର୍ଶ୍ୱ ଓ ଭିତର ପାର୍ଶ୍ୱରେ ସମସ୍ତେ ପ୍ରୋଟେକ୍ସନ ପାଇଁ ଆଲର୍ଟ ହୋଇ ରହିବେ । ଦ୍ୱିତୀୟରେ ପ୍ରାଇଭେଟ୍ ଏନଜିଓ ବା ଇଣ୍ଡଷ୍ଟ୍ରି ମାନେ ରଥରେ ଖାଦ୍ୟ ଓ ପାନୀୟ ନ ବାଂଟିବେ ସେଥିପ୍ରତି ସତର୍କ ଦୃଷ୍ଟି ଦିଆଯିବ । କେବଳ ସରକାରୀ ଭାବରେ କୌଣସି ଏନଜିଓ ବା ଖାଦ୍ୟ ପାନୀୟ ଯୋଗାଣ ସଂସ୍ଥା ଯୋଗାଇପାରିବେ । ତୃତୀୟରେ ପ୍ରତ୍ୟେକ ଛକରେ ଓ ଯେଉଁଠି ଜଳଗହଳି ହୋଇଥିବ ସେଠାରେ ରେସକ୍ୟୁ ଟିମ୍ ରହିବେ । ଚତୁର୍ଥରେ ପୁରୀରେ ଲଜ୍ ଓ ହୋଟେଲ ପ୍ରାୟ ୧୮୦୦ ଥିବାର ନଜରରେ ଆସିଛି । ସେଥିମଧ୍ୟରୁ ୩୦ ରୁ ୪୦ ଜଣ ଫାୟାର ସେଫ୍ଟି ଲାଇସେନ୍ସ କରିଛନ୍ତି । ଅନ୍ୟମାନେ କେହି କରିନାହାନ୍ତି । ଯଦି କୌଣସି ହୋଟେଲ୍ ବା ଲଜ୍ ରେ ଅଗ୍ନିକାଣ୍ଡ ଘଟେ ସେଥିରେ ମଣିଷ ଜୀବନ ଓ ଧନହାନୀ କ୍ଷତିହୁଏ । ସେଥିପାଇଁ ଆଜିଠାରୁ ପୋଲିସ୍ ଏସ୍.ପି.ଙ୍କୁ ରେଡ୍ କରିବା ପାଇଁ ହୋଟେଲ ଓ ଲଜ୍ ରେଡ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେଥିପାଇଁ ଆଗୁଆ ଅତିରିକ୍ତ ଜିଲ୍ଲାପାଳଙ୍କୁ ନୋଟିସ୍ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତି ଶୃଙ୍ଖଳା ସହ ରଥଯାତ୍ରା ଯେପରି ଭଲରେ କଟିବ କୌଣସି ପ୍ରାକୃତିକ ବିପର୍ଯ୍ୟସ୍ତ ନହୁଏ ସେଥିପାଇଁ ମୁକାବିଲା କରିବା ପାଇଁ ସେ ସମସ୍ତ ଅଗ୍ନିଶମ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ ବୈଠକରେ ମ୍ୟୁନିସିପାଲଟି କମିଶନର ଅରୁଗୁଳା ସ୍ନେହା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶରତଚନ୍ଦ୍ର ମହାପାତ୍ର, ସି.ଡି.ଏମ୍ ଓ ଅକ୍ଷୟ କୁମାର ଶତପଥି , ମୁଖ୍ୟ ଅଗ୍ନିଶମ ଅଧିକାର( ଏସ୍.ଏ. ଜି) ଦେବେନ୍ଦ୍ର କୁମାର ସ୍ୱାଇଁ, ଚିଫ୍ ଫାୟାର ଅଫିସର ଓଡ଼ିଶା ରମେଶଚନ୍ଦ୍ର ମାଝି, ଫାୟାର ଅଫିସର ସେଣ୍ଟ୍ରାଲ ରେଞ୍ଜ ତିଲୋକ କୁମାର ବାବୁ, ଡେପୁଟି ଫାୟାର ଅଫିସର ସନ୍ତୋଷ ପାଣିଗ୍ରାହୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଡେପୁଟି କଲେକ୍ଟର ଅନୁଶ୍ରବା ଗନ୍ତାୟତ, ଅତିରିକ୍ତ ଏସପି - ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍.ପି ଡିଆଇବି - ସ୍ମୃତିରଞ୍ଜନ ମଲ୍ଲିକ, ଫାୟାରଷ୍ଟେସନ ଅଫିସର – ଜିଜ୍ଞାସା ବେହେରା, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଘରୋଇ ଗ୍ୟାସ୍‌ରେ ଚାଲିଛି ବ୍ୟବସାୟିକ ପ୍ରତିଷ୍ଠାନ

ଜୟପୁର, ୩/୦୬ (ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଯୋଗୁଁ ତୈଳ ଓ ଗ୍ୟାସ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଥିବା ବେଳେ କୋରାପୁଟ ଜିଲାରେ କିଛିଦିନ ଧରି ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ଦେଖାଯାଇଥିଲା । ତେବେ ବର୍ତମାନ ଗ୍ୟାସ ଯୋଗାଣ ସ୍ୱାଭାବିକ ହୋଇଥିବା ସତ୍ତ୍ୱେ ଉପଭୋକ୍ତା ସମୟ ମଧ୍ୟରେ ଗ୍ୟାସ ପାଇ ପାରୁନଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ପରିବହନ ବ୍ୟାଘାତକୁ ଆଳ କରି କିଛି ଗ୍ୟାସ ଏଜେନ୍ସି କୃତ୍ରିମ ଅଭାବ ସୃଷ୍ଟି କରି କଳା ବଜାରୀରେ ଲିପ୍ତ ରହିଥିବା ଅଭିଯୋଗ ହୋଇଛି । କଳା ବଜାରୀରେ କିଛି ଦଲାଲ ସମ୍ପୃକ୍ତି ନେଇ ମଧ୍ୟ ଅଭିଯୋଗ ହେଉଛି । ଘରୋଇ ରନ୍ଧନ ଗ୍ୟାସ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର ହେଉଥିବାରୁ ସାଧାରଣ ଉପଭୋକ୍ତା ହଇରାଣ ହେଉଛନ୍ତି । ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉଜ୍ଜ୍ୱଳା ଯୋଜନାର ଉଦ୍ଦେଶ୍ୟ ଥିଲା ମହିଳାଙ୍କୁ ଚୁଲି ଧୂଆଁରୁ ମୁକ୍ତି ଦେବା। କିନ୍ତୁ ବର୍ତମାନ ଏହି ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହୃତ ହେଉଥିବାରୁ ଘରୋଇ ଉପଭୋକ୍ତା ନିୟମିତ ଯୋଗାଣ ପାଉନାହାନ୍ତି । ନିୟମ ଅନୁସାରେ ଗ୍ୟାସ ବୁକିଂର ୭୨ ଘଂଟା ମଧ୍ୟରେ ଉପଭୋକ୍ତାଙ୍କ ନିକଟରେ ସିଲିଣ୍ଡର ପହଂଚିବା କଥା କିନ୍ତୁ କୋରାପୁଟ ଜିଲା ଜୟପୁର, ସେମିଳିଗୁଡା, କୋରାପୁଟ ସହରରେ ଅନେକ ଉପଭୋକ୍ତାଙ୍କୁ ବୁକିଂର ୮ ଦିନ ପରେ ମଧ୍ୟ ଗ୍ୟାସ ମିଳୁନଥିବା ଅଭିଯୋଗ ହୋଇଛି । ଉପଭୋକ୍ତାଙ୍କ ସଚେତନତା ଅଭାବର ସୁଯୋଗ ନେଇ ଅନିୟମିତତା କରୁଥିବା ଅଭିଯୋଗ ହେଉଛି । ଜିଲାର କେତେକ ସହରରେ ବେଆଇନ ଗ୍ୟାସ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି । କିଛି ଦଲାଲ ଘରୋଇ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ସେହି ସିଲିଣ୍ଡରକୁ ପ୍ରାୟ ୩ ହଜାର ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି । ଜିଲା ଯୋଗାଣ ବିଭାଗ ପକ୍ଷରୁ ହେଉଥିବା ଚଢ଼ଉ କେବଳ ଲୋକଦେଖାଣିଆ ବୋଲି ସାଧାରଣରେ ଅଭିଯୋଗ ହେଉଛି । ଗ୍ୟାସ ଯୋଗାଣ ଧୀରେ ଧୀରେ ସ୍ୱାଭାବିକ ହେଉଥିବା ବେଳେ ଆଗାମୀ କିଛି ଦିନ ମଧ୍ୟରେ ବୁକିଂର ୭୨ ଘଂଟା ମଧ୍ୟରେ ଉପଭୋକ୍ତାଙ୍କୁ ଗ୍ୟାସ ମିଳିବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ସତ୍ୟପ୍ରିୟ ସାମଲ ଜିଲ୍ଲା କଂଗ୍ରେସ ସଙ୍ଗଠନ ଉପସଭାପତି

କେନ୍ଦ୍ରାପଡ଼ା, ୩/୦୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ଉପସଭାପତି ଭାବରେ ସତ୍ୟପ୍ରିୟ ସାମଲଙ୍କୁ ଜିଲ୍ଲା ସଭାପତି ଦେବସ୍ମିତା ଶର୍ମା ଦାୟିତ୍ୱ ଦେଇଛନ୍ତି। ସେଥିପାଇଁ ଶ୍ରୀ ସାମଲ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟିର ସଂଗଠିନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା, ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ ଓ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଡଃ ଦେବସ୍ମିତା ଶର୍ମାଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଦେଇଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସଙ୍ଗୀତ ଏକାଡ଼େମୀ ନାଦନିକୁଞ୍ଜ, ବଲାଙ୍ଗିର ଦ୍ୱାରା ମାସିକ ସଙ୍ଗୀତ ଆସର ଅନୁଷ୍ଠିତ

ବଲାଙ୍ଗିର, ୩/୦୬ (ନି.ପ୍ର): ଗତ ରବିବାର ସନ୍ଧ୍ୟା ରେ ପ୍ରତି ମାସ ଭଳି ଏ ମାସ ମଧ୍ୟ ସଙ୍ଗୀତ ଆସର କାର୍ଯ୍ୟକ୍ରମ ଅନୁଷ୍ଠାନ ପ୍ରାଙ୍ଗଣ ରେ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ମାନେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ସରସ୍ୱତୀଙ୍କ ବନ୍ଦନା ପରେ କଣ୍ଠ ସଙ୍ଗୀତ ରେ ସୁଶ୍ରୀ ଅର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ ରାଗ ରାଗେଶ୍ରୀ, ରୁଦ୍ରାଣୀ ପ୍ରିୟଦର୍ଶିନୀ ସାହୁ ରାଗ ବିଲାବଲ, ଦିବ୍ୟଶି ମହାନ୍ତି ରାଗ ୟମନ୍, ତ୍ରିଶା ରଥ ଓ ଅଂଶିକା ଗୁରୁ ଦ୍ୱୈତ କଣ୍ଠରେ ରାଗ ଭୀମ ପଲାସୀ ଓ ଶ୍ରୀ ଆର୍ଯ୍ୟମାନ ସିଂ ଦେଓ ଦେଶ ରାଗ ପରିବେଷଣ କରିଥିଲେ, ସେହିପରି ଓଡ଼ିଶୀ ନୃତ୍ୟରେ ଆରୁଷି ପାତ୍ର, ଦିବ୍ୟାଶା ଭୋଇ, ଆରାଧ୍ୟତା ପଧାନ ଓ ଅଭିଶ୍ରୀ ଭୋଇ ମଙ୍ଗଳା ଚରଣ, ପ୍ରଜ୍ଞା ମହାନ୍ତି ବଟୁ, ଏକାଂଶି ପଣ୍ଡା ଶିବ ତାଣ୍ଡବ ଓ ସ୍ୱରଞ୍ଜିକା ମେହେର ବିହୁ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ଅଭିଭାବକ ଅଭଭାବିକା ଓ ଅନେକ ଗନ୍ୟ ମାନ୍ୟ ବ୍ୟକ୍ତି ରହି ଉପଭୋଗ କରିଥିଲେ। କର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡି. ଶଙ୍କର୍ ନାରାୟଣ ମୂର୍ତି, ଡ. ରେଶ୍ମା ରାଣୀ ଦାଶ, ଗୁରୁଶ୍ରୀ ଶୁଭ୍ରାଂଶୁ ଶେଖର ମିଶ୍ର ଓ ପ୍ରଭଞ୍ଜନ ରାୟଗୁରୁ ଓ ଅନୁଷ୍ଠାନ ର ଅନେକ ଛାତ୍ର ଛାତ୍ରୀ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅନୁଷ୍ଠାନ ର କୁନି ଶିକ୍ଷୀ ସୁଶ୍ରୀ ଦେବାଂଶି କେଡିଆ ।

# ବିଶ୍ୱ ମଂଚରେ ଇଫ୍‌କୋର ଶ୍ରେଷ୍ଠତା ପ୍ରମାଣିତ

## ଭାରତ ଆମେରିକା କୃଷି ସହଯୋଗକୁ ମିଳିଲା ନୂଆ ଦିଶା

## ଭାରତ ଆମେରିକା କୃଷି ସହଯୋଗ ବୈଠକରେ ଇଫ୍‌କୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ଉପସ୍ଥାପନା



ପାରାଦୀପ, ୦୩/୬ (ନି.ପ୍ର): ଭାରତର କୃଷି ଓ କୃଷକମାନଙ୍କ ବିକାଶ କ୍ଷେତ୍ରରେ ଇଫକୋର ଅବଦାନ ଅତୁଳନୀୟ । ଭାରତ-ଆମେରିକା କୃଷି ସହଯୋଗ ମଂଚରେ ଇଫକୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ହୋଇଥିବା ଅଲୋଚନା ଚକ୍ରରେ କୃଷିକ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗର ନୂଆ ମାର୍ଗ ଖୋଲିଥିବା ନେଇ ଶ୍ରୀ ସଂଘାଣୀ ସୂଚନା ଦେଇଥିଲେ । ଅନେକ ଘାତ ପ୍ରତିଘାତ ମଧ୍ୟରେ ନବାଚାର ଆଧାରିତ କୃଷି ନୀତି, କୃଷକମାନଙ୍କ ବିକାଶ, ଖାଦ୍ୟ ସୁରକ୍ଷା ତଥା କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ଦୁଇ ଦେଶ ମଧ୍ୟରେ ଏକତ୍ୱ ଭାବର ଆବଶ୍ୟକତା ଥିବା ଶ୍ରୀ ସଂଘାଣୀ କହିଛନ୍ତି । ଆମେରିକାର ପ୍ରତିଷ୍ଠିତ ଉଦ୍ୟୋଗ ଏବଂ ବାଣିଜ୍ୟ ସଂଗଠନ ୟୁଏସଆବିସି ଦ୍ୱାରା ଆୟୋଜିତ ଏହି ମଂଚରେ ସମଗ୍ର ଭାରତବର୍ଷରେ କୃଷକମାନଙ୍କ ହିତ ପାଇଁ ଇଫକୋର ଆର୍ନ୍ତଜାତୀୟ ପ୍ରତିଷ୍ଠାତା ଦଲୀପ ସଂଘାନୀଙ୍କ ନେତୃତ୍ୱରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ବୋଲି ପ୍ରମାଣ ମିଳିଲା । ଏହି ବୈଠକରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଉନ୍ନତ କୃଷି ପ୍ରଣାଳୀର ଉପଯୋଗ, ମୃର୍ତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷଣରେ ବିକାଶ, କୃଷକମାନଙ୍କୁ ନୂତନ କୃଷି ପ୍ରଣାଳୀ ପ୍ରଦାନରେ ସହାୟତା, ନବାଚାର ଆଧାରିତ ସମାଧାନ ବିକଶିତ କରିବା ତଥା ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ମଜଭୁତ୍ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ଦୁଇ ଦେଶର କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ପ୍ରତିନିଧିମାନେ ଏହି କ୍ଷେତ୍ରରେ ସହମତି ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ର ପରେ ଭାରତ ଓ ଆମେରିକା ମଧ୍ୟରେ କୃଷି କ୍ଷେତ୍ରରେ ସହଭାଗିତା ସୃଷ୍ଟିର ଦ୍ୱାର ଖୋଲିବ ଏବଂ କୃଷିକ୍ଷେତ୍ରରେ ଏକ ଦୀର୍ଘକାଳୀନ ଲାଭ ହେବା ନେଇ ଆଶା ସୃଷ୍ଟି ହୋଇଛି । ଇଫକୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ସମଗ୍ର ବିଶ୍ୱରେ ଭାରତ-ଆମେରିକା ମିଳିତ ଭାବେ କୃଷିର ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଯାହାକି ଦେଶର ସମବାୟଭିତିକ କୃଷି ବିକାଶକୁ ଆର୍ନ୍ତଜାତୀୟସ୍ତରରେ ନୂତନ ପରିଚୟ ସୃଷ୍ଟି କରିବା ସହିତ କୃଷକମାନଙ୍କ ଉତ୍ପାଦନ ଓ କୃଷି ସୁରକ୍ଷାକୁ ସୁଦୃଢ଼ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି ।

# ବିଜୁଙ୍କ ଆଦର୍ଶରେ ଥିବା ବ୍ୟକ୍ତି ଦଳ ଛାଡ଼ିବେ ନାହିଁ- ବିଜେଡି

ଭୁବନେଶ୍ୱର, ୦୩/୬ (ନି.ପ୍ର): ନେତା ଦଳ ଛାଡିବା ପ୍ରସଙ୍ଗରେ ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ବିଜେପି ସାଂସଦଙ୍କ ଏହା ବୃଥା ଆସ୍ଫାଳନ। କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ଆଞ୍ଚଳିକ ଦଳକୁ ଦୁର୍ବଳ କରିବାକୁ ଲାଗିଛି ବିଜେପି। ଅନେକ ରାଜ୍ୟରେ ସେମାନେ ସଫଳ ବି ହୋଇଛନ୍ତି। ଓଡ଼ିଶାରେ ସେମାନେ ଚେଷ୍ଟା କରିଛନ୍ତି କିନ୍ତୁ ସଫଳ ହୋଇପାରିନାହାନ୍ତି। ସେଥିପାଇଁ ମିଛ ପ୍ରଚାର କରୁଛନ୍ତି। ନବୀନ ବାବୁଙ୍କ ନାଁ ରେ କହୁଛନ୍ତି। କେବଳ କ୍ଷମତା ଓ ଲାଭ ରଖି କିଛି ଯାଇଛନ୍ତି। ବିଜୁଙ୍କ ଆଦର୍ଶରେ ଥିବା ବ୍ୟକ୍ତି ଦଳ ଛାଡ଼ିବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ ...

ଦୁଇଟି ପ୍ୟାକେଜ୍‌ରେ ନିର୍ମାଣ ହେବାକୁ ଥିବା ଏହି ସଡ଼କପଥର ମୋଟ ଦୈର୍ଘ୍ୟ ୧୬୦.୧୮ କିଲୋମିଟର ରହିବ। ଏଥିରେ ମୋଟ ୮୩୦୦.୭୯ କୋଟି ଟଙ୍କା ବ୍ୟୟ ହେବ। ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମିର ୪-ଥାକିଆ ବିଶିଷ୍ଟ ରାସ୍ତା ପାଇଁ ମୋଟ୍ ୫୩୦୪.୮୦ କୋଟି ଟଙ୍କା ଓ ୮୦.୭୮ କିମି ବିଶିଷ୍ଟ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଥାକିଆ ବିଶିଷ୍ଟ ରାସ୍ତା ପାଇଁ ୨୯୯୫.୯୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ୧୭.୫ ବର୍ଷର ରିହାତି ଅବଧି ପ୍ରଦାନ କରାଯିବ। ଏହି ପ୍ରକଳ୍ପକୁ ଓଡ଼ିଶା ଭିତ୍ତିଭୂମି ବିକାଶରେ ନୂଆ ଅଧ୍ୟାୟର ଆରମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟରେ ସଡ଼କ ସଂଯୋଗକୁ ସୁଦୃଢ଼ କରିବ, ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ, ଲଜିଷ୍ଟିକ୍ସ ଓ ଅର୍ଥନୈତିକ ପ୍ରଗତି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସେ ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସହାୟତା ଓ ରାଜ୍ୟର ପ୍ରଗତି ନିମନ୍ତେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ ଏହି ପ୍ରକଳ୍ପ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂପୁର ଜିଲ୍ଲା ଦେଇ ଗତି କରିବ। ଏନ୍‌ଏଚ୍-୧୬ର ଅଂଶ ଭାବେ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ଦେଇ ପୂର୍ବରୁ ୬-ଲେନ୍ ବିଶିଷ୍ଟ ରାଜପଥ ରହିଛି। ଭୁବନେଶ୍ୱରକୁ ପୁରୀ ସହ ଯୋଡୁଥିବା ଏନ୍‌ଏଚ୍-୩୧୬ ସାତପଡ଼ା ଓ କୋଣାର୍କ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ପୂର୍ବରୁ ପୁରୀରୁ କୋଣାର୍କ ଏବଂ ପୁରୀରୁ ସାତପଡ଼ାକୁ ଥିବା ରାସ୍ତାର ଜ୍ୟାମିତିକ ଡିଜାଇନ ଅତ୍ୟନ୍ତ ଦୁର୍ବଳ ରହିଛି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ସେଥିରେ ବ୍ୟାପକ ସୁଧାର ଘଟିବ। ଏହି ପ୍ରକଳ୍ପର ପ୍ରଥମ ପ୍ୟାକେଜ୍‌ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଥାକିଆ ଏବଂ ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ପେଭ୍‌ଡ ସୋଲଡର ସହ ୨ ଥାକିଆ ବିଶିଷ୍ଟ ରାସ୍ତା ତିଆରି ହେବ। ଏହାଦ୍ୱାରା ଗାଡ଼ିର ଗତି ଘଣ୍ଟାପ୍ରତି ୧୦୦ କିଲୋମିଟର ସୁନିଶ୍ଚିତ ହେବ ଏବଂ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂପୁର ଜିଲ୍ଲାରେ ଗମନାଗମନ ଦକ୍ଷତା ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଆଞ୍ଚଳିକ ଗମାନଗମନକୁ ବୃଦ୍ଧି କରିବ ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହେବା ପରେ ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବାର ଆଶା କରାଯାଉଛି। ଯାତ୍ରୀ ଏବଂ ମାଲ ପରିବହନ ପାଇଁ ନିରାପଦ, ଦ୍ରୁତ ଏବଂ ନିରବଚ୍ଛିନ୍ନ ସଂଯୋଗୀକରଣ ପ୍ରଦାନ କରାଯିବ। ଏହା ସହିତ ଏହି ପ୍ରକଳ୍ପ ଇନ୍ଧନ ବ୍ୟବହାର, କାର୍ବନ ନିର୍ଗମନ ଏବଂ ଯାନବାହନ ପରିଚାଳନା ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଆଣିବ।

## ୮ ତାରିଖରେ ଇଣ୍ଡିଆ ...

କରୁଥିବା ବିଜେଡିର ଦିଲ୍ଲୀରେ ଆଭିମୁଖ୍ୟ କ'ଣ ରହିବ ? ଏ ପ୍ରଶ୍ନ ଏଥିପାଇଁ, କାରଣ ଗତ ମାର୍ଚ୍ଚ ଓ ଏପ୍ରିଲ ମାସର ରାଜନୈତିକ ଘଟଣାକ୍ରମ ବିଜେଡି ଓ ଇଣ୍ଡିଆ ମେଣ୍ଟ ମଧ୍ୟରେ ସମ୍ପର୍କ ଦୃଢ ହେଉଥିବାର ସଂକେତ ଦେଉଥିଲା। ମାର୍ଚ୍ଚରେ ରାଜ୍ୟସଭା ନିର୍ବାଚନରେ ବିଜେପିକୁ ଚେକ୍ ଦେବାକୁ ହାତ ମିଳାଇଥିଲେ ଭକ୍ତ ଓ ନବୀନ। ଏପ୍ରିଲରେ ମହିଳା ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍ ବିରୋଧରେ ଇଣ୍ଡିଆ ମେଣ୍ଟ ବୈଠକରେ ସାମିଲ ହୋଇଥିଲେ ଏବେର ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ଏବେ ସଂଯୋଗ ଦେଖନ୍ତୁ, ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ବୈଠକ ବେଳେ ଦିଲ୍ଲୀରେ ଅଛନ୍ତି ବିଜେଡି ମୁଖିଆ ନବୀନ ପଟ୍ଟନାୟକ। ତେଣୁ ଇଣ୍ଡିଆ ମେଣ୍ଟ ବୈଠକରେ ବିଜେଡି ସାମିଲ ହେବ ନା ସମଦୂରତା କାର୍ଡ ଖେଳିବ ତାହା ବଡ ପ୍ରଶ୍ନ। ପଶ୍ଚିମବଙ୍ଗରେ ପରାଜୟର ଠୋକର ଖାଇବା ପରେ ମମତା ପୁଣିଥରେ ଇଣ୍ଡିଆ ମେଣ୍ଟ ମୁହାଁ ହୋଇଛନ୍ତି। ଟିଭିକେ ସହ କଂଗ୍ରେସ ମେଣ୍ଟ କରିଥିବାରୁ ଡିଏମ୍‌କେ ଏହି ବୈଠକରୁ ଦୂରେଇ ରହିପାରେ। ସାଧାରଣ ନିର୍ବାଚନ ପରେ ଆପ୍ ମେଣ୍ଟରୁ ନିଜକୁ ଦୂରେଇଛି। ଏଭଳିସ୍ଥିତିରେ ବିଜେଡି ଭଳି ବିରୋଧୀଙ୍କୁ ସାଥୀରେ ନେବାକୁ ମେଣ୍ଟ ନେତା ଚେଷ୍ଟା ଚଳାଇଥିବା ଚର୍ଚ୍ଚା ହେଉଛି। ହେଲେ ବିଜେଡିର ଆଭିମୁଖ୍ୟ ଏବେ ବି ଅସ୍ପଷ୍ଟ। ନବୀନ ଏପଟସେପଟ ନହୋଇ ମୋଦିଙ୍କ ସହ ରୁହନ୍ତୁ। କିଛିଦିନ ତଳେ ଏଭଳି କହି ରାଜନୈତିକ ଚର୍ଚ୍ଚା ବଢାଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଭଳିସ୍ଥିତିରେ ନବୀନଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି ସବୁ ଦଳର ନଜର।

## ସୌମ୍ୟ ହତ୍ୟା ଘଟଣାରେ...

ଶବ ବ୍ୟବଚ୍ଛେଦ କରିଥିବା କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀଧର ବେହେରା ହାଜର ହୋଇଛନ୍ତି । ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ ଗୋପୀ, ପୂର୍ବତନ ବାଲିଅନ୍ତା ଥାନା ଆଇଆଇସି ଓ ଅଭିଯୋଗକାରୀ ଯୁବତୀ ହାଜର ହୋଇଛନ୍ତି । ଆମ୍ବୁଲାନ୍ସ ଡ୍ରାଇଭର ବି ହାଜର ହୋଇଛନ୍ତି ।

## ଦିଲ୍ଲୀ ମାଲବ୍ୟନଗର ...

ଅଗ୍ନିକାଣ୍ଡ ଘଟିଥିବା ଏହି ହୋଟେଲ ଟି ଦିଲ୍ଲୀର ପ୍ରେସ୍ ଏନକ୍ଲେଭ ରୋଡରେ ଅଛି । ପାଖରେ ଏମ୍ସ ସହ କିଛି ଘରୋଇ ହସ୍ପିଟାଲ ମଧ୍ୟ ରହିଛି । କୁହାଯାଉଛି ଏହି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କୀୟ ମାନେ ହୋଟେଲରେ ରହୁଥିଲେ । ହୋଟେଲ ପାଖରେ ୬ଟି ରୁମ୍ ପାଇଁ ଅନୁମତି ଥିବା ବେଳେ ବେଆଇନ ଭାବେ ୨୫ ଟି ରୁମ୍ ତିଆରି କରିଥିଲେ ମାଲିକ । ନିଆଁ ଲାଗିବା ପରେ ହୋଟେଲର ବେସ୍ ମେଣ୍ଟ ଅନେକ ଲୋକ ଫସିଥିଲେ । ଯେଉଁଠାକୁ ଯିବା ଆସିବା ପାଇଁ ଗୋଟିଏ ମାତ୍ର ସଂକ୍ରିର୍ଣ୍ଣ ରାସ୍ତା ଥିଲା । ଫଳରେ ଉଦ୍ଧାର କାର୍ଯ୍ୟ ମଧ୍ୟ ବହୁ କଷ୍ଟକର ଥିଲା । ଫାୟାର ସେଫଟି ପାଇଁ ମଧ୍ୟ ହୋଟେଲ ପାଖରେ କୌଣସି ବ୍ୟବସ୍ଥା ନଥିଲା । ଦିଲ୍ଲୀ ଟ୍ରାଜେଡିକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

## ଦୁଇଫାଳ ହୋଇଗଲା ...

ଅପରାହ୍ଣ ୪ଟାରେ ଋତବ୍ରତଙ୍କୁ ବିରୋଧୀ ଦଳ ନେତା ଭାବେ ଘୋଷଣା କରିଥିଲେ । ଏହାପରେ ସାମ୍ବାଦିକ ସମ୍ମିଳନୀ କରି ଋତବ୍ରତ ଅଭିଷେକଙ୍କ ଉପରେ ବର୍ଷିବା ସହ ମମତାଙ୍କୁ ଟିଏମସି ବିଧାୟକ ଦଳର ମୁଖ୍ୟ ଉପଦେଷ୍ଟା ହେବାକୁ ଚିଠି ଲେଖିବେ ବୋଲି କହିଛନ୍ତି । ସୂଚନା ଯୋଗ୍ୟ ଯେ, ନିର୍ବାଚନରେ ୮୦ ଟିଏମସି ବିଧାୟକ ଜିତିଥିବା ବେଳେ ଦୁଇ ତୃତୀୟାଂଶ ଋତବ୍ରତଙ୍କ ପାଖରେ ରହିଛି। ସେପଟେ ବାକି ୨୦ ବିଧାୟକ ମମତାଙ୍କୁ ଭେଟି ଆଲୋଚନା କରୁଥିବା ସୂଚନା ମିଳିଛି।

# ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା -୨୦୨୬ ବର୍ଷରେ କୃତିତ୍ୱ ଅର୍ଜନ କରିଥିବା ମୟୂରଭଞ୍ଜ ଜିଲ୍ଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା , ୦୩/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ୨୬ ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୬ ରେ କୃତିତ୍ୱ ଅର୍ଜନ କରିଥିବା କେ.ଜି.ବି.ଭି. ଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ତା ୦୩/୦୬/୨୦୨୬ ରିଖରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଦୁଃଖବନ୍ଧୁ ନାୟକ, ବାରିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶ୍ରୀ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଣ୍ଡୁଲିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ସିଂ, ଶ୍ରୀ ଶଶୀଧର ସିଂ, ଶ୍ରୀଯୁକ୍ତ ଗୌତମ ପାତ୍ର ଯୋଗ ଦେଇ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କେ.ଜି.ବି.ଭି. ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ, କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ । ନିଜ ଜୀବନରେ ଲକ୍ଷ ସ୍ଥିର କରିବା, ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରିରଖିବାକୁ ପଡିବ । ଅତିରିକ୍ତ ଜିଲ୍ଲାପାଳ ନିଜେ ଅଙ୍ଗେ ନିଭାଇଥିବା ବିଫଳତା ଓ ସଫଳତାର ମନ୍ତ୍ର ଛାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ । କୃତି ଛାତ୍ରୀମାନେ ନିଜ ଜୀବନର ଲକ୍ଷ କଣ ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ମହୋଦୟା ଛାତ୍ରୀମାନେ ଗୁରୁଜନ ମାନଙ୍କୁ, ପିତାମାତାଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ ଯାହାଙ୍କ ମାର୍ଗଦର୍ଶନରେ ନିଜ ଭବିଷ୍ୟତ ଗଢିବାକୁ ସ୍ୱପ୍ନ ଦେଖିଛନ୍ତି ତାଙ୍କୁ କେବେବି ନଭୁଲିବାକୁ ପରାମର୍ଶ ଦେଇଥିଲେ । ମୟୂରଭଞ୍ଜ ଜିଲ୍ଲାର, ଓଡ଼ିଶାର ତଥା ଦେଶର ସେବା କରିବା ନିମନ୍ତେ ନିଜକୁ ସାମିଲ କରିବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଭାରତର ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦି ମୁର୍ମୁଙ୍କ ଇଛାମୁତାବକ ପାଣ୍ଠିରୁ ୭୮ ଜଣ ଛାତ୍ରୀଙ୍କୁ (ପ୍ରତି କେ.ଜି.ବି.ଭି. ର ଦଶମ ବାର୍ଷିକ ପରୀକ୍ଷା-୨୦୨୬ ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ୩ ଜଣ ଛାତ୍ରୀଙ୍କୁ) ଟ.୧୦,୦୦୦/- (ଦଶ ହଜାର ଟଙ୍କା) ଲେଖାଏ ଅର୍ଥରାଶି ପ୍ରଦାନ କରାଗଲା । ଉକ୍ତ ଅର୍ଥରାଶି ଛାତ୍ରୀମାନେ ନିଜର ଉଚ୍ଚ ଶିକ୍ଷା ନିମନ୍ତେ ଖର୍ଚ୍ଚ କରିବେ । ମୋଟ ଟ. ୭,୮୦,୦୦୦.୦୦ ଟଙ୍କା ୭୮ଜଣ କେ.ଜି.ବି.ଭି. ଛାତ୍ରୀଙ୍କ ଜମାଖାତାକୁ ପ୍ରେରଣ କରାଗଲା । ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ମହୋଦୟ ଡମି ଚେକ୍ ମାଧ୍ୟମରେ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ଛାତ୍ରୀମାନଙ୍କ ଉତ୍ତରୋତ୍ତର କାମନା କରିବା ସହିତ ଭଲ ପାଠ ପଢିବା , ସୃଙ୍ଖଳିତ ଛାତ୍ରୀ ହେବା ସହିତ ଗୁଣବତୀ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀ ଶିଶିର ମୁଣ୍ଡୁଲିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ବିନୋଦ ସିଂ ଓ ଶ୍ରୀ ଶଶୀଧର ସିଂ ସମ୍ବର୍ଦ୍ଧନା ସଭାରେ ଛାତ୍ରୀଙ୍କୁ ନିଜନିଜର ଶୁଭ ବାର୍ତ୍ତା ଦେବା ସହିତ ଉତ୍ତରୋତ୍ତର କାମନା କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଜିଲ୍ଲାର ବାଳିକା ଶିକ୍ଷା ସଂଯୋଜକ ଶ୍ରୀ ପ୍ରଫୁଲ୍ଲ କୁମାର ବାରିକ ପରିଚାଳନା କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗୌତମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମୋଟ ୭୮ ଜଣ କେ.ଜି.ବି.ଭି. ଛାତ୍ରୀ, ୨୬ ଜଣ ପ୍ରଧାନଶିକ୍ଷକ ଓ ୱାର୍ଡେନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସମଗ୍ର ଶିକ୍ଷା, ମୟୂରଭଞ୍ଜ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

**AFFIDAVIT**

One original Title Deed bearing No. 5637 dated 20.08.2004 before R.O., Balasore, with respect to Plot No. 104, A. 0.54 dc., Khatian No. 90/26, Mouza: Tentulipura, P.S.: Balasore Sadar, P.S. No. 139, Dist: Balasore, executed in favour of Santanu Kumar Pani & Smt. Jharana Pani is lost."No equitable mortgage/charge with any Bank/Financial Institution is created by depositing the said original regd. Sale Deed as security."If any Individual/Bank/ Financial Institution is holding the said original Sale Deed, he is requested to inform State Bank of India, Balasore Branch (Mobile No. 8328956745) within seven (7) days from the date of this notice, as we have proposed to avail a loan against mortgage of Khatian No. 90/92, Plot No. 104/301, A. 0.10 dc., by depositing the certified copy of said Title Deed, through which the said property is purchased.Sri Santanu Kumar Pani, S/O: Harekrushna Pani, At: Town Hall, P.O.: Motiganj, P.S.: Town, Dist.: Balasore (Mobile No. 9437062916)

Santanu Kumar Pani

# ଜିଲ୍ଲା ବିଜେଡି ପକ୍ଷରୁ ଜୁନ ୫ ତାରିଖରେ ପ୍ରତିବାଦ ସଭା

ଖୋର୍ଦ୍ଧା, ୦୩/୬ (ନି.ପ୍ର): ରାଜ୍ୟରେ ପ୍ରତିଦିନ ହିଂସା ବୃଦ୍ଧି ପାଉଛି । ମହିଳା ଏବଂ ନାରୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ପେଟ୍ରୋଲ ଏବଂ ଡିଜେଲ ଅଭାବ ଦର୍ଶାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବସ୍ ଭଡ଼ା ବୃଦ୍ଧି ହୋଇଛି। ଏତଦ୍ ବ୍ୟତୀତ ରାଜ୍ୟ ରେ ଦୁଇ ବର୍ଷ କରି ଗଢା ଯାଇଥିବା ବିଜେପି ସରକାର ସବୁ କ୍ଷେତ୍ର ରେ ବିଫଳ ହୋଇଛି ବୋଲି ପ୍ରମୁଖ ବିରୋଧୀ ଦଳ ବିଜେଡି ଦଳ ପକ୍ଷ ରୁ ଅଭିଯୋଗ କରାଯାଇଚି। ରାଜ୍ୟ ବିଜେଡି ସଭାପତି ତଥା ବିରୋଧ ଦଳ ର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟ ରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ରେ ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି। ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର୍ ସାହୁ ଙ୍କ ନେତୃତ୍ୱ ରେ ଏକ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା ଆସନ୍ତା ଜୁନ୍ ମାସ ୫ତାରିଖ ରେ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବିଜେଡି ବରିଷ୍ଠ ଉପ ସଭାପତି ଦେବୀ ରଞ୍ଜନ ମିଶ୍ର, ପ୍ରତାପ କୁମାର ଜେନା, ରାଜ୍ୟ ସଭା ସାଂସଦ ମାନସ ମଙ୍ଗରାଜ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ବିଜେଡି ଛାତ୍ର ସଭାପତି ଇପିଶିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ,ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ବିଜେଡି ମହିଳା ନେତ୍ରୀ ପ୍ରମିଳା ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶୁଭ କାନ୍ତ ମହାପାତ୍ର , ଯୁବ ନେତା ଅମିୟ କୁମାର ମହାନ୍ତି ଙ୍କ ସମେତ ଅନ୍ୟ ବିଜେଡି ନେତୃବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ବିଜେପି ସରକାର ଅମଳ ରେ ରାଜ୍ୟ ରେ ଦରଦାମ୍ ବୃଦ୍ଧି ସହ ଅରାଜକତା, ହିଂସା ବୃଦ୍ଧି ପାଇଛି। ସବୁ କ୍ଷେତ୍ର ରେ ରାଜ୍ୟ ସରକାର ବିଫଳ ହୋଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ରେ ଗତ ଦୁଇ ବର୍ଷ ମଧ୍ୟ ରେ କୌଣସି ପ୍ରକାର ବିକାଶ ମୂଳକ କାର୍ଯ୍ୟ କରାଯାଇ ନାହିଁ। ପୂର୍ବ ବିଜେଡି ସରକାର ଅମଳ ରେ ମଞ୍ଜୁର ହୋଇଥିବା ବେଳେ ବିଭିନ୍ନ ପ୍ରକଳ୍ପ ଚାଲିଥିବା କାର୍ଯ୍ୟ ରେ ବିଲ୍ ପାସ୍ ବେଳେ ପିସି କାରବାର ଚାଲୁଛି। ଖୋର୍ଦ୍ଧା ପୌର କାର୍ଯ୍ୟାଳୟ ରେ ବେଆଇନ କାର୍ଯ୍ୟ ଚାଲୁଛି। ଖୋର୍ଦ୍ଧା ଅଞ୍ଚଳ ରେ ଜୀବନ ଜୀବିକା ନିର୍ବାହ ପାଇଁ ମୁଖ୍ୟ ଭାବେ ପାହାଡ ଏବଂ କ୍ରଶର ଦିର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଛି। ସହର କୁ ସରସ ସୁନ୍ଦର୍ କରିବା ପାଇଁ କ୍ୟାବିନ ଉଚ୍ଛେଦ କରାଯାଇଛି। ଖୋର୍ଦ୍ଧାର ବିଭିନ୍ନ ଚିକିତ୍ସାଳୟ କର ଆୟୁଷ୍ମାନ କାର୍ଡ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବାରୁ ଅନେକ ଗରିବ ରୋଗୀ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି। ଏହିଭଳି ଅନେକ ସମସ୍ୟା କୁ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା ଆସନ୍ତା ୫ତାରିଖ ରେ ସକାଳ ୮ଟାରେ ସ୍ଥାନୀୟ ଗୀତା ଭବନ ରୁ ବାହାରି ସହର ର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟ ରେ ଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରେ ଖୋର୍ଦ୍ଧା ବ୍ୟତୀତ, ବେଗୁନିଆ ବୋଲଗଡ, ଜଟଣୀ , ଚିଲିକା, ଜୟଦେବ ନିର୍ବାଚନ ମଣ୍ଡଳୀ ର ବିଜେଡି ନେତୃବୃନ୍ଦ ସହ କର୍ମୀ ଯୋଗ ଦେବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ପୋଖରୀରେ ଭାସୁଥିବା ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ : ହତ୍ୟା ସନ୍ଦେହ କରିଛନ୍ତି ଗ୍ରାମବାସୀ

ବୈଶିଙ୍ଗା , ୦୩/୬ (ନି.ପ୍ର): ପାଣିରେ ପଡି ମୃତ୍ୟୁ ହୋଇଥିବା ଜନୈକ ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ନୂଆସାହି ଗ୍ରାମରେ ।ମୃତକ ଜଣକ ହେଲେ ଜୁଜା ମାଝିଙ୍କ ୪୦ ବର୍ଷିୟ ସ୍ତ୍ରୀ ସରସ୍ୱତୀ ମାଝି। ପ୍ରାପ୍ତ ସୂଚନା ମୁତାବକ ସରସ୍ୱତୀ ପୂର୍ବରୁ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅଞ୍ଚଳରେ ବାବୁ ମାଝିଙ୍କୁ ବିବାହ କରିଥିବା ବେଳେ ତାଙ୍କର ସନ୍ତାନ ମଧ୍ୟ ଥିବା ଜଣାପଡିଛି। ପରେ ସେ ଦୁଇବର୍ଷ ହେବ ସେହିଥାନା ଅଧିନ ଝାମ୍ପୁରା ଉପକଣ୍ଠ ଶିରକଣା ଗ୍ରାମର ଜୁଜା ମାଝିଙ୍କୁ ଦ୍ୱିତୀୟ ବିବାହ କରି ଛଅ ମାସ ହେବ ଗଡଦେଉଳିଆ ପଞ୍ଚାୟତର ପୋଖରୀସାହି ଗ୍ରାମର ସୁପଲ ସିଂ ନୂଆସାହି ଗ୍ରାମରେ ନିର୍ମାଣ କରିଥିବା ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଭଡା ନେଇ ଉଭୟ ସ୍ୱାମୀ ସ୍ତ୍ରୀ ରହୁଥିଲେ। କିଛିଦିନ ହେବ ନୂଆସାହି ଗ୍ରାମର ଯୁବକ ମାନଙ୍କ ସହିତ ଜୁଜା ଛତିଶଗଡ ରାଜ୍ୟକୁ କାମ କରିବାକୁ ଯାଇଥିବା ବେଳେ ସ୍ତ୍ରୀ ସରସ୍ୱତୀ ଭଡା ଘରେ ଏକୁଟିଆ ରହୁଥିଲେ। ଆଜି ସକାଳେ ଗ୍ରାମର ଲୋକମାନେ ଶୌଚ ହେବାକୁ ଯାଇଥିବା ବେଳେ ସରସ୍ୱତୀଙ୍କ ଭଡାଘର ପାର୍ଶ୍ୱରେ ଥିବା ଏକ ଜଳାଶୟରେ ସରସ୍ୱତୀର ମୃତଦେହ ଦେଖିବାକୁ ପାଇଥିଲେ ।ତେବେ ସରସ୍ୱତୀ ବୁଡିଥିବା ଖାତରେ ମାତ୍ର ଆଣ୍ଠୁଏ ପାଣି ଅଛି। ଏତିକି ପାଣିରେ କିପରି ବୁଡିଲା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଜଳାଶୟ ନିକଟରେ ହଳେ ଚପଲ ଓ ସରସ୍ୱତୀଙ୍କ ମୋବାଇଲ ଥିବା ମଧ୍ୟ ଦେଖିବାକୁ ମିଳୁଛି। ତେବେ ଗ୍ରାମବାସୀ ଏହି ବାବଦକୁ ପୁଲିସକୁ ଖବର ଦେବା ସହିତ ମୃତକଙ୍କ ସ୍ୱାମୀଙ୍କୁ ମଧ୍ୟ ଜଣାଇଛନ୍ତି ।ମୃତକଙ୍କ ସ୍ୱାମୀ ଖବର ପାଇ ଆସିବା ପାଇଁ ଗାଡିରେ ବସିଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାରିପଦା ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ପଠାଇଛନ୍ତି। ଏ ନେଇ ବୈଶିଙ୍ଗା ଥାନାରେ ୨୬/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ଚାଲୁ ରହିଥିବାର ଏସଆଇ ସରୋଜ କୁମାର ଜେନ ପ୍ରକାଶ କରିଛନ୍ତି ।

# ଉଦଳା ରୋଟାରି କ୍ଲବର ଆତ୍ମୀୟତାର ମହକରେ ରହିଛି ସ୍ୱତନ୍ତ୍ର ଆକର୍ଷଣ : ମଧୁସ୍ମିତା

ଉଦଳା, ୦୩/୬ (ନି.ପ୍ର): ରୋଟାରି ଜିଲ୍ଲା – ୩୨୬୨ର ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଚଳିତ ଜୁନ ୨ ତାରିଖ ମଙ୍ଗଳବାର ଦିନ ଅଫିସିଆଲ ଭିଜିଟରେ ଉଦଳା ଆସିଥିଲେ । ଉଦଳା ରୋଟାରି କ୍ଲବ ତରଫରୁ ଏହି ଅବସରରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଗଭର୍ଣ୍ଣର ଶ୍ରୀଯୁକ୍ତ ତ୍ରିପାଠୀ ଦିବସବ୍ୟାପି ଉଦଳାରେ ରହିବା ସହ ରୋଟାରି କ୍ଲବ ତରଫରୁ ହାତକୁ ନିଆଯାଇଥିବା ବିଭିନ୍ନ ଯୋଜନା ଯଥା- ବୃଦ୍ଧାଶ୍ରମ, ଅନାଥ ଆଶ୍ରମ, ମେଡ଼ିକାଲ କଲେଜ, ବସ୍ତ୍ର ବିତରଣ କେନ୍ଦ୍ର ଇତ୍ୟାଦି ପରିଦର୍ଶନ କରିଥିଲେ । ଏହାପରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି, ଉଦଳା ରୋଟାରି କ୍ଲବର କାର୍ଯ୍ୟକଳାପକୁ ଯେତେ ପ୍ରଶଂସା କଲେ ମଧ କମ୍ ହେବ ବୋଲି ବ୍ୟକ୍ତ କରିଥିଲେ । ମାତ୍ର ୮ ବର୍ଷ ସମୟ ମଧ୍ୟରେ ଉଦଳା ରୋଟାରି କ୍ଲବ ଯେଉଁଭଳି କାମ କରି ଦେଖାଇଛି ତାହା ଆଜି ସମଗ୍ର ରାଜ୍ୟ ପାଇଁ ଦୃଷ୍ଟାନ୍ତ ପାଲଟି ଯାଇଛି ବୋଲି କହିବା ସହ ଏଥିପାଇଁ ପୃଥିବିର ବିଭିନ୍ନ ଦେଶରେ ଥିବା ରୋଟାରି କ୍ଲବ ମାନଙ୍କରେ ଉଦଳାର ନାମ ଚର୍ଚ୍ଚାର ପରିସରକୁ ଆସୁଛି ବୋଲି କହିଥିଲେ । ଶେଷରେ ଉଦଳା ରୋଟାରି କ୍ଲବର ସଦସ୍ୟ ମାନଙ୍କର ନାମକୁ ନେଇ ଏକ ସ୍ୱରଚିତ କବିତା ପାଠ କରିଥିଲେ। ଯାହାକି ବେଶ ମନଛୁଆଁ ହୋଇଥିଲା । ଉଦଳା ରୋଟାରି କ୍ଲବର ସଭାପତି ପୁର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଏହି ସଭାରେ ଅଧ୍ୟକ୍ଷତା କରିବା ସହ ଉଦଳା କ୍ଲବର ପ୍ରତିଷ୍ଠାତା ଇଂ. ସୁବାଶ ଚନ୍ଦ୍ର ପଣ୍ଡା ଦାନ କରିଥିବା ଜମି ଉପରେ ବର୍ତମାନ ବୃଦ୍ଧାଶ୍ରମ ପାଇଁ ଗୃହ ନିର୍ମାଣ କାମ ଆଗେଇ ଚାଲିଛି । ଏଥିପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ ଜଣାଇଥିଲେ । ରୋଟାରି କ୍ଲବର ଫାଷ୍ଟ ଲେଡ଼ି ତଥା ଇନରହୁଇଲ ଜିଲ୍ଲା- ୩୨୬ ର ସଭାପତି ମଧୁସ୍ମିତା ତ୍ରିପାଠୀ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଉଦଳା ରୋଟାରି କ୍ଲବରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । ଉଦଳା ରୋଟାରି କ୍ଲବର ଆତ୍ମିୟତାର ମହକରେ ଥିବା ସ୍ୱତନ୍ତ୍ର ବାସ୍ନା ଆଜି କିପରି ସମସ୍ତଙ୍କୁ ଆକୃଷ୍ଟ କରିଛି ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ସଂପାଦକ ସୁଦର୍ଶନ ପ୍ରଧାନ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ବିବରଣି ପାଠ ଓ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ପରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉଦଳା ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଥମ ୫ ଜଣ ଯଥା- ମୋହିତ କୁମାର ପଟ୍ଟନାୟକ, ଆଦ୍ୟାଶା ପରିଡ଼ା, ଜ୍ୟୋତି ରଂଜନ ବେହେରା, ଲୋକନାଥ ବେହେରା, ଶାଶ୍ୱତ ପରିଡ଼ାଙ୍କ ସମେତ ଉଦଳା ଡ଼ାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀ ଡ଼ା. ଲକ୍ଷ୍ମୀକାନ୍ତ ପତି, ରିତାଜଂଳି ପୁଥାଳ, ବିଭିଦତ ସାମଲ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ତାବିର ମୁଖୀ, ଗଜେନ୍ଦ୍ର ବେହେରା, କୃପାସିନ୍ଧୁ ମୁଖି ପ୍ରମୁଖଙ୍କୁ କ୍ଲବ ତରଫରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ଉପସଭାପତି ପୁର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ଉତ୍ସବର ଯବନିକା ପକାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଉଦଳା ରୋଟାରି କ୍ଲବ ଓ ଇନରହୁଇଲ କ୍ଲବର ସମସ୍ତ ସଦସ୍ୟ ସଦସ୍ୟା ବୃନ୍ଦ ମିଳିମିଶି ସହଯୋଗ କରିଥିଲେ ।

# ଦେବେନ୍ଦ୍ର ଆଚାର୍ଯ୍ୟ ପାଇବେ 'ପ୍ରକୃତି ବନ୍ଧୁ' ପୁରସ୍କାର

ରୁସ୍ମା, ୦୩/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ପିତା - ଚକ୍ରଧର ଆଚାର୍ଯ୍ୟ ଓ ମାତା - ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଏକ ମାତ୍ର ପୁତ୍ର ଦେବେନ୍ଦ୍ର । ପିଲାଟି ଦିନରୁ ବିଦ୍ୟାଳୟରେ ପଢିବା ସମୟରେ ସମାଜ ପାଇଁ କିଛି କରିବାର ଇଚ୍ଛା ନେଇ ଆଗକୁ ବଢ଼ିଛନ୍ତି। ନୀଳମଣି ମହାବିଦ୍ୟାଳୟ, ରୁସ୍ମା ରେ ଉଚ୍ଚଶିକ୍ଷାରେ ଅଧ୍ୟୟନ କରିବା ସମୟରେ ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରି ସମାଜସେବା, ନିଶା ନିବାରଣ, ପରିବେଶ ସୁରକ୍ଷା, ରକ୍ତଦାନ ଏମିତି ଅନେକ କିଛି କାର୍ଯ୍ୟକୁ ନିଜ ଜୀବନର ବ୍ରତଭାବରେ ଗ୍ରହଣ କରିଥିଲେ, ପରିବେଶ ସୁରକ୍ଷା ତଥା ସମାଜସେବା ପାଇଁ ନିକଟରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ନୂଆଦିଲ୍ଲୀ ସ୍ଥିତ



ରାଷ୍ଟ୍ରପତି ଭାବନର ଗଣତନ୍ତ୍ର ମଣ୍ଡପରେ ପୁରସ୍କାର ପ୍ରାପ୍ତ ହୋଇଥିଲେ। ମାତ୍ର ୨୪ ବର୍ଷ ବୟସରେ ଏହିପରି ପରିବେଶ ସୁରକ୍ଷା, ପାଞ୍ଚ ଶହରୁ ଅଧିକ ବୃକ୍ଷ ରୋପଣ ସହ ତାକୁ ବଞ୍ଚେଇ ରଖିଛନ୍ତି, ଏଥି ସହ ସ୍ୱାସ୍ଥ୍ୟ ସେବା, ବନାଗ୍ନି ସଚେତନତା, ବନ୍ୟପ୍ରାଣୀ ସୁରକ୍ଷା, ଗଜସୁରକ୍ଷା ସଚେତନତା, ସ୍ୱଚ୍ଛ ଭାରତ ଅଭିଯାନ ଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ ମାନକରି ଆସନ୍ତା ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବନାଞ୍ଚଳ ଅଧିକାରୀ, ବେତନଟୀ ରେଞ୍ଜ୍ ଅଧିନରୁ ପ୍ରାପ୍ତ ବିଜ୍ଞପ୍ତିରେ ଦେବେନ୍ଦ୍ର ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ପ୍ରକୃତି ବନ୍ଧୁ' ସମ୍ମାନରେ ସମ୍ମାନିତ ହେବାକୁ ଯାଉଛନ୍ତି । ଏଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ତାଙ୍କ ପାଖକୁ ଛୁଟିଛି ।

# ଚୋରାକାଠ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି କୁଲଡ଼ିହା ଅଭୟାରଣ୍ୟ: କାଟିନେଲେ ବଡ଼ବଡ଼ ମୂଲ୍ୟବାନ ଗଛ

ନୀଳଗିରି, ୦୩/୬ (ନି.ପ୍ର): ଏବେ ଚୋରା କାଠବେପାରୀଙ୍କ ଲଲୁପ ଦୃଷ୍ଟି ପଡିଛି କୁଲଡ଼ିହା ଅଭୟାରଣ୍ୟ ଉପରେ। ଅତି ଚତୁରତାର ସହ କାଠ ବେପାରୀମାନେ ବଡ଼ବଡ଼ ମୂଲ୍ୟବାନ ଗଛକାଟି ନେଉଥିବା ବେଳେ ଗଣ୍ଡି ଗୁଡ଼ିକ ଉପରେ ଡାଳପତ୍ର ପକାଇ ଲୁଚାଇ ରଖିଥିବାର ଦେଖିବାକୁ ମିଳିଛି। ସମୟ ସୁଯୋଗ ପାଇଲେରାତତା ରାତି ସେଗୁଡ଼ିକୁ ଚାଲାଣ କରିଥାନ୍ତି। ଏପରି ଏକ ଦୃଶ୍ୟ କୁଲଡ଼ିହା ଅଭୟାରଣ୍ୟ ବାଲିଆନାଳ ବିଟ୍ ହାଉସ୍ ରୁ ଅଳ୍ପ ଦୂରରେ ଏହି ସବୁ ମୂଲ୍ୟବାନ ଗଛ କଟା ଯାଇଥିବାର



ଦେଖିବାକୁ ମିଳିଛି। ବନ ବିଭାଗର କର୍ମଚାରୀମାନେ ଦିନ ରାତି ସଜାଗ ରହୁଥିବା ବେଳେ କିପରି ଜାଣି ପାରୁନାହାନ୍ତି, ତାହା ଏବେ ସନ୍ଦେହ ଘେରରେ। ବାଲେଶ୍ୱର ଡିଏଫ୍ ଓ ଏଥିପ୍ରତି ଦୃଷ୍ଟିଦେବା ସହ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାପାଇଁ ସାଧାରଣରେ ଦାବି ହେଉଛି।

# ଭଦ୍ରକ ଜିଲ୍ଲା ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

## ଗୟାଧର ଦାସ ଥିଲେ ବାମପନ୍ଥୀ ଚିନ୍ତାଧାରାର ଦ୍ରୁତଗାମୀ ପଥିକ

ବାସୁଦେବପୁର,୨/୬(ନି.ପ୍ର.) ବିଶିଷ୍ଟ ବାମପନ୍ଥୀ ନେତା ତଥା କାଞ୍ଚିଜେମା'ର ସ୍ରଷ୍ଟା ଗୟାଧର ଦାସଙ୍କ ଏକାଦଶାହ ସ୍ମୃତିସଭା ପଦ୍ମପୁର ମେଳକସାହି ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ଯୋଗଦେଇ ବାମପନ୍ଥୀ ଆଦର୍ଶର ଦୃଢ଼ପଥିକ ଓ ପ୍ରସିଦ୍ଧ ଐତିହାସିକ କାବ୍ୟ 'କାଞ୍ଚିଜେମା'ର ଅମର ସ୍ରଷ୍ଟା କବି ଗୟାଧର ଦାସଙ୍କ ଅନ୍ତରାତ୍ମା ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରି କବିଙ୍କ ସାରସ୍ୱତ ଜୀବନୀ ଓ ସାମାଜିକ ପ୍ରତିବଦ୍ଧ ଆଦର୍ଶ ପ୍ରତିଭା ଉପରେ ଆଲୋକପାତ କରିଥିଲେ। 'ବାଇଚଢେଇ' ସମ୍ପାଦକ ବିକାଶ ଶତପଥୀ ପ୍ରାରମ୍ଭିକ ଅଭିଭାଷଣ ଓ ବେଦପାଠ କରିଥିଲେ। ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ହୃଦାନନ୍ଦ ପାଣିଗ୍ରାହୀ, 'ଅମାପ ଅନ୍ଧାର'ର କବି ତଥା ରାଜନେତା ଦୀନବନ୍ଧୁ ପତି, ତିହିଡ଼ି ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, କମ୍ରେଡ୍ ତଥା ବିଶିଷ୍ଟ ବାମପନ୍ଥୀ ନେତା ବୈଲୋଚନ ଜେନା, ନେତ୍ରୀ ବନଲତା ଜେନା, ଶିକ୍ଷାବିତ୍ ଦୁଃଶାସନ ରାଉତ, ପାଳିଆବିନ୍ଧା କଲେଜ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ା, ବାସୁଦେବପୁର କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଷ୍ଣୁମୋହନ ସ୍ୱାଇଁ, ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଅଭୟ କୁମାର ଦାସ, ଅଧ୍ୟାପକ ମନୀନ୍ଦ୍ର ଦୀକ୍ଷିତ, ଅଧ୍ୟାପକ ଅଭିମନ୍ୟୁ ମାହୁନ୍ତ ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ, ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ସାମ୍ବାଦିକ ପ୍ରଭାତ ରାଉଳ, ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ, ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ, କବି ଶିବସୁନ୍ଦର ସାହୁ, ଓଡ଼ିଶା ଲଳିତକଳା ଏକାଡ଼େମୀ ସମ୍ମାନପ୍ରାପ୍ତ ଗୌରାଙ୍ଗ ବାରିକ୍, ଅଧିବକ୍ତା ଗଦାଧର ବଳ, କମ୍ରେଡ୍ ହରିହର ବେହେରା, ଅଧ୍ୟାପକ ଅଜୟ ପାତ୍ର, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ୍, ଡକ୍ଟର ବସନ୍ତ କୁମାର ଦାଶ, କବି ଦେବେନ୍ଦ୍ରନାଥ ମହାଳିକ, ଗାଳ୍ପିକ କୈଳାସ ବେହେରା, କବି ନିରଞ୍ଜନ ବାରିକ୍, ସାହିତ୍ୟିକ ବିସ୍ମୟ ବିହାରୀ ସାହୁ, ଯୁବନେତା ଉମାକାନ୍ତ ଦାସ, କବି ସଦାନନ୍ଦ ପାଣିଗ୍ରାହୀ, ଶଶାଙ୍କ ଶେଖର ଦାଶ, ସଞ୍ଜୟ କୁମାର ଜେନା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଅଧିବକ୍ତା କମ୍ରେଡ୍ ବିଷ୍ଣୁ ଦାଶ, ଅଧିବକ୍ତା ମନୋରଞ୍ଜନ ଦାସ, ବୟାକରଣିକ ଅଶ୍ୱିନୀ କୁମାର ମହାନ୍ତି, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, କାର୍ତ୍ତିକ ଦାସ, ଶଶୀଭୂଷଣ ଦାସ, ଅଧ୍ୟାପକ ତପନ କୁମାର ନାୟକ, ଡକ୍ଟର ଗୋବିନ୍ଦ ଚନ୍ଦ୍ର ବାଗ୍, ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ସମାଜସେବୀ ଧୀରେନ୍ଦ୍ର ସାହୁ, ଶିକ୍ଷାବିତ୍ ଦୁର୍ଗାପ୍ରସନ୍ନ ନାୟକ, ସାମ୍ବାଦିକ କାଳୀପଦ ରାୟ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଦାସ ବିୟୋଗ ପ୍ରଗତିବାଦୀ ଆନ୍ଦୋଳନ ଓ ସାଂସ୍କୃତିକ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ତପନ କୁମାର ଦାସ, ଅଜୟ କୁମାର ଦାସ, ରଞ୍ଜନ କୁମାର ଦାସ, ନିରଞ୍ଜନ ଦାସ, ଜ୍ଞାନରଞ୍ଜନ ଦାସ, ଅମିୟ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତ ଦାସ ଜ୍ୟେଷ୍ଠପୁତ୍ର ବିଶିଷ୍ଟ ସ୍ତମ୍ଭକାର ଡକ୍ଟର ବିଶ୍ୱରଂଜନ ଦାସ ଶେଷସ୍ପର୍ଶ ପ୍ରଦାନ କରିଥିଲେ ଓ କନିଷ୍ଠପୁତ୍ର ବମ୍ବେ ହାଇକୋର୍ଟର ଅଧିବକ୍ତା ଚିତ୍ତରଞ୍ଜନ ଦାସ ସଭା ସଂଚାଳନ କରିଥିଲେ।

## ବିଶେଷ ଲୋକ ଅଦାଲତ ସମାଧାନ ସମାରୋହ ଆସନ୍ତା ଅଗଷ୍ଟ ମାସ ୨୧ରୁ ଆରମ୍ଭ

ଭଦ୍ରକ, ୦୩/୬ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ସୂଚନା ଦିଆଯାଇଛି ଯେ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ) -୨୦୨୬ ଆସନ୍ତା ଅଗଷ୍ଟ ମାସ ୨୧, ୨୨, ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଅଛି। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା ଏବଂ ଏହି ସୁଯୋଗର ସଦୁପଯୋଗ କରିବା। ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିବାଦର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରଧୀକାରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ଆଇନସେବା ପ୍ରଧୀକାରଣ ପକ୍ଷରୁ କୁହାଯାଇଛି।

# ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଘରକୁ ପେଟ୍ରୋଲ ବୋମାମାଡ ଘଟଣା: ୩ ଅଭିଯୁକ୍ତ କୋର୍ଟ ଚାଲଣ

## ମୁଖ୍ୟ ଅଭିଯୁକ୍ତକୁ ଗିରଫ ପାଇଁ ପୋଲିସ୍‌ର ବିଭିନ୍ନ ସ୍ଥାନରେ ଚଢାଉର ସୂଚନା ଦେଲେ ଏସପି

ପାରାଦୀପ, ୦୩/୬ (ନି.ପ୍ର): ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଘରକୁ ବୋମାମାଡ ଘଟଣାରେ ପାରାଦୀପ ପୋଲିସ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲଣ କରିଛି ପୋଲିସ୍ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ମଧୁବନ ଅଂଚଳର ଗଜେନ୍ଦ୍ର ପରିଡାଙ୍କ ପୁଅ ଜ୍ୟୋତିକାନ୍ତ ପରିଡା (ବାପୁ) ବୋଲି ବୁଧବାର ଦିନ ମଧ୍ୟାହ୍ନରେ ପାରାଦୀପ ଥାନାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲା ଏସପି ଅଙ୍କିତ ବର୍ମା । ଗତ ଶନିବାର ସଂନ୍ଧ୍ୟାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ମଧୁବନସ୍ଥିତ ବାସଭବନରେ ୩ଜଣ ଅଭିଯୁକ୍ତ ଏକ ମୋଟର ସାଇକେଲ୍‌ରେ ଆସି ତିନି ଗୋଟି ପେଟ୍ରୋଲ ବୋମା ପକାଇ ଫେରାର ହୋଇଯାଇଥିଲେ । ଏହି ଦିନ ରାତିରେ ନଗରପାଳ ଶ୍ରୀ ବିଶ୍ୱାଳ ପାରାଦୀପ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପାରାଦୀପ ପୋଲିସ୍ ୧୪୭/



୨୬ରେ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ କରି ୯ଜଣଙ୍କୁ ଥାନାକୁ ଆଣି ଅଟକ ରଖି ଜେରା କରିଥିଲା । ତଦନ୍ତ ସମୟରେ ପୋଲିସ୍ ପାରାଦୀପ ବୃନ୍ଦାବନ କଲୋନୀ ଅଂଚଳର ଦୂର୍ଯ୍ୟୋଧନ ପ୍ରଧାନଙ୍କ ପୁଅ ତ୍ରିଲୋଚନ ପ୍ରଧାନ (ଟୁଲୁ) ପ୍ରଥମେ ପଚରାଉଚରା କରିବା ସମୟରେ ତା ସହିତ ମଧୁବନ ଅଂଚଳର ଶିବରାମ ପଲେଇଙ୍କ ପୁଅ ସୌମ୍ୟରଂଜନ (ହାପି) ଏବଂ ସେହି ଅଂଚଳର ବିକ୍ରମ ବିଶ୍ୱାଳଙ୍କ ପୁଅ ସିଦ୍ଧାନ୍ତ ବିଶ୍ୱାଳ (ହନୁଆ) ଥିବା ଜଣା ପଡିଥିଲା । ଏହା ପରେ ପୋଲିସ ସେ ଦୁଇ ଜଣଙ୍କୁ ଧରି ଜେରା କରିବା ପରେ ଘଟଣା ପଛରେ ବାପୁ ପରିଡାଙ୍କ ସଂପୃକ୍ତି ଜଣା ପଡିଥିଲା । ମ୍ୟୁନିସିପାଲିଟି କାମ ନେବାକୁ ନେଇ ନଗରପାଳ ଶ୍ରୀ ବିଶ୍ୱାଳଙ୍କ ସହିତ ବାପୁ ପରିଡାଙ୍କ ମତଭେଦ ଥିଲା । ଏହି କାରଣରୁ ବାପୁ ପରିଡା ଇଙ୍ଗିତରେ ଏହି ୩ ଅଭିଯୁକ୍ତ ନଗରପାଳ ଶ୍ରୀ ବିଶ୍ୱାଳଙ୍କୁ ଭୟଭୀତ କରାଇବା ପାଇଁ ପେଟ୍ରାଲ ବୋମା ମାଡ କରିଥିବା ନେଇ ଏସପି ଶ୍ରୀ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ବାପୁ ପରିଡାକୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଗଠନ କରାଯାଇଥିବା ନେଇ ସେ ସୂଚନା ଦେଇଥିଲେ । ଗିରଫ ୩ ଅଭିଯୁକ୍ତଙ୍କୁ ପୋଲିସ୍ ବୁଧବାର ଦିନ ଅପରାହ୍ନରେ କୋର୍ଟ ଚାଲଣ କରିଛି ।

# ୭ମାସ ପରେ ବସିଲା ଖଇରା ପଞ୍ଚାୟତ ସମିତି ବୈଠକ: ପୂର୍ବ ବୈଠକ ଆଲୋଚନାରେ ଚାଲିଗଲା ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ



ଖଇରା, ୦୩/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ତ୍ରୟୋଦଶ ଅଧିବେସନ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧ୍ୟକ୍ଷା ଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ପୁର୍ବପାଠର ଆଲୋଚନାରେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଥିଲା । ୨ମାସ ବ୍ୟବଧାନ ପରେ ବୈଠକ ବସିବାର ନିୟମ ଥିବା ବେଳେ ୭ମାସ ପରେ ବୈଠକ ବସିବାକୁ ନେଇ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ସମେତ ବହୁ ଲୋକପ୍ରତିନିଧି ଉଦବେଗ ପ୍ରକାଶ କରିଥିଲେ । ସେହି ବିବରଣୀରେ ଲେଖାରେ ବହୁ ତୃଟି ଥିବା ନେଇ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଓ ଜଳଦା ସମିତି ସଭ୍ୟ ରମାକାନ୍ତ ମହାନ୍ତି ଅସନ୍ତୋଷ ପ୍ରକାଶ କରିଥିଲେ । ଗ୍ରାଣ୍ଟ-ଇନ-ଏଡ ପାଣ୍ଠିରେ ନିର୍ମିତ ହେଉଥିବା ପ୍ରକଳ୍ପ ପାଇଁ ସମିତିସଭ୍ୟଙ୍କୁ ସୁଚନା ଦିଆଯାଉନଥିବା ନେଇ ରଟିଣା ସମିତିସଭ୍ୟ ଛବିଲତା ମହାପାତ୍ର ଅଭିଯୋଗ କରିଥିଲେ । ପାନୀୟ ଜଳ ଓ ପରିମଳ ପ୍ରସଙ୍ଗରେ ଆସନ୍ତା ୧୦ତାରିଖ ଦିନ ଅନ୍ୟଏକ ବୈଠକ ଡକାଯିବାକୁ ସ୍ଥିର କରାଯାଇଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା କୃଷି,ଉଦ୍ୟାନ ଓ ବିକଶିତ ଗାଁ ବିକଶିତ ଓଡିଶା ଭଳି ବିଭିନ୍ନ ବିଷୟ ଉପରେ ନିଜ ମତ ରଖିବା ପରେ କୁପାରୀ ଠାରେ ୩୦କୋଟି ଟଙ୍କା ବ୍ୟୟରେ ଏକ ବସ ଟର୍ମିନାଲ ନିର୍ମାଣ ହେବା ନେଇ ଟେଣ୍ଡର ପ୍ରକ୍ରିୟା ଚାଲିଛି ଓ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ପାଇଁ ନିମନ୍ତ୍ରଣ କରାଯିବା ବୋଲି କହିଥିଲେ । ଉକ୍ତ ବୈଠକରେ ଏମପି ଅଭିମନ୍ୟୁ ସେଠୀ ଅନୁପସ୍ଥିତ ଥିବା ବେଳେ ବିଡିଓ ନାରାୟଣ ସାହୁ,ତହସିଲଦାର ଅନୁପ କୁମାର ବେହେରା,ଅବକାରୀ ଥାନା ଅଧିକାରୀ ପ୍ରହଲ୍ଲାଦ ସାମଲ,ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀ,ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ,ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନରେ ବି.ଏଡ୍. ଓ ଏମ୍.ଏଡ୍. ପାଠ୍ୟକ୍ରମ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ପତ୍ର ଲେଖିଲେ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ

ବାରିପଦା, ୦୩/୬ (ନି.ପ୍ର): ଓଡ଼ିଶାର ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବି.ଏଡ୍. ଓ ଏମ୍.ଏଡ୍. ପାଠ୍ୟକ୍ରମ ଆରମ୍ଭ କରିବା ସମ୍ପର୍କରେ ଏକ ନୀତିଗତ ନିଷ୍ପତ୍ତି ନେବାକୁ ପୂର୍ବତନ ସାଂସଦ ତଥା ବରିଷ୍ଠ ନେତ୍ରୀ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଏହି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଏକ ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ସରକାରୀ ବି.ଏଡ୍. କଲେଜର ସଂଖ୍ୟା ଛାତ୍ରଛାତ୍ରୀଙ୍କ ଚାହିଦା ତୁଳନାରେ ଅତ୍ୟନ୍ତ କମ୍। ଫଳରେ ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବି.ଏଡ୍. ଓ ଏମ୍.ଏଡ୍. ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଯିବାକୁ ବାଧ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଅର୍ଥ ବ୍ୟୟ କରିବା ସହିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ମମତା ମହାନ୍ତ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷକ ଶିକ୍ଷାର ବ୍ୟାପକ ବିକାଶ ଆବଶ୍ୟକ ହୋଇପଡ଼ିଛି। ରାଜ୍ୟର ବହୁ ବେସରକାରୀ କଲେଜ ଓ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଭିତ୍ତିଭୂମି ଓ ଶିକ୍ଷାଦାନ ସୁବିଧା ରହିଥିବା ସତ୍ତ୍ୱେ ବି.ଏଡ୍. ଓ ଏମ୍.ଏଡ୍. ପାଠ୍ୟକ୍ରମ ଆରମ୍ଭ ପାଇଁ ସରକାରୀ ଅନୁମତି ମିଳୁନାହିଁ। ଏହା ଫଳରେ ରାଜ୍ୟର ଶିକ୍ଷକ ଶିକ୍ଷା କ୍ଷେତ୍ରରେ ଉନ୍ନତି ବାଧାପ୍ରାପ୍ତ ହେଉଛି। ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, କ୍ୟାବିନେଟ୍ ସ୍ତରରେ ଏକ ନୀତିଗତ ନିଷ୍ପତ୍ତି ନେଇ ବେସରକାରୀ କଲେଜଗୁଡ଼ିକରେ ସ୍ୱୟଂ ଅର୍ଥାୟନ ମୋଡ୍‌ରେ ବି.ଏଡ୍. ଓ ଏମ୍.ଏଡ୍. ପାଠ୍ୟକ୍ରମ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଉ। କ୍ୟାବିନେଟ ନିଷ୍ପତି ହେଲେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକୁ ବି ଏଡ୍ କୋର୍ସ ଖୋଲିବାକୁଅନୁମତି ଦେଇ ପାରିବେ। ଏହା ଦ୍ୱାରା ରାଜ୍ୟରେ ଶିକ୍ଷକ ପ୍ରଶିକ୍ଷଣର ସୁଯୋଗ ବଢ଼ିବା ସହ ଅନେକ ଛାତ୍ରଛାତ୍ରୀ ନିଜ ରାଜ୍ୟରେ ରହି ଉଚ୍ଚ ଶିକ୍ଷା ଲାଭ କରିପାରିବେ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଦିଗ ସୃଷ୍ଟି ହେବା ସହିତ ଶିକ୍ଷକ ଶିକ୍ଷାର ଗୁଣାତ୍ମକ ବିକାଶ ଓ ରୋଜଗାର ସୁଯୋଗ ବୃଦ୍ଧି ପାଇବ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରି ଶ୍ରୀମତୀ ମହାନ୍ତଙ୍କ ଏଭଳି ପ୍ରସ୍ତାବକୁ ସମର୍ଥନ ଦେଇଛନ୍ତି।

## ଦୁଇଟି ଏକ୍ସକାଭେଟର ଜବତ କଲା ଖଣି ବିଭାଗ

ବାଲେଶ୍ୱର, ୦୩/୬ (ନି.ପ୍ର): ବେଆଇନ ବାଲି ଉତ୍ତୋଳନ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ଗତ ୦୨.୦୬.୨୦୨୬ ତାରିଖ ରାତି ପ୍ରାୟ ୧୧.୧୫ ମିନିଟ୍ ସମୟରେ ଚାଲନ୍ତି ଅଞ୍ଚଳର ବେଆଇନ ବାଲିଘାଟ ଉପରେ ଖଣି ବିଭାଗ ପକ୍ଷରୁ ଏକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଖଣି ଅଧିକାରୀ ଶ୍ରୀ ଜଗନ ବେହେରା ଓ ଶ୍ରୀ ରୋହିତ କୁମାର ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ଥାନାର ଆଇଆଇସି ଏବଂ ଏପିଆର ଫୋର୍ସର ସହଯୋଗରେ ବେଆଇନ ବାଲି ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଦୁଇଟି ଏକ୍ସକାଭେଟର ଜବତ କରାଯାଇଥିଲା। ଚଢ଼ାଉ ସମୟରେ ଉକ୍ତ ଯନ୍ତ୍ରଗୁଡ଼ିକ ବାଲି ଉତ୍ତୋଳନ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଜଣାପଡ଼ିଥିଲା। ଜବତ ହୋଇଥିବା ଦୁଇଟି ଏକ୍ସକାଭେଟରକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଳେଶ୍ୱର କୋର୍ଟ ଷ୍ଟକ୍‌ୟାର୍ଡରେ ଅଟକ ରଖାଯାଇଛି। ବେଆଇନ ବାଲି ଉତ୍ତୋଳନ ଫଳରେ ପରିବେଶ ଏବଂ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବାରୁ ଏଭଳି କାର୍ଯ୍ୟକଳାପ ବିରୋଧରେ ଖଣି ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ କଠୋର ଚଢ଼ାଉ ଜାରି ରହିବ।

# ରେମୁଣା ବିଧାୟକଙ୍କ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ

ରେମୁଣା, ୦୩/୬ (ନି.ପ୍ର): ବୁଧବାର ସକାଳ ୧୦ ଘଟିକା ସମୟରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ନିର୍ବାଚନ ମଣ୍ଡଳୀର ଗଣ୍ଡର୍ଦ୍ଦା ଏବଂ ଦୁର୍ଗାଦେବୀ ପଞ୍ଚାୟତର ବିଭିନ୍ନ ଲୋକାଭମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ। ପ୍ରଥମେ ଗଣ୍ଡର୍ଦ୍ଦା ପଞ୍ଚାୟତରେ ଅଟକଳ ମୂଲ୍ୟ ୧,୨୨,୮୨,୮୯୯ ଟଙ୍କା ବ୍ୟୟରେ ହେବାକୁ ଥିବା ପତୁକାଶାସନ ଆର.ଡି. ରାସ୍ତା ଠାରୁ କ୍ଷୀରପଦା ମୟୁରଭଞ୍ଜ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ଅଟକଳ ମୂଲ୍ୟ ୧୬,୩୩,୦୦୦ ଟଙ୍କା ବ୍ୟୟରେ ହେବାକୁ ଥିବା ଶଙ୍କରପୁର ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ଅଟକଳ ମୂଲ୍ୟ ୬ ଲକ୍ଷ ଟଙ୍କାରେ ହେବାକୁ ଥିବା ଶଙ୍କରପୁର ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଆଦି ପ୍ରକଳ୍ପର ଶୁଭ



ଶିଳାନ୍ୟାସ କରିଥିଲେ। ଅନ୍ୟ ପକ୍ଷରେ ଦୁର୍ଗାଦ୍ୱେୀ ପଞ୍ଚାୟତରେ ଅଟକଳ ମୂଲ୍ୟ ୪,୭୨,୯୦,୮୯୨ ଟଙ୍କାରେ ହେବାକୁ ଥିବା ହରିଚନ୍ଦନପୁର ସ୍କୁଲ ଛକ ଭାୟା ସୁତାନଟି, କୁଡ଼ିଆ ଠାରୁ ସାମନ୍ତହାତୀ ରାସ୍ତାର ଉନ୍ନତିକରଣ ଏବଂ ଅଟକଳ ମୂଲ୍ୟ ୪,୮୨,୬୮,୫୭୯ ଟଙ୍କା ବ୍ୟୟରେ ହେବାକୁ ଥିବା ଦୁର୍ଗାଦେବୀ ଚଡଉ ରାସ୍ତା ଠାରୁ ବଗିଚାସାହି ରାସ୍ତା ଭାୟା ନାରଣପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ଏହି ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳର ଯାତାୟାତ ବ୍ୟବସ୍ଥା ସୁଦୃଢ଼ ହେବ। ଏହି ଅବସରରେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ଜିଲ୍ଲା ବିଜେପିର ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ (ମୁନା), ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ପୂର୍ବତନ ଗଣ୍ଡରଦା ସରପଞ୍ଚ ଗଜେନ୍ଦ୍ର ସେଠୀ, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ଜୟନ୍ତ ମଣ୍ଡଳ, କାଳୀଚରଣ ମାଝୀ, ରଘୁନାଥ ଦଳେଇ, ଦୁର୍ଗାଦେବୀ ପଞ୍ଚାୟତର ସରପଞ୍ଚ, ଚୈତନ୍ୟ ମାଝୀ, ଜୟକୃଷ୍ଣ ମାଝୀ, ଶ୍ରୀଧର ମହାନ୍ତି, କୁଳମଣି ବାରିକ, ସୋମନାଥ ମହାନ୍ତି, ହରିଶ ମହାନ୍ତି, ଯଦୁନାଥ ଗିରି, ସୁରେନ୍ଦ୍ର ମାଝୀ, ବିଳାସିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୋଇଲିସାହିରେ ବ୍ୟକ୍ତିଗତ ଜାଗାରେ ସରକାରୀ ରାସ୍ତା ନିର୍ମାଣକୁ ନେଇ ଥାନାରେ ଅଭିଯୋଗ

ବସ୍ତା, ୦୩/୬ (ନି.ପ୍ର): ବସ୍ତା ଥାନା କୋଇଲି ସାହି ଗାଁରେ ବ୍ୟକ୍ତିଗତ ଜାଗା ଉପରେ ସରକାରୀ ରାସ୍ତା ନିର୍ମାଣ କୁ ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏହି ବ୍ୟକ୍ତିଗତ ଜାଗାରେ ବିଭାଗୀୟ ଅଧିକାରୀ ଜବରଦସ୍ତ ରାସ୍ତା ନିର୍ମାଣ କାମ ଜାରି ରଖିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ବସ୍ତା ଥାନା କୁରାଡ଼ିହା ପଞ୍ଚାୟତ କୋଇଲି ସାହି ବାସିନ୍ଦା ବେଣୁଧର ଦାସଙ୍କ ସ୍ତ୍ରୀ ରତନୀ ଦାସ ପୁଲିସରେ ଏତାଲା ଦେଇ ଅଭିଯୋଗ କରିଛନ୍ତି ଯେ ବିଧାୟକଙ୍କ ହାତ ପାଣ୍ଠି ଅର୍ଥରୁ ତାଙ୍କ ଗ୍ରାମରେ ଏକ ରାସ୍ତା ନିର୍ମାଣ ହେଉଛି।ମାତ୍ର ରାସ୍ତା ନିର୍ମାଣ କରୁଥିବା ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ କେତେକ ବାସିନ୍ଦା ସରକାରୀ ଜାଗାରେ ନିର୍ମାଣ କରିବା ପରିବର୍ତ୍ତେ ରତନୀ ଦାସଙ୍କ ବ୍ୟକ୍ତିଗତ ଜାଗା ଉପରେ ରାସ୍ତା ନେଉଛନ୍ତି।ଘଟଣା ବାବଦରେ ରତନୀ ଦାସ ଓ ତାଙ୍କ ପରିବାର ପ୍ରତିବାଦ କରିବାରୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସଦର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସ୍ୱାଇଁ ଓଲଟି ନାନା ଧମକ ଦେଇ ଥିବା ଏତାଲାରେ ଦର୍ଶା ଯାଇଛି।ମାତ୍ର ଅଦ୍ୟାବଧି ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ।ଯଦି ନ୍ୟାୟ ନ ମିଳେ ଶ୍ରୀମତୀ ଦାସ ତାଙ୍କ ପରିବାର ସହ ଥାନା ଆଗରେ ଧାରଣା ଦେବେ ବୋଲି କହିଛନ୍ତି।ତେଣୁ ଜିଲା ପ୍ରଶାସନ ଏ ସମ୍ପର୍କ ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଖରା ଛୁଟି ପୂର୍ବରୁ ସ୍କୁଲ ପିଲାଙ୍କ ପାଖରେ ପହଞ୍ଚିବ ବହି

ଭୁବନେଶ୍ୱର, ୦୩/୬ (ନି.ପ୍ର): ଖରା ଛୁଟି ପୂର୍ବରୁ ସ୍କୁଲ ପିଲାଙ୍କ ପାଖରେ ପହଞ୍ଚିବ ବହି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ୯୦ ପ୍ରତିଶତ ବହି ଛପା ସାରିଲାଣି; ପିଲାଙ୍କ ପାଖରେ ପହଞ୍ଚୁଛି । ବାକି ୧୦ ପ୍ରତିଶତ ବହି ଖରା ଛୁଟି ପୂର୍ବରୁ ପିଲାଙ୍କ ପାଖରେ ପହଞ୍ଚିବ । ପ୍ରିଣ୍ଟିଂ ସମସ୍ୟା ପାଇଁ ବହି ଛପା ବିଳମ୍ବ ହୋଇଥିବା କଥାକୁ ମନ୍ତ୍ରୀ ସ୍ୱୀକାର କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida